بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସଂଖ୍ୟା 8

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

21 ଫେବୃୟାରୀ 2019   21 ତବ୍‌ଲିଗ୍ 1398 ହି.ଶ   15 ଜମାଦିଲ୍ ସାନି 1440 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

قُلۡ اِنۡ تُخۡفُوۡا مَا فِیۡ صُدُوۡرِکُمۡ اَوۡ تُبۡدُوۡہُ یَعۡلَمۡہُ اللّٰہُ ؕ وَیَعۡلَمُ مَا فِی السَّمٰوٰتِ وَمَا فِی الۡاَرۡضِ ؕ وَاللّٰہُ عَلٰی کُلِّ شَیۡءٍ قَدِیۡرٌ ○

(آل عمران:30)

**ଅନୁବାଦ** - ଅର୍ଥାତ୍ ତୁମ୍ଭେ (ସେମାନଙ୍କୁ) କୁହ, ''ତୁମମାନଙ୍କ ହୃଦୟରେ ଯାହାକିଛି ଅଛି ତୁମେମାନେ ତାହାକୁ ଗୋପନ ରଖ ବା ପ୍ରକାଶ କର । ଅଲ୍ଲାଃତାଲା ଜାଣନ୍ତି, ଏବଂ ଯାହାକିଛି ଆକାଶରେ ଅଛି ଓ ଯାହାକିଛି ପୃଥିବୀରେ ଅଛି ଅଲ୍ଲାଃତାଲା ତାହାକୁ ମଧ ଜାଣନ୍ତି, ଏବଂ ଅଲ୍ଲାଃ ପ୍ରତ୍ୟେକ ବିଷୟ କରିବାକୁ ସକ୍ଷମ । (ଆଲେ ଇମ୍‌ରାନ୍:୩୦)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍ରିହି ୱ ଅମ୍ରିହି ॥**

---

ବିରୋଧିମାନଙ୍କ ସହିତ ଶତ୍ରୁତାପୂର୍ଣ୍ଣ ବ୍ୟବହାର କରିବା ଉଚିତ୍ ନୁହେଁ ଅଧିକନ୍ତୁ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ଉଚିତ୍ ।
ଲୋକମାନେ ତୁମକୁ ଦୁଃଖ ଦେବେ ଓ ପ୍ରତ୍ୟେକ ପ୍ରକାରର କଷ୍ଟ ଦେବେ କିନ୍ତୁ ଆମ ଜମାଅତ୍‌ର ଲୋକମାନେ ଜୋସ୍ (ଆବେଗ) ପ୍ରଦର୍ଶନ ଦେଖାନ୍ତୁ ନାହିଁ । ଜୋସ୍ ଦେଖାଇ ହୃଦୟକୁ ଦୁଃଖ ଦେଉଥିବା ଭାଷା ବ୍ୟବହାର କରନ୍ତୁ ନାହିଁ ।
ଧନୀ ଲୋକମାନଙ୍କ ମଧ୍ୟରେ ଅହଂକାର ଥାଏ କିନ୍ତୁ ଆଜିକାଲିର ୱଲେମାମାନେ ସେମାନଙ୍କୁ ଟପି ଯାଇଛନ୍ତି । ସେମାନଙ୍କ ଗର୍ବ ଓ ଅହଂକାର ଏକ ପ୍ରାଚୀର ସଦୃଶ, ଯାହା ସେମାନଙ୍କ ରାସ୍ତାକୁ ଅବରୋଧ କରୁଅଛି । (ତେଣୁ) ମୁଁ ସେହି ପ୍ରାଚୀରକୁ ଭାଙ୍ଗିବାକୁ ଚାହୁଁଛି ।
ଯେତେବେଳେ ଏହି ପ୍ରାଚୀରଟି ଭାଙ୍ଗିଯିବ ସେତେବେଳେ ସେମାନେ ନମ୍ରତା ଆଚରଣ କରି ଆସିବେ ।

---

### ବିରୋଧି ମାନଙ୍କ ନିମନ୍ତେ ଦୁଆ (ପ୍ରାର୍ଥନା) କରିବା ଉଚିତ୍

(ହଜ୍‌ରତ୍ ମସିହ୍ ମଉଦ୍ ଆ:ସ) କହୁଛନ୍ତି:- ଆମେ ବିରୋଧିମାନଙ୍କ ନିମନ୍ତେ ଯେଉଁ କିଛି କଠିନ (ଭାଷା) ପ୍ରୟୋଗ କରିଛୁ ତାହା (କେବଳ) ସେମାନଙ୍କର ଗର୍ବକୁ ଦୂର କରିବା ନିମନ୍ତେ । ତାହା କଠିନ କଥାର ଉତର ନୁହେଁ ବରଂ ଚିକିତ୍ସା ରୂପେ ପିତା ଔଷଧ ଅଟେ । *ଅଲ୍‌ହକ୍କୁ ମୁର୍‌ରୁନ୍* (ଅର୍ଥାତ୍ ସତ କଥା ପିତା ଲାଗେ) କିନ୍ତୁ ପ୍ରତ୍ୟେକ ଲୋକଙ୍କ ପାଇଁ ଏହା ଉଚିତ୍ ନୁହେଁ ଯେ ସେ ଏପରି ଲେଖାକୁ ବ୍ୟବହାର କରୁ । ଜମାତ୍‌କୁ ସାବଧାନ୍ ରହିବା ଉଚିତ୍ । ପ୍ରତ୍ୟେକ ବ୍ୟକ୍ତି ପ୍ରଥମେ ନିଜର ମନକୁ ପରଖିକରି ଦେଖିନଉ ଯେ କେବଳ ଜିଦି ଏବଂ ଶତୃତା ଦ୍ୱାରା ଏପରି ଶବ୍ଦକୁ ବ୍ୟବହାର କରୁଅଛି ବା କୌଣସି ନେକ୍ ନିୟତ୍ (ଅର୍ଥାତ୍ ଭଲ ମନରେ) ଆଧାରିତ କରି (ବ୍ୟବହାର କରୁଅଛି) ।

କହୁଛନ୍ତି:- ବିରୋଧିମାନଙ୍କ ସହିତ ଶତ୍ରୁତାପୂର୍ଣ୍ଣ ବ୍ୟବହାର କରିବା ଉଚିତ୍ ନୁହେଁ ବରଂ ଅଧିକନ୍ତୁ ଦୁଆ ସାହାଯ୍ୟରେ କାମ ନେବା ଉଚିତ୍ ଏବଂ ଅନ୍ୟାନ୍ୟ ସାଧନ ଦ୍ୱାରା ଚେଷ୍ଟା କରିବା ଉଚିତ୍ ।

କହୁଛନ୍ତି:- ଲୋକମାନେ ତୁମକୁ ଦୁଃଖ ପହଂଚାଇବେ ଏବଂ ପ୍ରତ୍ୟେକ ପ୍ରକାରର କଷଣ ଦେବେ କିନ୍ତୁ ଆମ ଜମାତ୍‌ର ଲୋକମାନେ ଜୋସ୍ (ଉଦ୍‌ଗାର୍) ଦେଖାନ୍ତୁ ନାହିଁ । ଜୋସ୍ ଦ୍ୱାରା ମନକୁ ଦୁଃଖ ଦେଉଥିବା ଶବ୍ଦ ବ୍ୟବହାର କରନାହିଁ । (କାରଣ) ଏପରି ଲୋକେ ଅଲ୍ଲାଃଙ୍କୁ ପସନ୍ଦ ନୁହେଁ । ଅଲ୍ଲାଃତାଲା ଆମ ଜମାତ୍‌କୁ ଗୋଟିଏ ନମୁନା (ଉଦାହରଣ) କରିବାକୁ ଚାହୁଁଛନ୍ତି ।

କହୁଛନ୍ତି:- ଏହା ଆକାଶୀୟ କାର୍ଯ୍ୟ ଅଟେ ଏବଂ ଆକାଶୀୟ କାର୍ଯ୍ୟ ବନ୍ଦ୍ ହୋଇପାରେନାହିଁ । ଏ ମାମଲାରେ ଆମ ପାଦ ଅଣୁମାତ୍ରାରେ ବି ମଧ୍ୟବର୍ତୀ (ଅବସ୍ଥାରେ ନାହିଁ)

କହୁଛନ୍ତି:- ଲୋକମାନଙ୍କ ଗାଳି ଗୁଲଜ ଦ୍ୱାରା ଆମ ମନ (ଉଦ୍‌ଗାରିତ ହୋଇ) ପ୍ରତିକ୍ରିୟାଶୀଳ ହୁଏନାହିଁ ।

କହୁଛନ୍ତି:- ଧନୀ ଲୋକଙ୍କ ମଧ୍ୟରେ ଅହଂକାର ଥାଏ କିନ୍ତୁ ଆଜିକାଲିର ୱଲେମାମାନେ ତାଙ୍କଠାରୁ ବଳିଯାଇଛନ୍ତି ସେମାନଙ୍କ ଗର୍ବ ଏକ ପ୍ରାଚୀର ସଦୃଶ (ଯାହା) ସେମାନଙ୍କ ମାର୍ଗରେ ପ୍ରତିବନ୍ଧକ ସାଜିଛି । ମୁଁ ସେହି ପ୍ରାଚୀରକୁ ଭାଙ୍ଗିବାକୁ ଚାହୁଁଛି । ଯେତେବେଳେ ଏହି ପ୍ରାଚୀରଟି ଭାଙ୍ଗିଯିବ ସେତେବେଳେ ସେମାନେ ନମ୍ର ଆଚରଣ କରି ଆସିବେ ।

କହୁଛନ୍ତି:- ଅଲ୍ଲାଃତାଲା ମୁତ୍‌ତକି (ଅର୍ଥାତ୍ ନିଷ୍ଠାବାନ୍)ଙ୍କୁ ପ୍ରେମ କରିଥାଏ । ଖୁଦାତାଲାଙ୍କ ମହାନତା (ଏବଂ ବୈଭବ) କୁ ମନେରଖି ସମସ୍ତେ (ତାକୁ) ଭୟକର । ଏବଂ ମନେରଖ ସମସ୍ତେ ହେଉଛନ୍ତି ଅଲ୍ଲାଃଙ୍କର ପ୍ରାଣୀ । କାହା ଉପରେ ଅତ୍ୟାଚାର କରନାହିଁ । ନା ତୀବ୍ର (ମନୋଭାବ ପୋଷଣ) କର ନା କାହାରିକୁ ନ୍ୟୁନ ଚକ୍ଷୁରେ ଦେଖ । ଜମାତ୍ ଯଦି ଜଣେ ବ୍ୟକ୍ତି ଖରାପ ଅଛି ତେବେ ସେ ସମସ୍ତଙ୍କୁ ଖରାପ କରିଦେବ । ଯଦି ଉତ୍ସୁତା ଆଡକୁ ତୁମର ସ୍ୱଭାବ ଢ଼ଳୁଅଛି ତେବେ ନିଜ ମନକୁ ପରଖି ନିଅ କି ଏହି ଉତ୍ସୁତା (ଆବେଗ) କେଉଁ ଉତ୍ସରୁ ବାହାରିଛି । ଏହିପରି ଅବସ୍ଥା ବହୁତ ଜଟିଳ ।

### ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା ଗ୍ରହଣ କରିବା) ନିମନ୍ତେ ଉପଦେଶ

ନିଜ ଜମାତ୍‌ର ମଙ୍ଗଳ ନିମନ୍ତେ ଏକଥାର ଅଧିକା ଆବଶ୍ୟକ ରହିଛି କି ତକ୍‌ୱା ସମ୍ବନ୍ଧରେ ଉପଦେଶ ଦିଆଯାଉ କାରଣ ଏକଥା ବୁଦ୍ଧିମାନ୍ ବ୍ୟକ୍ତିଙ୍କ ନିକଟରେ ପ୍ରକାଶ୍ୟ ଯେ ତକ୍‌ୱା ବ୍ୟତୀତ ଅନ୍ୟ କୌଣସି କଥାରେ ଅଲ୍ଲାଃତାଲା ପ୍ରସନ୍ନ ହୁଏନାହିଁ । ଅଲ୍ଲାଃତାଲା କହୁଛନ୍ତି:- *ଇନ୍ନଲ୍ଲାହା ମାଆଲ୍ଲଜିନତ୍ ତକଓ୍ୱ ୱଲ୍‌ଲଜିନା ହୁମ୍ ମୁହ୍‌ସିନୁନ୍* (ନହଲ:୧୨୯)

ବିଶେଷ ରୂପେ ଆମ ଜମାତ୍ ନିମନ୍ତେ ତକ୍‌ୱା (କୁ ଗ୍ରହଣ କରିବା)ର ଆବଶ୍ୟକତା ରହିଛି । ବିଶେଷ ରୂପେ ଏଇଥିପାଇଁ କି ସେମାନେ ଏପରି ଜଣେ ବ୍ୟକ୍ତିଙ୍କ ସହିତ ସମ୍ପର୍କ ରଖିଛନ୍ତି ଓ ତା ସିଲ୍‌ସିଲା ବୟତରେ ଅଛନ୍ତି ଯାହାଙ୍କ ଦାବୀ ହେଉଛି ମାମୁରିୟତ୍‌ର ଦାବୀ (ଅର୍ଥାତ୍ ଅଲ୍ଲାଃଙ୍କ ଦ୍ୱାରା ନିଯୁକ୍ତ ହୋଇଥିବାର) । ଯଦ୍ୱାରା ସେହି ସମସ୍ତ ଲୋକମାନେ, ଯେଉଁମାନେ ଯେତେ ପ୍ରକାରର ବିଦ୍ୱେଷଭାବ, କପଟତା ବା ଶିର୍କ୍‌ରେ ଲିପ୍ତ ଥିଲେ ବା ସଂସାରର ମାୟା ମୋହରେ କେତେ ମାତ୍ରାରେ ହିଁ ଆସକ୍ତ ଥିଲେ ମଧ ସେମାନେ ଉକ୍ତ ବିପତିରୁ ମୁକ୍ତି ପାଇଯିବେ ।

ଆପଣମାନେ ଜାଣିଛନ୍ତି କି ଯଦି କିଏ ବେମାର ହୋଇଯାଏ ଯଦିଚ ତାର ରୋଗଟି ଛୋଟ ହୋଇଥାଉ ବା ବଡ (କିନ୍ତୁ) ଯଦି ସେହି ରୋଗପାଇଁ ଔଷଧ କରାନଯାଏ ଓ ଉପଚ୍ଚର ନିମନ୍ତେ କଷ୍ଟ ସହ୍ୟ ନ କରାଯାଏ (ସେପର୍ଯ୍ୟନ୍ତ) ରୋଗ ଭଲ ହୋଇପାରେନାହିଁ । ଗୋଟିଏ କଳାଦାଗ ମୁହଁରେ ବାହାରି ବହୁତ ବଡ ଚିନ୍ତା ସୃଷ୍ଟି କରିଦିଏ କି କଣ ଏହି ଦାଗଟି ବଢ଼ି ବଢ଼ି ସମ୍ପୂର୍ଣ୍ଣ ମୁହଁଟିକୁ କଳା କରିଦେବନି ତ । ସେହିପରି ପାପର ମଧ ଗୋଟିଏ କଳାଦାଗ ହୃଦୟରେ ଥାଏ । ସଗାଇର୍ (ଛୋଟ ଛୋଟ ପାପ) ଅବହେଳା ଯୋଗୁ କବାଇର୍ (ବଡବଡ ପାପ)ରେ ପରିଣତ ହୋଇଯାଏ । ସଗାଇର୍ ହେଉଛି ସେହି ଛୋଟ ଦାଗ ଯାହା ବଢ଼ିଯାଇ ପରିଶେଷରେ ସମ୍ପୂର୍ଣ୍ଣ ମୁହଁଟିକୁ କଳା କରିଦିଏ ।

ଅଲ୍ଲାଃତାଲା ହେଉଛନ୍ତି ଦୟାଳୁ ଓ କୃପାଳୁ । ସେହିପରି ସେ ଦଣ୍ଡ ପ୍ରଦାନକାରୀ ଓ ପ୍ରତିଶୋଧ ପରାୟଣ ମଧ ଅଟେ । (ଯେତେବେଳେ ସେ) ଗୋଟିଏ ଜମାତ୍‌କୁ ଦେଖିଥାଏ ଯେ ତାଙ୍କ ଦାବୀ ଓ ବଡ ବଡ କଥା ତ ବହୁତ ଅଛି କିନ୍ତୁ ତାଙ୍କର କାର୍ଯ୍ୟକଳାପର ଅବସ୍ଥା ସେପରି ନାହିଁ ତେବେ ତାର କ୍ରୋଧ ବଢ଼ିଯାଇଥାଏ । ପୁଣି ଏପରି ଜମାତ୍‌କୁ ଦଣ୍ଡ ଦେବାପାଇଁ ସେ କୁଫାର୍ (ଅମାନ୍ୟକାରୀ)ଙ୍କୁ ହିଁ ନିର୍ବାଚିତ କରିଥାଏ । ଯେଉଁ ଲୋକମାନେ ଇତିହାସ ସହିତ ପରିଚିତ ସେମାନେ ଜାଣିଛନ୍ତି ଯେ ଅନେକ ଥର ମୁସଲ୍‌ମାନ୍‌ମାନେ କାଫିର୍‌ମାନଙ୍କ ଦ୍ୱାରା ପରାଜୟ ବରଣ କରିଛନ୍ତି । ଯେପରି ଚଙ୍ଗେଜ୍ ଖାନ୍ ଏବଂ ହଲାକୁ ଖାନ୍ ମୁସଲ୍‌ମାନ୍ ମାନଙ୍କୁ ନିଃଶେଷ କରିଦେଲେ ଯେବେ କି ଅଲ୍ଲାଃତାଲା ମୁସଲ୍‌ମାନ୍ ମାନଙ୍କୁ ସାହାଯ୍ୟ ସହଯୋଗ କରିବା ପ୍ରତିଶୃତି ଦେଇଥିଲେ କିନ୍ତୁ ପୁଣି ମଧ ମୁସଲ୍‌ମାନ୍‌ମାନେ ପରାଜୟ ବରଣ କଲେ । ଏହି ପ୍ରକାରର ଘଟଣାବଳୀ ବେଳେବେଳେ ପେଶ୍ ହୋଇଥାଏ । ଏହାର କାରଣ ହେଉଛି ଏହା କି ଯେତେବେଳେ ଇଶ୍ୱର ଦେଖିଥାଆନ୍ତି କି *ଲା ଇଲାହା ଇଲଲ୍ଲାହା* ତ କହୁଛନ୍ତି କିନ୍ତୁ ତାର ମନ ଆଉ କେଉଁଆଡେ ରହିଛି ଏବଂ ନିଜ କର୍ମଦ୍ୱାରା ସେ ସମ୍ପୂର୍ଣ୍ଣ ରୂପେ ସଂସାରରେ ବୁଡି ରହିଛି । ତେବେ ପୁଣି ତାର କ୍ରୋଧ ନିଜ ରୂପକୁ ଦେଖାଇଥାଏ ।

### କଥା ଓ କାର୍ଯ୍ୟରେ ସମାନତା

ଏଥିରେ ଅଲ୍ଲାଃତାଲାଙ୍କର ଭୟ ରହିଛି ଅର୍ଥାତ୍ ମଣିଷ ଏହା ଦେଖୁ କି ତାର କଥା ଏବଂ କାର୍ଯ୍ୟ କେତେମାତ୍ରାରେ ଗୋଟିଏ ଆଉ ଗୋଟିଏ ସହିତ ସମାନ ରହିଛି । ପୁଣି ଯେବେ ଏକଥା ଦେଖେ କି ତାର କଥା ଏବଂ କାର୍ଯ୍ୟରେ ସମାନତା ନାହିଁ । ତେବେ ସେ ଜାଣିନଉ କି ଇଶ୍ୱରଙ୍କ କ୍ରୋଧର ଶିକାର ହେବ । ଯେଉଁ ମନ ଅପବିତ୍ର ତାହାର କଥା ଯେତେ ହିଁ ପବିତ୍ର ହେଉ (କିନ୍ତୁ) ସେହି ମନ ଇଶ୍ୱରଙ୍କ ଦୃଷ୍ଟିରେ ମୂଲ୍ୟହୀନ ବରଂ ଇଶ୍ୱରଙ୍କ କ୍ରୋଧ ପ୍ରଜ୍ୱଳିତ ହେବ । ବରଂ ମୋ ଜମାତ୍ ଏକଥା ବୁଝି ନେଉ ଯେ ସେମାନେ ଏଇଥି ପାଇଁ ମୋ ନିକଟକୁ ଆସିଛନ୍ତି ଯଦ୍ୱାରା ଚାରା ରୋପଣ କରାଯାଇପାରିବ । ତାଦ୍ୱାରା ସେମାନେ ଫଳନ୍ତି ଗଛ ହୋଇଯିବେ । ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ଭିତରେ ଚିନ୍ତା କରୁ ଯେ ତାର ଅନ୍ତଃ ଅବସ୍ଥା କିପରି ରହିଛି ? ଏବଂ ତା'ର ଭିତର ଅବସ୍ଥା କିପରି ଅଛି ? ଯଦି ଆମ ଜମାତ୍ ମଧ ଇଶ୍ୱର ନକରନ୍ତୁ ଏପରି ଅବସ୍ଥାରେ ରହିଛି କି ମୁହଁରେ କିଛି ଓ ମନରେ କିଛି ତେବେ ପୁଣି ପରିଣାମ ମଙ୍ଗଳମୟ ହେବନାହିଁ । ଅଲ୍ଲାଃତାଲା ଯେତେବେଳେ ଦେଖିଥାଏ କି ଗୋଟିଏ ହୃଦୟବିହୀନ ଜମାତ୍ ଯିଏ ଖାଲି ମୁହଁରେ ଦାବୀ କରୁଅଛି (ତେବେ) ସେ ହେଉଛି ଗନି (ଅର୍ଥାତ୍ ସେ କାହା ଉପରେ ନିର୍ଭର କରେନାହିଁ) ଏବଂ (କାହାରିକୁ) ପରବାୟ କରେନାହିଁ । ବଦର୍‌ର ବିଜୟର ଭବିଷ୍ୟବାଣୀ ହୋଇସାରିଥିଲା । ଚାରିଆଡୁ ବିଜୟର ଆଶା ଥିଲା କିନ୍ତୁ ପୁଣି ମଧ ଆଁ ହଜ୍‌ରତ୍ ସ:ଆ:ସ କାନ୍ଦିକାନ୍ଦି ଦୁଆ କରୁଥିଲେ । ହଜ୍‌ରତ୍ ଅବୁ ବକର୍ ସିଦ୍ଦିକ୍ (ତାଙ୍କୁ) କହିଲେ କି ଯଦି ଚାରିଆଡୁ ବିଜୟର ପ୍ରତିଶୃତି ତେବେ ପୁଣି ଏତେ ବ୍ୟାକୁଳ ହେବାର କଣ କାରଣ ? ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ତାର (ଅର୍ଥାତ୍ ଇଶ୍ୱରଙ୍କର) ଅସ୍ତିତ୍ୱ ହେଉଛି ଗନି ଅର୍ଥାତ୍ ସମ୍ଭବତଃ ଇଶ୍ୱରଙ୍କ ପ୍ରତିଶୃତିରେ କୌଣସି ସର୍ତ ନିହିତ ଥିବ । (ମଲ୍‌ଫୁଜାତ୍, ପ୍ରଥମ ଖଣ୍ଡ, ପୃଷ୍ଠା-୫-୮)


ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

## ୧୨୪ତମ ଜଲ୍‌ସାସାଲାନା କାଦିଆନ୍ ୨୦୧୮ର ରିପୋର୍ଟ୍ (ପ୍ରଥମ ଜଲ୍‌ସାସାଲାନା ଠାରୁ ଏପର୍ଯ୍ୟନ୍ତ ୧୨୭ତମ ବର୍ଷ)

# ଜମାତ୍ ଅହେମଦୀୟାର ମର୍କଜ (କେନ୍ଦ୍ର) କାଦିଆନ୍ ଦାରୁଲ୍ ଅମାନ୍‌ରେ ୧୨୪ ତମ ଜଲ୍‌ସସାଲାନାରେ ସଫଳ ଓ ବାବରକତ୍ (ବୈଭବପୂର୍ଣ୍ଣ) ଆୟୋଜନ

ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ପ୍ରେମ ଓ ଭକ୍ତିଭାବର ପଦମର୍ଯ୍ୟାଦାକୁ କେହି ପହଂଚିପାରିବେ ନାହିଁ । ଆପଣ ଆ:ସଙ୍କ ପ୍ରତ୍ୟେକ ଶବ୍ଦ ଅଲ୍ଲାଃତାଲା ଏବଂ ତା ରସୁଲ୍ ସ:ଆ:ସଙ୍କ ପ୍ରେମରେ ଉତ୍ସର୍ଗୀକୃତ ହେବାର ପ୍ରମାଣ ଅଟେ ।

ଏହି ଶେଷ ଦିନ ଗୁଡ଼ିକୁ ମଧ୍ୟ ଦରୁଦ୍ (ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମନ୍ତେ ସଲାମ୍ ପ୍ରେରଣ କରିବା)ରେ ଭରିଦିଅନ୍ତୁ ଏବଂ ନୂଆବର୍ଷର ସ୍ୱାଗତକୁ ମଧ୍ୟ ଦରୁଦ୍ ଓ ସଲାମ୍ ଦ୍ୱାରା ହିଁ କରନ୍ତୁ, ଯଦ୍ୱାରା ଆମେ ଯଥାଶିଘ୍ର ଉକ୍ତ ବରକାତ୍ ଗୁଡ଼ିକୁ ହାସଲ କରିପାରିବା ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଅସ୍ତିତ୍ୱ ସହିତ ସଂଲଗ୍ନ ଅଛି ।

ମୁସ୍‌ଲିମ୍ ଟେଲିଭିଜନ୍ ଅହେମଦୀୟା ଜରିଆରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଜଲ୍‌ସାରେ ସାମିଲ୍ ହୋଇଥିବା ସଦସ୍ୟମାନଙ୍କ ନିମନ୍ତେ ଜ୍ଞାନ ଓ ସାରଗର୍ଭକ ଉଦ୍‌ବୋଧନୀ ଅଭିଭାଷଣ ।

*ମୁଁ ଏହି ବସ୍ତି ଅର୍ଥାତ୍ କାଦିଆନ୍‌ରେ ଖୁଦାତାଲାଙ୍କୁ ଦେଖିସାରିଛି, ମୁଁ ଇସ୍‌ଲାମ୍‌ର ସମସ୍ତ ଭବିଷ୍ୟବାଣୀ ଗୁଡ଼ିକୁ ନବୀ କରିମ୍ ସ:ଆ:ସଙ୍କ ସଚ୍ଚାସେବକଙ୍କ ହାତରେ ପୁରଣ ହେଉଥିବାର ଦେଖୁଅଛି । ଏ ପୃଥିବୀରେ ଅନେକ ଲୋକେ ମେହ୍‌ଦୀୟତ୍‌ର ଦାବୀଦାର୍ ଆସିଛନ୍ତି ଏବଂ ସେମାନେ ନିଜର ତବ୍‌ଲିଗ୍ ପୃଥିବୀରେ ପ୍ରସାର କରିବା ପାଇଁ ଭବିଷ୍ୟବାଣୀ କରିଛନ୍ତି କିନ୍ତୁ ଜଣଙ୍କ ବ୍ୟତୀତ ଆଉ କାହାର କଥା ପୂରଣ ହୋଇନାହିଁ ଏବଂ ସେ ହେଉଛନ୍ତି ସେହି ବ୍ୟକ୍ତି ଯିଏ ବେହେଶ୍‌ତି ମକ୍‌ବରାରେ ଦଫନ ହୋଇଛନ୍ତି । ତାଙ୍କ ଫଳକରେ ଏହା ଲେଖାଯାଇଛି କି ''ମଜ୍ଜାରେ ମୁବାରକ୍ ହଜ୍‌ରତ୍ ଅକ୍‌ସଦ୍ ମିର୍ଜା ଗୁଲାମ୍ ଅହମଦ୍ କାଦିଆନୀ ମସିହ୍ ମଉଦ୍ ଓ୍ୱ ଇମାମ୍ ମେହ୍‌ଦୀ''

*ମୁଁ ଅହେମଦୀ ଲିଟ୍‌ରେଚର୍ ଗୁଡ଼ିକୁ ଅଧ୍ୟୟନ କରିଛି ଏବଂ ଅହେମଦୀ ମୁସଲ୍‌ମାନ୍ ସହିତ ଭେଟି ଏହି ଉପନୀତରେ ପହଂଚିଛି ଯେ ଅହେମଦୀୟତ୍ ହିଁ ପ୍ରକୃତ ଇସ୍‌ଲାମ୍ ଏବଂ ଅହେମଦୀମାନେ ଅନ୍ୟ ମୁସଲ୍‌ମାନ୍ ଅପେକ୍ଷା ଅଧିକ ସତ୍ୟବାଦୀ ଓ ଉତମ ମୁସଲ୍‌ମାନ୍ ଅଟନ୍ତି ।

*ମୁଁ ଜାଣିନାହିଁ ଯେ କେତେ ଶତାବ୍ଦୀ ଆହୁରି ବିତିବାକୁ ଅଛି କିନ୍ତୁ ମୁଁ ଏକଥା ଜାଣିଛି ଯେ ଏ ପୃଥିବୀରେ ସବୁଠାରୁ ଉଚ୍ଚତମ ନାରା (ସ୍ଲୋଗାନ୍) କାଦିଆନ୍‌ର ପବିତ୍ର ବସ୍ତିର ହିଁ ଗୁଞ୍ଜରଣ ହେବ । ଇନ୍‌ଶାଅଲ୍ଲାଃ

**ଜଲ୍‌ସାସାଲାନା କାଦିଆନ୍‌ରେ ସାମିଲ୍ ହୋଇଥିବା ନୌମୁବାଇନ୍ (ନୂଆ ଅହେମଦୀ)ଙ୍କ ବିଶ୍ୱାସବର୍ଦ୍ଧକ ମନୋଭାବ ବ୍ୟକ୍ତି**

*ଜମାତ୍ ପ୍ରେମର ଯେଉଁ ବାର୍ତାକୁ ପୃଥିବୀରେ ପ୍ରଚାର ପ୍ରସାର କରୁଅଛି ତାହା ପ୍ରଶଂସାଯୋଗ୍ୟ, ମୁଁ ହଜୁର୍ ଅନ୍‌ୱର୍‌ଙ୍କର କୃତଜ୍ଞତା ଜ୍ଞାପନ କରୁଛି ଯେ ଆପଣ ପ୍ରେମର ବାର୍ତାକୁ ଏ ପୃଥିବୀରେ ପ୍ରଚାର କରୁଛନ୍ତି । ଆପଣଙ୍କ ଜମାତ୍ ଓ ଖଲିଫା ସାରା ପୃଥିବୀରେ ପ୍ରେମ ଓ ଆପୋଷ ଭାଇଚାରାର ଶିକ୍ଷା ଦେଉଅଛନ୍ତି ଏବଂ ସମଗ୍ର ପୃଥିବୀକୁ ଧ୍ୱଂସ ମୁହଁରୁ ବଂଚାଇବା ପାଇଁ ଚେଷ୍ଟାରେ ଲାଗିଛନ୍ତି ।

*ମୁସ୍‌ଲିମ୍ ସମାଜ ସର୍ବଦା ଶିଖ୍ ଧର୍ମକୁ ମାନୁଥିବା ଲୋକମାନଙ୍କ ସହିତ ସହାନୁଭୂତି ଦେଖାଉଅଛି, ମୁସ୍‌ଲିମ୍ ସମାଜ ପ୍ରତ୍ୟେକ କଠିନ ପରିସ୍ଥିତିରେ ଆମ ସହିତ ଛିଡ଼ା ହୋଇଛି ଏବଂ ଏହି ଦୁଇଗୋଟି ଧର୍ମର ବିଶେଷତ୍ୱ ହେଉଛି ଏହା କି ଏମାନେ ଏକ ଓ ଅଦ୍ୱିତୀୟ ଇଶ୍ୱରଙ୍କ ଉପାସନା କରୁଛନ୍ତି ।

*ଏ ପୃଥିବୀରେ ଏପରି ବହୁତ କମ୍ ଜଲ୍‌ସା ହୋଇଥାଏ ଯେଉଁଠାରୁ ମାନବିକତାର ସ୍ଲୋଗାନ୍ ଗୁଞ୍ଜରଣ ହେଉଥିବ, ମାନବଜାତିର ସେବା ହେଉଛି ସବୁଠାରୁ ମହାନକାର୍ଯ୍ୟ ଯାହାକୁ ଆପଣଙ୍କ ଜମାତ୍ କରୁଅଛି ।

*ବର୍ତମାନ ସମୟରେ ଯେଉଁଭଳି ସୁନ୍ଦର ଶୈଳୀରେ ପ୍ରେମ ଓ ଶାନ୍ତିର ବାର୍ତା ଜମାତ୍ ତରଫରୁ ଦିଆଯାଉଅଛି ତାହା ପ୍ରଶଂସାଯୋଗ୍ୟ ।

**ଜଲ୍‌ସାସାଲାନାରେ ସାମିଲ୍ ହୋଇଥିବା କିଛି ରାଜନୈତିଜ୍ଞ ଏବଂ ଧାର୍ମିକ ବ୍ୟକ୍ତିବିଶେଷଙ୍କ ମନୋଭାବ ବ୍ୟକ୍ତ**

●୪୮ଟି ଦେଶର ପ୍ରତିନିଧିତ୍ୱ, ୧୮୮୬୪ଜଣ ସଦସ୍ୟ ଜଲ୍‌ସାରେ ସାମିଲ୍ ।

●ହଜୁର୍ ଅନ୍‌ୱର୍‌ଙ୍କ ଉଦ୍‌ବୋଧନୀ ଅଭିଭାଷଣ ଅବସରରେ ଲଣ୍ଡନ୍‌ରେ ୫୩୪୫ଜଣ ଅହେମଦୀ ସାମିଲ୍ ହୋଇଥିଲେ ।

●ନମାଜ ତହଜ୍ଜୁଦ୍ -ଦରସୁଲ୍ କୁରଆନ୍ ଏବଂ ଜିକ୍‌ରେ ଇଲାହିରେ ପରିପୂର୍ଣ୍ଣ ପରିବେଶ ●ଓଲେମା କରାମ୍‌ଙ୍କ ସାରଗର୍ଭକ ଭାଷଣ -ଜଲ୍‌ସା ପେଶ୍‌ୱାୟାନେ ମଜାହିବ୍ ଅନୁଷ୍ଠିତ ●ଅତିଥିମାନଙ୍କ ବିଶ୍ୱାସବର୍ଦ୍ଧକ ମନୋଭାବବ୍ୟକ୍ତ ●ଦେଶୀ ଓ ବିଦେଶୀ ଭାଷାରେ ଜଲ୍‌ସାର ପ୍ରୋଗ୍ରାମ୍ ଗୁଡ଼ିକର ଅନୁବାଦ ●ଜମାତ୍‌ର ସଦସ୍ୟମାନଙ୍କ ଜ୍ଞାନ ବୃଦ୍ଧି କରିବା ପାଇଁ ତର୍‌ବିୟତି ବିଷୟ ଉପରେ ଆଧାରିତ ଡକ୍ୟୁମେଂଟାରୀ ଓ ବିଭିନ୍ନ ଜ୍ଞାନବର୍ଦ୍ଧକ ପ୍ରଦର୍ଶନୀ ●୩୪ଟି ନିକାହ୍‌ର ଘୋଷଣା ●ପ୍ରିଂଟ୍ ଏବଂ ଇଲେକ୍‌ଟ୍ରୋନିକ ମିଡିଆରେ ଜଲ୍‌ସାର କଭରେଜ୍ ●ଶାନ୍ତିପୂର୍ଣ୍ଣ ଏବଂ ସୁନ୍ଦର ପରିବେଶରେ ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ ●୧୯ ରୁ ୨୧ ଡିସେମ୍ବର୍ ଏମ୍.ଟି.ଏ ଇଂଟରନ୍ୟାସ୍‌ନାଲ୍ କାଦିଆନ୍ ଷ୍ଟୁଡିଓରୁ ଆରବୀ ପ୍ରୋଗ୍ରାମ୍ *''ଇସ୍‌ମଉ ସଉତସ୍ ସମାଅ ଜାଅଲ୍ ମସିହ୍ ଜାଅଲ୍ ମସିହ୍''* ର ସିଧା ପ୍ରସାରଣ ●୩ରୁ୫ ଜାନୁଆରୀ The Messiah of the Age ବିଷୟବସ୍ତୁ ଉପରେ ଆଧାରିତ ଆଫ୍ରିକୀୟ ଦେଶଗୁଡ଼ିକ ନିମନ୍ତେ ସିଧାପ୍ରସାରଣ ।

ରିପୋର୍ଟ୍ ମନ୍‌ସୁର୍ ଅହେମଦ୍ ମସ୍‌ରୁର୍ (ମୁନ୍‌ତଜିମ୍ ରିପୋର୍ଟିଂ)

**(ତୃତୀୟ ଭାଗ)**

**ଦ୍ୱିତୀୟ ଦିନ ୨୯ ଡିସେମ୍ବର୍ ୨୦୧୮ (ଶନିବାର) ଦ୍ୱିତୀୟ ଦିନର ଦ୍ୱିତୀୟ ଇଜ୍‌ଲାସ୍**

**ପରିଚୟ ପ୍ରଦାନମୂଳକ ଭାଷଣ ଏବଂ ମନୋଭାବ ବ୍ୟକ୍ତ**

ମୋକରମ୍ ହାଫିଜ୍ ଅବ୍‌ଦୁଲ୍ ଗନି ସାହେବ୍ ମୁରବୀ ସିଲ୍‌ସିଲା ନାଇଜେରିଆ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ କି ନଅଜଣ ସଦସ୍ୟ ବିଶିଷ୍ଟ ଆମର ପ୍ରତିନିଧି ମଣ୍ଡଳ ୨୬ଡିସେମ୍ବର୍ ଦିନ ନାଇଜେରିଆରୁ ବାହାରି ୨୭ଡିସେମ୍ବର୍ ଦିନ କାଦିଆନ୍‌ରେ ପହଂଚିଲା । ମୁଁ ପୂର୍ବରୁ ମଧ୍ୟ ଅନେକଥର ଜଲ୍‌ସାସାଲାନା କାଦିଆନ୍‌ରେ ସାମିଲ୍ ହୋଇଛି । ପ୍ରତ୍ୟେକ ଥର ବହୁତ ସୁନ୍ଦର ଅନୁଭବ ହୋଇଥାଏ । କାଦିଆନ୍‌ରେ ମକାମାତେ ମୋକଦ୍ଦଶା (ପବିତ୍ର ପୀଠ ଗୁଡ଼ିକ) ମସ୍‌ଜିଦ୍ ଅକ୍‌ସା, ମସ୍‌ଜିଦ୍ ମୁବାରକ୍, ମନାରତୁଲ୍ ମସିହ୍, ବେହେଶ୍‌ତି ମକ୍‌ୱରା ଏବଂ ମଜାରେ ମୁବାରକ୍ (ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପବିତ୍ର କବର)କୁ ଦର୍ଶନ କରିବାରେ ଗୋଟିଏ ଅଜବ ପ୍ରକାରର ଅବସ୍ଥା ମନ ଭିତରେ ସୃଷ୍ଟି ହୋଇଥାଏ । ମୋ ସହିତ ଆସିଥିବା ଓ୍ୱଫଦ୍‌ର ଅନ୍ୟାନ୍ୟ ସଦସ୍ୟମାନେ ପ୍ରଥମଥର ପାଇଁ କାଦିଆନ୍ ବୁଲି ଆସିବା ପାଇଁ ସୌଭାଗ୍ୟ ପାଇଛନ୍ତି ଏବଂ ସମସ୍ତେ କାଦିଆନ୍‌ର ଭ୍ରମଣ ଦ୍ୱାରା ବହୁତ ପ୍ରଭାବିତ ଓ ଆନନ୍ଦିତ ହେଉଛନ୍ତି ଏବଂ କାଦିଆନ୍‌ର ଆଧାତ୍ମିକ ବରକତ୍‌ରୁ ଲାଭାନ୍ୱିତ ହେଉଛନ୍ତି । ଅଲ୍ଲାଃତାଲା ଏହି ସମସ୍ତ ସେବା କରୁଥିବା ବ୍ୟକ୍ତିମାନଙ୍କୁ ପ୍ରତିବଦଳରେ ପୁଣ୍ୟ ପ୍ରଦାନ କରନ୍ତୁ । ଯଦିଚ ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଦେଖିନାହୁଁ କିନ୍ତୁ ତାଙ୍କ ଖୋଲଫା କରାମ୍‌ଙ୍କୁ ଦେଖିଛୁ ଯିଏ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପେଶ୍‌ଗୋଇ ମୁତାବକ ଦ୍ୱିତୀୟ କୁଦ୍‌ରତ୍‌ର ପ୍ରକାଶ ଅଟନ୍ତି । ୨୦୦୮ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଯେ ଯେତେବେଳେ ନାଇଜେରିଆ ଆସିଥିଲେ ସେତେବେଳେ ଆମର ଜଣେ ମୁଅଲିମ୍ ସାହେବ୍ ତା ନିଜ ଫ୍ୟାମିଲି ସହିତ ହଜ୍‌ରତ୍ ସାହେବ୍‌ଙ୍କ ସହିତ ଶାକ୍ଷାତ୍ କରିବା ପାଇଁ ଯାଇଥିଲେ । ହଜୁର୍ ଅନ୍‌ୱର୍ ତାଙ୍କୁ ପଚାରିଲେ ଯେଉଁ ପିଲାଟିକୁ ତୁମେ କୋଳରେ ଧରିଛ ତାର ବୟସ କେତେ । ମା ବାପା ପିଲାଟିର ବୟସ ବତାଇପାରିଲେ ନାହିଁ । ଏଥିରେ ହଜୁର୍ ଅନ୍‌ୱର୍ ଅ:ବ:ଅ କହିଲେ କି ଆଜି ଆପଣଙ୍କ ପିଲାଟିକୁ ଦୁଇବର୍ଷ ହେଲା । ଜଲ୍‌ସା ପରେ ଯେତେବେଳ ଘରେ ପହଂଚିଲୁ । ସେହି ସମୟରେ କୌଣସି କାରଣ ବଶତଃ ବାର୍ଥ ସାର୍ଟିଫିକେଟ୍‌ର ଆବଶ୍ୟକ ପଡ଼ିଲା । ତାହା ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ କି ଯେଉଁଦିନ ହଜୁର୍ ଅନ୍‌ୱର୍‌ଙ୍କ ସହିତ ସେମାନେ ସାକ୍ଷାତ୍ କରିଥିଲେ ସେହି ପିଲାଟିର ବର୍ଷ ଦୁଇବର୍ଷ ହୋଇଯାଇଥିଲା । ଦୁଆ କରୁଛୁ ଯେ ଯେଉଁ ଉଦ୍ଦେଶ୍ୟ ପାଇଁ ଅଲ୍ଲାଃତାଲା

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

''ଇସ୍‌ଲାମ୍ ନିଜର ଉତମ ଗୁଣଯୋଗୁ ହିଁ ବ୍ୟାପିଛି, ଜୋର୍ ଜବର୍‌ଦସ୍ତି ନୁହେଁ''

ମଦିନା ହିଜ୍‌ରତ୍ କରିବା ସମୟରେ ଗାରେ ସୌର୍ (ସୌର୍ ନାମକ ଗୁମ୍ଫା)ଠାରେ ହଜ୍‌ରତ୍ ନବୀଙ୍କର ସ:ଆ:ସ ଏବଂ ହଜ୍‌ରତ୍ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ସେବା କାର୍ଯ୍ୟ କରିବା ଏବଂ ସେମାନଙ୍କ ସହିତ ଯାତ୍ରା କରିବା, ଭକ୍ତିଭାବପୂର୍ଣ୍ଣ ବଦ୍‌ରି ସାହାବୀ ହଜ୍‌ରତ୍ ଆମିର୍ ବିନ୍ ଫୁହୈରାଃ ର:ଅଙ୍କ ପବିତ୍ର ଜୀବନ ଚରିତର ହୃଦୟସ୍ପର୍ଶୀ ବ୍ୟାଖ୍ୟାନ ଯିଏ ବେରେ ମାଉନାର ହୃଦୟବିଦାରକ ଘଟଣା ଅବସରରେ ଶହୀଦ୍ ହେବାର ମହାନ୍ ପଦମର୍ଯ୍ୟାଦାକୁ ପ୍ରାପ୍ତ କରି ଇସ୍‌ଲାମ୍‌ର ଇତିହାସରେ ସବୁବେଳ ପାଇଁ ଅମର ହୋଇଗଲେ ।

''ଅଲ୍ଲାଃତାଲା ତାଙ୍କ ପଦମର୍ଯ୍ୟାଦାକୁ ଉନ୍ନତରୁ ଉନ୍ନତତର କରିଚାଲନ୍ତୁ''

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୧୮ ଜାନୁଆରୀ ୨୦୧୯ ଅନୁଯାୟୀ ୧୮ ସୁଲାହ୍ ୧୩୯୮ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ଆଜି ମୁଁ ହଜ୍‌ରତ୍ ଆମିର୍ ବିନ୍ ଫୁହୈରାଃ ଙ୍କ ବିଷୟରେ ଚର୍ଚ୍ଚା କରିବି ଏବଂ ତାଙ୍କ ବିଷୟରେ ଇତିହାସରେ ବହୁତ କିଛି ମିଳୁଅଛି । ଇସ୍‌ଲାମ୍ ଇତିହାସରେ କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀର ମଧ ତାଙ୍କର ରୋଲ୍ ରହିଛି ଓ ତାଙ୍କୁ ସେହି ଇତିହାସର ଅଂଶ ବିଶେଷ ହେବାପାଇଁ ସୌଭାଗ୍ୟ ମିଳିଛି ଏବଂ ସେହି ଘଟଣାବଳୀ ଗୁଡିକ ଏପରି କି ଯାହାର ବ୍ୟାଖ୍ୟା କରିବା ମଧ ଜରୁରୀ ଅଟେ ।

ତାଙ୍କ କୁନିୟତ୍ ଅବୁ ଉମ୍‌ରୋ ଥିଲା ଏବଂ କବିଲା ଅଜଦ୍ ସହିତ ତାଙ୍କର ସମ୍ପର୍କ ଥିଲା । ସେ ହଜ୍‌ରତ୍ ଆଇଶା ର:ଅଙ୍କ ଅଖ୍ୟାଫି ଭାଇ ତୁଫୈଲ୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ସଖ୍‌ବରାଃଙ୍କ ଗୁଲାମ୍ ଥିଲେ । ସେ ମଧ ନିଗ୍ରୋ ଗୁଲାମ୍ ଥିଲେ । ଅଖ୍ୟାଫି ଭାଇର ଅର୍ଥ ହେଉଛି ଯିଏ ମାଆଙ୍କ ତରଫରୁ ଭାଇଥିବେ କିନ୍ତୁ ବାପା ଅଲଗା ଥିବେ । ସେ ପୂର୍ବରୁ ଇସ୍‌ଲାମ୍ ଗ୍ରହଣ କରୁଥିବା ଲୋକମାନଙ୍କ ମଧ୍ୟରୁ ଥିଲେ ଅର୍ଥାତ୍ ପ୍ରଥମେ ଯେଉଁ ସବୁ ଲୋକେ ଇସ୍‌ଲାମ୍ ଗ୍ରହଣ କରୁଥିଲେ ତାଙ୍କ ମଧରେ ସାମିଲ୍ ଥିଲେ । ରସୁଲୁଲ୍ଲାଃ ସ:ଆ:ସଙ୍କ ଦାରେ ଅର୍‌କମ୍‌କୁ ଯିବା ପୂର୍ବରୁ ସେ ଇସ୍‌ଲାମ୍ ଆଣିସାରିଥିଲେ ଓ ସେ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ଛେଳି ଚରାଉଥିଲେ । ଇସ୍‌ଲାମ୍ ଗ୍ରହଣ କରିବା ପରେ କାଫିର୍ (ଅମାନ୍ୟକାରୀ)ଙ୍କ ତରଫରୁ ତାଙ୍କୁ ବହୁତ ଦୁଃଖ କଷ୍ଟ ପହଂଚାଯାଇଥିଲା । ପୁଣି ହଜ୍‌ରତ୍ ଅବୁ ବକର୍ ର:ଅ ତାଙ୍କୁ କିଣି ସ୍ୱାଧିନ କରିଦେଲେ ।

ମଦିନା ହିଜ୍‌ରତ୍ କରିବା ସମୟରେ ଯେବେ ରସୁଲୁଲ୍ଲାଃ ସ:ଆ:ସ ଏବଂ ହଜ୍‌ତର୍ ଅ ଅବୁ ବକର୍ ର:ଅ ଗାରେ ସୋର୍ (ସୋର୍ ନାମ ଗୁମ୍ଫା)ରେ ଥିଲେ ସେତେବେଳେ ସେ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ଛେଳି ଚରାଉଥିଲେ । ହଜ୍‌ରତ୍ ଅବୁ ବକର୍ ର:ଅ ତାଙ୍କୁ ଏ ନିର୍ଦ୍ଦେଶ ଦେଇଥିଲେ ଯେ ଛେଳି ଗୁଡିକ ଆମ ନିକଟକୁ ନେଇଆସିବ । ସୁତରାଂ ସେ ଦିନ ତମାମ ଛେଳି ଚରାନ୍ତି ଏବଂ ସନ୍ଧ୍ୟା ସମୟରେ ହଜ୍‌ରତ୍ ଅବୁ ବକର୍‌ଙ୍କ ଛେଳି ଗୁଡିକୁ ଗାରେ ସୋର୍ ନିକଟକୁ ନେଇଯାଆନ୍ତି । ଏଥିରେ ସେହି ଦୁଇଜଣ ମହାଶୟ ନିଜେ ଛେଳିଗୁଡିକ ଦୁହିଁ ଦିଅନ୍ତି ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସ ଏବଂ ଅବୁ ବକର୍ ର:ଅ । ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଅବି ବକର୍ ସେହି ଦୁଇଜଣ ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସ ଏବଂ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ନିକଟକୁ ଯାଉଥିଲେ ସେତେବେଳେ ହଜ୍‌ରତ୍ ଆମିର୍ ବିନ୍ ଫୁହୈରା ତାଙ୍କ ପଛେପଛେ ଯାଉଥିଲେ, ଯଦ୍ୱାରା ସେ ତାଙ୍କର ପାଦ ଚିହ୍ନଁକୁ ଲିଭାଇ ଦେଉଥିଲେ । ଏଥିରୁ ଜଣା ନପଡୁ ଯେ ହଜ୍‌ରତ୍ ଅବୁ ବକର୍‌ଙ୍କ୍ ପୁତ୍ର କେଉଁଆଡେ ଯାଉଛନ୍ତି ବୋଲି, କୁଫ୍‌ଫାର୍‌ଙ୍କୁ କୌଣସି ପ୍ରକାର ଶଙ୍କା ନହେଉ । ଯେବେ ରସୁଲୁଲ୍ଲାଃ ସ:ଆ:ସ ଏବଂ ହଜ୍‌ରତ୍ ଅବୁ ବକର୍ ଗାରେ ସୌର୍‌ରୁ ବାହାରି ମଦିନା ନିମନ୍ତେ ଗସ୍ତ କଲେ ସେତେବେଳେ ହଜ୍‌ର୍‌ତ୍ ଆମିର୍ ବିନ୍ ଫୁହୈରାଃ ମଧ ସେମାନଙ୍କ ସହିତ ହିଜ୍‌ରତ୍ କଲେ । ହଜ୍‌ରତ୍ ଅବୁ ବକର୍ ତାଙ୍କୁ ନିଜ ପଛରେ ବସାଇଲେ । ସେ ସମୟରେ ତାଙ୍କୁ ରାସ୍ତା ଦେଖାଇବା ପାଇଁ ବନୁ ଅଦ୍‌ଦିଲ୍‌ର ଜଣେ ମୁସ୍‌ରିକ୍ ବ୍ୟକ୍ତି ଥିଲା । (ଉସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୧୩୪, ''ଆମିର୍ ବିନ୍ ଫୁହୈରାଃ ର:ଅ'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)

ରସୁଲୁଲ୍ଲାଃ ସ:ଆ:ସ ହିଜ୍‌ରତ୍ ପରେ ହଜ୍‌ରତ୍ ଆମରି୍ ବିନ୍ ଫୁହୈରାଃ ଏବଂ ହଜ୍‌ରତ୍ ହାରିସ୍ ବିନ୍ ଅଓସ୍ ବିନ୍ ମୁଆଜ୍‌ଙ୍କ ମଧରେ ମୁଆଖାତ୍ ସ୍ଥାପନ କରାଇଥିଲେ । ହଜ୍‌ରତ୍ ଆମିର୍ ବିନ୍ ଫୁହୈରାଃ ବଦର୍ ଯୁଦ୍ଧ ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ ଏବଂ ବୈରେ ମାଉନା ଅବସରରେ ଚାଳିଶି ବର୍ଷ ବୟସରେ ହିଁ ଶହୀଦ୍ ହେଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୧୭୪, ଆମିର୍ ବିନ୍ ଫୁହୈରାଃ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ହଜ୍‌ରତ୍ ଅବୁ ବକର୍ ର:ଅ ହିଜ୍‌ରତ୍ କରିବା ପୂର୍ବରୁ ଏପରି ସାତଜଣ ଗୁଲାମ୍‌କୁ ସ୍ୱାଧୀନ କରାଇଥିଲେ ଯେଉଁମାନଙ୍କୁ ଅଲ୍ଲାଃତାଲାଙ୍କ ମାର୍ଗରେ ଦୁଃଖକଷ୍ଟ ଦିଆଯାଉଥିଲା । ସେମାନଙ୍କ ମଧ୍ୟରୁ ଜଣେ ଥିଲେ ହଜ୍‌ରତ୍ ବିଲାଲ୍ ଏବଂ ହଜ୍‌ରତ୍ ଆମିର୍ ବିନ୍ ଫୁହୈରାଃ । (ଉସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୩୧୯, ''ଅବ୍‌ଦୁଲ୍ଲାଃ ବିନ୍ ଉସ୍‌ମାନ୍ ଅବୁ ବକର୍ ସିଦ୍ଦିକ୍ ର:ଅ'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)

ହିଜ୍‌ରତ୍‌ର ଘଟଣା ସମ୍ବନ୍ଧରେ ବର୍ଣ୍ଣନା କରି ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି କି ଗୋଟିଏ ଦିନ ଆମେ ହଜ୍‌ରତ୍ ଅବୁ ବକର୍‌ଙ୍କ ଘରେ ଠିକ୍ ଦ୍ୱିପ୍ରହର ସମୟରେ ବସିଥିଲୁ ଅର୍ଥାତ୍ ନିଜ ଘରେ ବସିଥିଲେ । କେହିଜଣେ ହଜ୍‌ରତ ଅବୁ ବକର୍ ର:ଅଙ୍କୁ କହିଲେ ଯେ ରସୁଲୁଲ୍ଲାଃ ସ:ଆ:ସ ନିଜ ମୁଣ୍ଡରେ କପଡା ଘୋଡାଇ ଆସୁଛନ୍ତି । ଆପଣ ସ:ଆ:ସ ଏପରି ସମୟରେ ଆସିଲେ ଯେଉଁ ସମୟରେ ଆପଣ ସ:ଆ:ସ ଆମ ନିକଟକୁ କେବେ ଆସନ୍ତି ନାହିଁ । ଏଥିରେ ହଜ୍‌ରତ୍ ଅବୁ ବକର୍ ର:ଅ କହିଲେ- ମୋ ମାଆ ବାପା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ! ଖୁଦାଙ୍କ ରାଣ ଆପଣ ଏ ସମୟରେ ଆସିଛନ୍ତି, ତାହାଲେ ନିଶ୍ଚିତ ରୂପେ କୌଣସି ବଡ କାମ ଥିବ । (ହଜ୍‌ରତ୍ ଆଇଶା) କହୁଛନ୍ତି ଏତିକିବେଳେ ରସୁଲୁଲ୍ଲାଃ ସ:ଆ:ସ ଆସି ପହଂଚିଗଲେ ଓ ଭିତରକୁ ପ୍ରବେଶ କରିବାର ଅନୁମତି ମାଗିଲେ । ହଜ୍‌ରତ୍ ଅବୁ ବକର୍ ଅନୁମତି ଦେଲେ । ଆପଣ ସ:ଆ:ସ ଭିତରକୁ ପ୍ରବେଶ କଲେ । ନବୀ କରିମ୍ ସ:ଆ:ସ ହଜ୍‌ରତ୍ ଅବୁ ବକର୍‌ଙ୍କୁ କହିଲେ- ଯାହା ତୁମ ନିକଟରେ ଅଛି ତୁମେ ତାକୁ ବାହାରକୁ ପଠାଇଦିଅ । ଏଥିରେ ହଜ୍‌ରତ୍ ଅବୁ ବକର୍ ର:ଅ କହିଲେ- ହେ ଅଲ୍ଲାଃଙ୍କ ରସୁଲ୍! ମୋ ମାଆ ବାପା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ! ଘରେ ତେ କେବଳ ଆପଣ ସ:ଆ:ସଙ୍କ ଘର ଲୋକେ ଅଛନ୍ତି ଅର୍ଥାତ୍ ଆଇଶା ର:ଅ ଏବଂ ତାଙ୍କ ମାଆ ଉମ୍ମେ ରୁମ୍ମାନ୍ । ତେବେ ରସୁଲୁଲ୍ଲାଃ ସ:ଆ:ସ କହିଲେ କି ମୋତେ ହିଜ୍‌ରତ୍ କରିବା ପାଇଁ ଅନୁମତି ମିଳିଛି । ହଜ୍‌ରତ୍ ଅବୁ ବକର୍ କହିଲେ- ହେ ଅଲ୍ଲାଃଙ୍କ ରସୁଲ୍! ମୋ ମାଆ ବାପା ଆପଣଙ୍କ ଉପରେ ଉତ୍ସର୍ଗ! ମୋତେ ମଧ ଆପଣଙ୍କ ସାଥିରେ ନେଇଯାଆନ୍ତୁ । ରସୁଲୁଲ୍ଲାଃ ସ:ଆ:ସ ଏଥିରେ କହିଲେ- ହଁ ଠିକ୍ ଅଛି ତୁମେ ମଧ ମୋ ସହିତ ଚାଲ । ପୁଣି ହଜ୍‌ରତ୍ ଅବୁ ବକର୍ କହିଲେ କି ମୋ ମାଆ ବାପା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ! ସାଥିରେ ଯିବାକୁ ହେଲେ ମୋର ଏହି ଦୁଇଟି ବାହାନ ଓଟମାନଙ୍କ ମଧ୍ୟରୁ ଗୋଟିଏ ଆପଣ ସ:ଆ:ସ ନେଇଯାଆନ୍ତୁ । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ କି ମୁଁ ଏହାର ମୂଲ୍ୟ ଦେଇ ନେବି । ହଜ୍‌ରତ୍ ଆଇଶା କହୁଛନ୍ତି- ସୁତରାଂ ଆମେ ଶିଘ୍ର ଶିଘ୍ର ଦୁଇଜଣଙ୍କର ସାମାନ୍ ପ୍ରସ୍ତୁତ କରିଦେଲୁ ଏବଂ ସେମାନଙ୍କ ପାଇଁ ତୋଶା (ରାସ୍ତାରେ ଖାଇବା ପିଇବା ପାଇଁ ଦିଆଯାଉଥିବା ଖାଦ୍ୟ ବସ୍ତୁ) ପ୍ରସ୍ତୁତ କରି ଚମଡାର ଥଳିରେ ପୁରାଇ ଦେଲୁ । ହଜ୍‌ରତ୍ ଅବୁ ବକର୍‌ଙ୍କ ଝିଅ ହଜ୍‌ରତ୍ ଅସ୍‌ମା ନିଜ ଅଂଟାର ବନ୍ଧାଯାଇଥିବା ସୁତାରୁ ଖଣ୍ଡେ କାଟି ଉକ୍ତ ଥଳୀର ମୁହଁକୁ ବାନ୍ଧିଦେଲେ । ସେଇଥିପାଇଁ ତାଙ୍କ ନାମ ଜାତୁନ୍ ନିତାକ୍ ହୋଇଗଲା ।

(ହଜ୍‌ରତ୍ ଆଇଶା) କହୁଛନ୍ତି କି ପୁଣି ତା ପରେ ରସୁଲୁଲ୍ଲାଃ ସ:ଆ:ସ ଏବଂ ହଜ୍‌ରତ୍ ଅବୁ ବକର୍ ସୌର୍ ପାହାଡର ଗୋଟିଏ ଗୁମ୍ଫା ଭିତରେ ପହଂଚିଗଲେ ଏବଂ ସେଥିରେ ତିନି ରାତି ଲୁଚି ରହିଲେ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବୁ ବକର୍ ସେହି ଦୁଇଜଣଙ୍କ ନିକଟକୁ ଯାଇ ରାତିରେ ରହୁଥିଲେ ଓ ସେତେବେଳେ ସେ ଜଣେ ଚାଲାକ୍ ଓ ଚତୁର ଯୁବକ ଥିଲେ ଅର୍ଥାତ୍ ଠିକ୍ ଠାକ୍ ବୁଦ୍ଧି ତାଙ୍କର ଥିଲା ଏବଂ ଅନ୍ଧାର ଥିବା ସମୟରେ ସେ ସେମାନଙ୍କ ନିକଟରୁ ଚାଲିଆସୁଥିଲେ । ଭୋର୍ ଭୋର୍ ଅନ୍ଧାରିଆ ସମୟରେ ହିଁ ଫେରିଯାଉଥିଲେ । ମକାରେ କୁରୈଶ୍‌ଙ୍କ ସହିତ ତାଙ୍କର ସକାଳ ହେଉଥିଲା, ଯେପରି ସେ ମକାରେ ହିଁ ରାତି ବିତାଇଛନ୍ତି । ଯେଉଁ ପ୍ରକାରର ଯୋଜନା କୁଫାର୍‌ମାନେ କରୁଥିଲେ ସେ ସବୁକୁ ସେ ଧ୍ୟାନର ସହିତ ଶୁଣୁଥିଲେ ଓ ବୁଝୁଥିଲେ ଓ ଯେତେବେଳେ ଅନ୍ଧାର ହୋଇଯାଉଥିଲା ସେ ଉକ୍ତ ଗୁମ୍ଫା ନିକଟରେ ପହଂଚି ସେମାନଙ୍କୁ ବତାଇ ଦେଉଥିଲେ । ହଜ୍‌ରତ୍ ଅବୁ ବକର୍‌ଙ୍କ ଗୁଲାମ୍ ଆମିର୍ ବିନ୍ ଫୁହୈରାଃ ଛେଳିମାନଙ୍କର ଦଳ ମଧ୍ୟରୁ ଗୋଟିଏ ଦୁଧିଆଳି ଛେଳି ସେମାନଙ୍କ ନିକଟରେ ଚରାଉଥାନ୍ତି । ଏବଂ ଯେବେ ଇଶା ସମୟ ପରେ କିଛି ସମୟ ବିତିଯାଏ ସେତେବେଳେ ଛେଳିଟିକୁ ତାଙ୍କ ନିକଟକୁ ନେଇ ଯାଆନ୍ତି ଫଳତଃ ସେହି ଦୁଇଜଣ ତାଜା କ୍ଷୀର ପିଇ ରାତି ବିତାଉଥିଲେ । ଏବଂ ସେହି ଦୁଇଜଣ ଯେଉଁ କ୍ଷୀର ପିଅନ୍ତି ତାହା ଉକ୍ତ ଦୁଧିଆଳୀ ଛେଳିର କ୍ଷୀର । ଆମିର୍ ବିନ୍ ଫୁହୈରା ରାତ୍ରିର ତୃତୀୟ ପ୍ରହରରେ ଛେଳିପଲ ନିକଟକୁ ଚାଲି ଯାଉଥିଲେ ଏବଂ ଛେଳିମାନଙ୍କୁ ଶବ୍ଦ ହାଙ୍କିବା ଆରମ୍ଭ କରିଦେଉଥିଲେ । ତିନିରାତି ସେ ଏହିପରି କରୁଥିଲେ । ରସୁଲୁଲ୍ଲାଃ ସ:ଆ:ସ ଏବଂ ହଜ୍‌ରତ୍ ଅବୁ ବକର୍ ବନୁ ଦଏଲ୍ କବିଲାର ଜଣେ ବ୍ୟକ୍ତିଙ୍କୁ ରାସ୍ତା ବତାଇବା ପାଇଁ ମଜୁରୀ ଦେଇ ରଖିଦେଲେ ଏବଂ ସେ ବନୁ ଅବ୍‌ଦ୍ ବିନ୍ ଅଦିର ଥିଲା । ସେ ରାସ୍ତା ଜାଣିବା ଏବଂ ରାସ୍ତା ବତାଇବାରେ ଖୁବ୍ ମାହିର୍ ଥିଲା । ସେହି ବ୍ୟକ୍ତିଜଣକ ଆସ୍ ବିନ୍ ଓ୍ୱାଇଲ୍‌ର କୁଟୁମ୍ବ ସହିତ ଚୁକ୍ତି କରିଥିଲା ଏବଂ ସେ କୁରୈଶ୍‌ଙ୍କ ଧର୍ମ ଉପରେ ପରିଚାଳିତ ଥିଲା । ଆଁ ହଜ୍‌ରତ୍ ସ:ଆ:ସ ଏବଂ ହଜ୍‌ରତ୍ ଅବୁ ବକର୍ ଦୁଇଜଣଯାକ ତା ଉପରେ ଭରଷା କଲେ । ଯଦିଚ ସେ

କାଫିର୍ ଥିଲା ଏବଂ କୁରେଶ୍‌ଙ୍କ ଦ୍ୱାରା ଅଧିକ ପାଳିତ ମଧ୍ୟ ଥିଲା କିନ୍ତୁ ସେ ଯାହାହେଉ ଆପଣ ସ:ଆ:ସ ତା ଉପରେ ଭରଷା କଲେ ଏବଂ ନିଜ ସବାରୀ ନିମନ୍ତେ ଥିବା ଓଟଟିକୁ ତାଙ୍କୁ ଦେଇଦେଲେ ଓ ତା ଠାରୁ ଏ ପ୍ରତିଶୃତି କରାଇନେଲେ ଯେ ସେ ତିନିଦିନ ପରେ ସକାଳ ସମୟରେ ତାଙ୍କ ଓଟ ଗୁଡିକ ନେଇ ଗାରେ ସୌର୍‌ଠାରେ ପହଂଚିବ । ଆମିର୍ ବିନ୍ ଫୁହୈରାଃ ଏବଂ ରାସ୍ତା ଦେଖାଳୀ ଜଣକ ସାଙ୍ଗ ହୋଇଗଲେ । ସେହି ରାସ୍ତା ଦେଖାଳି ଜଣକ ଉକ୍ତ ତିନିଜଣଙ୍କୁ ସମୁଦ୍ରରରେ କଡେ କଡରେ ଥିବା ରାସ୍ତା ଦେଇ ନେଇଗଲା । ଏହା ବୁଖାରୀର ରିଓ୍ୱାୟତ୍ । (ସହି ବୁଖାରୀ କିତାବ୍ ମନାକିବୁଲ୍ ଅନ୍‌ସାର୍ ହିଜ୍‌ରତେ ନବୀ ସ:ଆ:ସ.... ହଦିସ୍ ୩୯୦୫)

ସୁରାକା ବିନ୍ ମାଲିକ୍ ବିନ୍ ଜୁଶମ୍ କହୁଥିଲେ ଯେ ଆମ ନିକଟକୁ କୁଫାର୍ ଅର୍ଥାତ୍ କୁରୈଶ୍‌ଙ୍କ ସନ୍ଦେଶ ବାହକ ଆସିଲେ ଯିଏ ରସୁଲୁଲ୍ଲାଃ ସ:ଆ:ସ ଏବଂ ହଜ୍‌ରତ୍ ଅବୁ ବକର୍ ଦୁଇଜଣଯାକର ଦିୟତ୍ ଧାର୍ଯ୍ୟ କଲେ ଅର୍ଥାତ୍ ଯେଉଁ ବ୍ୟକ୍ତି ତାଙ୍କୁ ହତ୍ୟା କରିବ ବା ବନ୍ଦୀ କରି ନେଇ ଆସିବ । ଏହି ଅବଧିରେ ମୁଁ ମୋ କୌମ୍ ବନୁ ମୁଦ୍‌ଲିଜ୍‌ର ଗୋଟିଏ ମଜ୍‌ଲିସ୍‌ରେ ବସିଥିଲିରେ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଆମ ସମ୍ମୁଖକୁ ଆସିଲା । ଏହି କଥା ଚାଲିଥିଲା ଯେ କିପରି ଧରାଯିବ ଓ କିପରି ହତ୍ୟା କରାଯିବ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ କିଭଳି ଆକ୍ରମଣ କରାଯିବ । ସେ କହୁଛନ୍ତି ଏ କଥା ଆମ ମଜ୍‌ଲିସ୍‌ରେ ଚାଲିଥିଲା ଯେ ଜଣେ ବ୍ୟକ୍ତି ଆସି ଆମ ସମ୍ମୁଖରେ ଛିଡା ହୋଇଗଲା । ଯେବେକି ଆମେ ସେଠାରେ ବସିଥିଲୁ । ସେ କହିଲା ସୁରାକା ! ମୁଁ ଏବେ ସମୁଦ୍ରକୂଳ ଆଡକୁ କିଛି ଛାଇ ଦେଖିଛି ଏବଂ ମୁଁ ଭାବୁଛି ଯେ ସେ ମୁହମ୍ମଦ୍ ସ:ଆ:ସ ଏବଂ ତାଙ୍କର ସାଥି ଅଟନ୍ତି । ସୁରାକା କହୁଛନ୍ତି କି ମୁଁ ଚିହ୍ନିନେଲି ଯେ ସେମାନେ ହିଁ ଅଟନ୍ତି କିନ୍ତୁ ମୁଁ ତାକୁ କହିଲି ସେମାନେ କଦାପି ହୋଇନଥିବେ ବରଂ ତୁମେ ଅମୁକ ଅମୁକ ବ୍ୟକ୍ତିଙ୍କୁ ଦେଖିଥିବ ଯେଉଁମାନେ ଆମ ସମ୍ମୁଖରେ ହିଁ ଯାଇଥିଲେ । ଏହା କହି ତା କଥାକୁ ଟାଳିଦେଲି । ପୁଣି ମୁଁ ସେହି ମଜ୍‌ଲିସ୍‌ରେ କିଛି ସମୟ ରହିଲି । ସୁରାକାକୁ ସେତେବେଳେ ଏ ଲୋଭ ଥିଲା କି ଏପରି ନହେଉ କି ଏମାନେ ପଛରୁ ଚାଲିଯାଆନ୍ତୁ ଓ ସେହି ପୁରସ୍କାରର ହକ୍‌ଦାର୍ ହୋଇଯାଆନ୍ତୁ । ତେବେ ସେ କହୁଛନ୍ତି ସେ ଯାହାହେଉ ମୁଁ ତାଙ୍କ କଥାକୁ ଟାଳିଦେଲେ ଓ କିଛି ସମୟ ପରେ ଉଠିକରି ଘରକୁ ଗଲି ଓ ମୋ ଲୌଣ୍ଡି (ମହିଳା କ୍ରିତଦାସ)କୁ କହିଲି ଯେ ମୋ ଘୋଡାକୁ ବାହାର କର । ସେ ଛୋଟ ମୁଣ୍ଡିଆର ସେପଟେ ହିଁ ରହୁ ଅର୍ଥାତ୍ ପଛପଟେ ଯେଉଁ ଛୋଟିଆ ମୁଣ୍ଡିଆଟି ଥିଲା ତା ଆରପଟକୁ ମୋ ଘୋଡାଟିକୁ ନେଇଯାଅ ଓ ସେଠାରେ ହିଁ ତାକୁ ରଖ । ସେଠାରେ ତାକୁ ମୋ ପାଇଁ ଧରିରଖ ସୁତରାଂ ମୁଁ ନିଜର କନ୍ତ ବାହାର କଲି ଓ ତାକୁ ନେଇ ଘରର ପଛପଟକୁ ବାହାରିଲି । ମୁଁ କନ୍ତଟିର ମୁନଟିକୁ ଭୂଇଁ ଉପରେ ରଖିଲି ଏବଂ ତାର ଉପର ଭାଗଟିକୁ ତଳକୁ ନୁଆଁଇଦେଲି ଓ ଏହିପରି ନିଜ ଘୋଡା ନିକଟରେ ପହଂଚି ତା ଉପରେ ବସିପଡିଲି ଅର୍ଥାତ୍ ଘୋଡା ଉପରେ ବସିବାର ଘଟଣାକୁ ବର୍ଣ୍ଣନା କରୁଛନ୍ତି ଯେ କନ୍ତର ସାହାଯ୍ୟ ନେଇ ଘୋଡା ଉପରେ ବସିପଡିଲେ । ମୁଁ ତାକୁ ତେଜ୍ କଲି ଅର୍ଥାତ୍ ଅଳ୍ପ ଟିକେ ଥାପୁଡାଇ ଦେଲି ଏବଂ ପୁଣି ତାକୁ ଦୌଡାଇ ଦେଲି । ଫଳତଃ ସେ ଖୁବ୍ ଜୋର୍‌ରେ ଦୌଡି ମୋତେ ନେଇଗଲା । ଏପରିକି ମୁଁ ଯେତେବେଳେ ସେମାନଙ୍କ ନିକଟରେ ପହଂଚିଲି ଅର୍ଥାତ୍ ଆଁ ହଜ୍‌ରତ୍ ନିକଟତର ହେଲି । ସେତେବେଳେ ମୋ ଘୋଡାଟି ଏପରି ଝୁଂଟିପଡିଲା ଯେ ମୁଁ ତା ଉପରୁ ତଳକୁ ଖସିପଡିଲି । ପୁଣି ମୁଁ ଉଠି ଛିଡା ହେଲି ଓ ନିଜର ତୀର ମୁଣା ଆଡକୁ ହାତ ବଢ଼ାଇ ସେଥିରୁ ଗୋଟିଏ ତୀର ବାହାର କଲି ଓ ତା ଜରିଆରେ ଫାଲ୍ (ଅର୍ଥାତ୍ ଶୁଭ ବା ଅଶୁଭ ଜାଣିବା ପାଇଁ ଏକ ପ୍ରକାର ଅମଲ କରିବା) ପକାଇଲି ଯେ ମୁଁ ସେମାନଙ୍କୁ କ୍ଷତି ପହଂଚାଇ ପାରିବି ବା ନୁହେଁ ଅର୍ଥାତ୍ ମୁଁ ତାଙ୍କୁ ହତ୍ୟା କରିବି ବା ବନ୍ଦି କରିବାର ଯେଉଁ ମନସ୍ଥ କରିଛି ତାହା କରିପାରିବି ବା ନାହିଁ । ସେ କହୁଛି କି ତାହା ହିଁ ବାହାରିଲା  ଯାହାକୁ ମୁଁ ପସନ୍ଦ କରୁନଥିଲି ଅର୍ଥାତ୍ ଫାଲ୍ ମୋ ଖିଲାଫ୍ ଏହା ବାହାରିଲା କି ମୁଁ ଧରିପାରିବି ନାହିଁ ।

ସେ କହୁଛନ୍ତି ମୁଁ ପୁଣି ନିଜ ଘୋଡାରେ ଚଢ଼ିଲି ଓ ସେହି ଫାଲ୍ ବିରୋଧରେ କାର୍ଯ୍ୟ କଲି । ଘୋଡାଟି ପୁଣି ବହୁତ କ୍ଷିପ୍ର ଗତିରେ ଦୌଡି ମୋତେ ନେଇଯାଉଥିଲା ଏବଂ ଏତେ ନିକଟତର ହୋଇଗଲା ଯେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ପବିତ୍ର କୋରାନ୍ ପଢ଼ିବାର ଶୁଣିନେଲି । ଆପଣ ସ:ଆ:ସ ଏପଟ ସେପଟ ଦେଖୁନଥିଲେ ଏବଂ ହଜ୍‌ରତ୍ ଅବୁ ବକର୍ ବହୁବାର ପଛକୁ ବୁଲି ଚାହୁଁଥିଲେ । ଅଳ୍ପ ସମୟ ପରେ ଯେବେ ମୁଁ ତାଙ୍କ ନିକଟରେ ପହଂଚିଗଲି ସେତେବେଳେ ମୋ ଘୋଡାଟିର ଆଗ ଗୋଡ ଦୁଇଟି ଭୁଇଁ ଭିତରେ ଆଣ୍ଠୁ ପର୍ଯ୍ୟନ୍ତ ଧସିଗଲା । ଫଳତଃ ମୁଁ ତଳେ ପଡିଗଲି । ଏହାପରେ ମୁଁ ଘୋଡାଟିକୁ ପାଟି କରି ଛିଡା ହେଲି । ସେ ତା ଗୋଡକୁ ଭୁଇଁ ଭିତରୁ ବାହାରି କରିପାରୁନଥିଲା । ଶେଷରେ ଯେତେବେଳେ ସେ ସିଧା ଛିଡାହେଲା ଓ ବହୁତ ଶକ୍ତି ଲଗାଇ ସିଧା ହୋଇ ଛିଡା ହେଲା ସେତେବେଳେ ତାର ଦୁଇ ଗୋଡ ଭୂଇଁରୁ ବାହାରିବା ଯୋଗୁ ଧୂଳି ଗୁଡିକ ଧୁଆଁ ସଦୃଶ ଚତୁଃପାର୍ଶ୍ୱରେ ବ୍ୟାପିଗଲା ଅର୍ଥାତ୍ ଏତେମାତ୍ରାରେ ଧସିଯାଇଥିଲା ଯେ ବଳ ପ୍ରୟୋଗ କରି ବାହାରିବା ଦ୍ୱାରା ଏତେ ମାତ୍ରାରେ ଧୂଳି ଥିଲା ଯେ ଚାରିଆଡେ ଧୂଆଁ ସଦୃଶ ବ୍ୟାପିଗଲା । ସେ କହୁଛନ୍ତି ଏବେ ମୁଁ ପୁନର୍ବାର ତୀର ଦ୍ୱାରା ଫାଲ୍ ବାହାର କଲି । ଏବେ ମଧ୍ୟ ତାହା ହିଁ ବାହାରିଲା ଯାହାକୁ ମୁଁ ପସନ୍ଦ କରୁନଥିଲି ଅର୍ଥାତ୍ ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କୁ କାବୁ କରିପାରିବି ନାହିଁ । ତେଣୁ ମୁଁ ସେମାନଙ୍କୁ ଡାକଦେଇ କହିଲି ଯେ ତୁମେମାନେ ଶାନ୍ତିରେ ରହିବ ଅର୍ଥାତ୍ ତୁମର କୌଣସି ଅସୁବିଧା ହେବନାହିଁ । ଫଳତଃ ସେମାନେ ରହିଗଲେ ଅର୍ଥାତ ଏବେ ମୋର କୌଣସି ଖରାପ ମନୋଭାବ ନଥିଲା । କହୁଛନ୍ତି- ମୁଁ ମୋ ଘୋଡା ଉପରେ ଚଢ଼ି ତାଙ୍କ ନିକଟକୁ ଆସିଲି । ଯେବେ ନିୟତ୍ ଠିକ୍ ହୋଇଗଲା ତେବେ ଘୋଡାଟି ମଧ୍ୟ ଠିକ୍ ରୂପେ ଚାଲିଲା ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ପହଂଚିଲା । ସେ କହୁଛନ୍ତି କି ତାଙ୍କ ପର୍ଯ୍ୟନ୍ତ ପହଂଚିବା ପାଇଁ ଯାହାକିଛି ପ୍ରତିବନ୍ଧକ ହେଉଥିଲା ତାହାକୁ ଦେଖି ମୋ ମନ ଭିତରେ ଏ ଭାବନା ଆସିଲା ଯେ ନିଶ୍ଚିତ ରୂପେ ରସୁଲୁଲ୍ଲାଃ ସ:ଆ:ସଙ୍କର ହିଁ ବିଜୟ ହେବ । ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କୁ କହିଲି କି ଆପଣଙ୍କ କୌମ୍ ଆପଣଙ୍କ ନିମନ୍ତେ ଦିୟତ୍ ଧାର୍ଯ୍ୟ କରିଛି ଏବଂ ମୁଁ ତାଙ୍କୁ ସେ ସବୁକଥା ବତାଇଦେଲି ଯାହାକିଛି ଲୋକମାନେ ସେମାନଙ୍କ ସହିତ କରିବା ପାଇଁ ମନୋଭାବ ରଖିଥିଲେ ଅର୍ଥାତ୍ କୁଫାର୍‌ଙ୍କର ଯାହା କିଛି ଖରାପ ମନୋଭାବ ଥିଲା ସେ ସବୁକୁ ବ୍ୟାଖ୍ୟା କରି ବତାଇଦେଲି । ଏବଂ ପୁଣି ମୁଁ ସେମାନଙ୍କ ସମ୍ମୁଖରେ ରାସ୍ତାରେ ବ୍ୟବହାର କରିବାକୁ ଥିବା ସାମାନ୍ ଇତ୍ୟାଦି ରଖିଦେଇ କହିଲି ଏହା କିଛି ଜିନିଷ ଅଛି, ଆପଣମାନେ ଯାତ୍ରାରେ ଯାଉଛନ୍ତି ତେଣୁ ରାସ୍ତାରେ ଖାଇବା ପିଇବାର ସାମାନ୍ ନେଇ ନିଅନ୍ତୁ । କିନ୍ତୁ ସେମାନେ ମୋଠାରୁ ନେଲେନାହିଁ । ଆଁ ହଜ୍‌ରତ୍ ସ:ଆ:ସ ମନା କରି କହିଲେ କି ଏହାର କୌଣସି ଆବଶ୍ୟକତା ନାହିଁ ଏବଂ ନା ମୋ ଠାରୁ କୌଣସ ଜିନିଷ ଇଛା କଲେ କେବଲ ଏତିକି କି ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ଆମ  ଯାତ୍ରା ସମ୍ବନ୍ଧରେ କଥାକୁ ଗୋପନ ରଖିବ ଅର୍ଥାତ୍ କାହାକୁ ବତାଇବ ନାହିଁ କି ଆମେ କେଉଁ ରାସ୍ତାରେ ଯାଉଅଛୁ । ସେ ପୁଣି କହୁଛନ୍ତି କି ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ନିବେଦନ କଲି କି ଆପଣ ମୋ ନିମନ୍ତେ ଗୋଟିଏ ଶାନ୍ତିର ଏକ ଲେଖା ଲେଖିଦିଅନ୍ତୁ, ଏବେଯାଏ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଯାତ୍ରା କରୁଥିବେ । ଏଥିରେ ଆପଣ ସ:ଆ:ସ ଉକ୍ତ ସ୍ୱାଧୀନ ହୋଇଥିବା ନିଗ୍ରୋ ଗୁଲାମ୍ ଆମିର୍ ବିନ୍ ଫୁହୈରାଃଙ୍କୁ କହିଲେ ଯେ ଲେଖିକରି ଦିଅ ଏବଂ ସେ ଚମଡାର ଗୋଟିଏ ଖଣ୍ଡରେ ତାହା ଲେଖିଦେଲା । ଏହାପରେ ରସୁଲୁଲ୍ଲାଃ ସ:ଆ:ସ ଗସ୍ତ କଲେ ।

ଇବ୍‌ନେ ଶିହାବ୍‌ଙ୍କ ରିଓ୍ୱାୟତ୍ ଅଛି କି ଉର୍‌ୱାହ୍ ବିନ୍ ଜୁବୈର୍ ମୋତେ ବତାଇଲେ କି ରସୁଲୁଲ୍ଲାଃ ସ:ଆ:ସ ରାସ୍ତାରେ ହଜ୍‌ରତ୍ ଜୁବୈର୍ ର:ଅଙ୍କ ସହିତ ସାକ୍ଷାତ୍ କଲେ ଯିଏ ମୁସଲ୍‌ମାନ୍‌ମାନଙ୍କର ଗୋଟିଏ କାଫେଲା ସହିତ ଶିରିଆରୁ ବଣିଜ କରି ଫେରୁଥିଲେ । ହଜ୍‌ରତ୍ ଜୁବୈର୍ ର:ଅ ରସୁଲୁଲ୍ଲାଃ ସ:ଆ:ସ ଏବଂ ହଜ୍‌ରତ୍ ଅବୁ ବକର୍ ର:ଅଙ୍କୁ ଧଳା ବସ୍ତ୍ର ପିନ୍ଧାଇଲେ ଏବଂ ମଦିନାରେ ମୁସଲ୍‌ମାନ୍‌ମାନେ ଏକଥା ଶୁଣିନେଲେ ଯେ ରସୁଲୁଲ୍ଲାଃ ସ:ଆ:ସ ମକାରୁ ବାହାରି ପଡିଛନ୍ତି । ସେଇଥିପାଇଁ ସେମାନେ ପ୍ରତ୍ୟେକ ଦିନ ସକାଳେ ହର୍‌ରାଃ ନାମକ ପଡିଆ ନିକଟକୁ ଯାଉଥିଲେ ଏବଂ ସେଠାରେ ଦ୍ୱିପ୍ରହରର ଭୀଷଣ ଖରା ପର୍ଯ୍ୟନ୍ତ ଆପଣ ସ:ଆ:ସଙ୍କୁ ଅପେକ୍ଷା କରି ପୁଣି ଫେରିଆସୁଥିଲେ । ସେମାନେ ଏ ଅପେକ୍ଷାରେ ଥିଲେ କି କେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଆସି ମଦିନାରେ ପହଂଚିବେ । କହୁଛନ୍ତି ଦିନେ ସେମାନେ ବହୁତ ଅପେକ୍ଷା କରିବା ପରେ ଯେତେବେଳେ ଘରକୁ ଫେରିଲେ ସେତେବେଳେ ଜଣେ ୟୁହୁଦୀ ବ୍ୟକ୍ତି ନିଜର ଗୋଟିଏ ଅଟ୍ଟାଳିକା ଉପରେ କିଛି ଦେଖିବା ପାଇଁ ଚଢ଼ିଲା । ତେଣୁ ସେ ରସୁଲୁଲ୍ଲାଃ ସ:ଆ:ସ ଓ ଆପଣ ସ:ଆ:ସଙ୍କ ସାଥିମାନଙ୍କୁ ଦେଖିନେଲା ଯେଉଁମାନେ ଧଳା ବସ୍ତ୍ର ପିନ୍ଧିଥିଲେ ଏବଂ ଦୂରରୁ ମରିଚିକା ଧିରେଧିରେ ଅପସରି ଯାଉଥିଲା ଅର୍ଥାତ୍ ଧିରେଧିରେ ସେମାନଙ୍କର ଚେହେରା ସ୍ପଷ୍ଟ ହୋଇଗଲା । ସେହି ୟୁହୁଦୀ ଜଣକ ଏକଥା ଦେଖି ଅଚାନକ ବଡପାଟିରେ କହିଉଠିଲା  ହେ ଆରବର ଲୋକମାନେ ! ମଦିନାର ଲୋକମାନଙ୍କୁ ଡାକିଲା ଯେ ଦେଖ ତୁମର ସେହି ସର୍ଦ୍ଦାର ଆସୁଛନ୍ତି ଯାହାର ତୁମେ ଅପେକ୍ଷା କରୁଥିଲ । ତାକୁ ଜଣାଥିଲା ଯେ ମୁସଲ୍‌ମାନ୍‌ମାନେ ପ୍ରତ୍ୟେକ ଦିନ ଗୋଟିଏ ସ୍ଥାନକୁ ଯାଉଛନ୍ତି ଓ ଏକାଠି ଅପେକ୍ଷା କରୁଛନ୍ତି । ଏହା ଶୁଣି ମୁସଲ୍‌ମାନ୍‌ମାନେ ଉଠିପଡି ନିଜ ଅସ୍ତ୍ରଶସ୍ତ୍ର ଗୁଡିକୁ ଧରି ହୁର୍‌ରାଃ ନାମକ ପଡିଆରେ ରସୁଲୁଲ୍ଲାଃ ସ;ଆ:ସଙ୍କୁ ସ୍ୱାଗତ କଲେ । ଆପଣ ସ:ଆ:ସ ସେମାନଙ୍କୁ ସାଥିରେ ନେଇ ନିଜର ଡାହାଣପଟକୁ ଗତି କଲେ ଏବଂ ବନି ଉମ୍‌ରୋ ବିନ୍ ଅଓଫ୍‌ଙ୍କ ମହଲରେ ସେମାନଙ୍କ ସାଥିରେ ଯାଇ ଅବତୀର୍ଣ୍ଣ ହେଲେ । ସେହି ଦିନଟି ସୋମବାର ଥିଲା ଓ ରବିଉଲ୍ ଅଓ୍ୱଲ୍‌ର ମାସ ଥିଲା । ହଜ୍‌ରତ୍ ଅବୁ ବକର୍ ର:ଅ ଉପସ୍ଥିତ ଲୋକମାନଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଛିଡା ହେଲେ ଯେବେ କି ରସୁଲୁଲ୍ଲାଃ ସ:ଆ:ସ ଚୁପ୍ ହୋଇ ବସି ରହିଲେ । ଅନ୍‌ସାର୍‌ମାନଙ୍କ ମଧ୍ୟରୁ ଯେଉଁମାନେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଦେଖିନଥିଲେ ସେମାନେ ଆସି ହଜ୍‌ରତ୍ ଅବୁ ବକର୍‌ଙ୍କୁ ସଲାମ୍ କହିବାକୁ ଲାଗିଲେ । ଏପରିକି ରସୁଲୁଲ୍ଲାଃ ସ:ଆ:ସଙ୍କ ଚେହେରା ଉପରେ ଯେତେବେଳ ଖରା ପଡିଲା ଅର୍ଥାତ୍ ବହୁତ ବିଳମ୍ବ ହୋଇଗଲା ଏବଂ ସୂର୍ଯ୍ୟ ଟିକିଏ ପ୍ରଖର ହୋଇଗଲେ, ଅଳ୍ପ କିଛି ଯେଉଁ ଛାଇ ଥିଲା ତାହା ଅପସରି ଗଲା ସେତେବେଳେ ହଜ୍‌ରତ୍ ଅବୁ ବକର୍ ର:ଅ ଆସିଲେ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ନିଜ ଚଦ୍ଦର ଦ୍ୱାରା ଛାଇ କରିଦେଲେ, ସେତେବେଳେ ଯାଇ ଲୋକମାନେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଚିହ୍ନିଲେ ଏବଂ ରସୁଲୁଲ୍ଲାଃ ସ:ଆ:ସ ବନୁ ଉମ୍‌ରୋ ବିନ୍ ଅଓଫ୍‌ଙ୍କ ମହଲାରେ ଦଶଦିନରୁ କିଛି ଅଧିକା ରାତି ବିତାଇଲେ ଓ ସେଠାରେ ସେହି ମସ୍‌ଜିଦ୍ ନିର୍ମାଣ କରାଗଲା ଯାହାର ମୂଳଦୁଆ ତକ୍‌ଓ୍ୱା ଉପରେ ରଖାଯାଇଥିଲା ଓ ସେଥିରେ ରସୁଲୁଲ୍ଲାଃ ସ:ଆ:ସ ନମାଜ ପଢ଼ିଲେ ।

ପୁଣି ଆପଣ ସ:ଆ:ସ ନିଜ ଓଟ ଉପରେ ଚଢ଼ି ବସିଲେ ଏବଂ ଲୋକମାନେ ଆପଣ ସ:ଆ:ସଙ୍କ ସହିତ ପାଦରେ ଚାଲିଲେ । ଏବଂ ସେହି ଓଟଟି ମଦିନାର ସେହି ସ୍ଥାନରେ ଯାଇ ବସିପଡିଲା ଯେଉଁଠି ବର୍ତମାନ ମସ୍‌ଜିଦ୍ ନବଓ୍ୱି ସ:ଆ:ସ ରହିଛି । ସେ ସମୟରେ ସେଠାରେ କିଛି ମୁସଲ୍‌ମାନ୍ ନମାଜ ପଢୁଥିଲେ ଓ ସେହି ସ୍ଥାନଟି ସୁହୈଲ୍ ଏବଂ ସହଲ୍‌ଙ୍କ ଖଜୁରୀ ଶୁଖାଇବାର ସ୍ଥାନ ଥିଲା । ଗୋଟିଏ ଖୋଲା ପଡିଆ ଥିଲା ଯେଉଁଠି ସେହି ଦୁଇଜଣ ପିଲା ନିଜ ଫସଲର ଖଜୁରୀ ଗୁଡିକୁ ଶୁଖାଉଥିଲେ । ସେହି ଦୁଇଜଣ ଅନାଥ ପିଲା ଥିଲେ । ସେମାନେ ହଜ୍‌ରତ୍ ସାଆଦ୍ ବିନ୍ ଜୁରାରାଃଙ୍କ ଦ୍ୱାରା ଲାଳିତ ପାଳିତ ଥିଲେ । ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଓଟଟି ନେଇ ଆପଣ ସ:ଆ:ସଙ୍କୁ ସେଠାରେ ବସାଇଦେଲା ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ଯଦି ଏହାକୁ ଅଲ୍ଲାଃ ଇଛା କରିଛନ୍ତି ତେବେ ଏହି ସ୍ଥାନଟି ଆମ ରହିବାର ସ୍ଥାନ ହେବ । ପୁଣି ରସୁଲୁଲ୍ଲାଃ ସ:ଆ:ସ ଉକ୍ତ ଦୁଇଜଣ ପୁଅପିଲାକୁ ଡକାଇ ପଠାଇଲେ ଓ ସେମାନଙ୍କଠାରୁ ସେହି ସ୍ଥାନର ମୂଲ୍ୟ ପଚାରି ବୁଝିଲେ ଯଦ୍ୱାରା ସେଠାରେ ମସ୍‌ଜିଦ୍ ନିର୍ମାଣ କରିବେ । ଏଥିରେ ସେହି ଦୁଇଜଣ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆମେ ଆପଣଙ୍କୁ ଏହି ଜମିଟି ମାଗଣାରେ ଦେଉଅଛୁ । ରସୁଲୁଲ୍ଲାଃ ସ:ଆ:ସ ତାଙ୍କଠାରୁ ଉକ୍ତ ସ୍ଥାନଟିକୁ ମାଗଣାରେ ନେବାପାଇଁ ମନା କରିଦେଲେ । ସୁତରାଂ ସେହି ଜମିଟିକୁ ତାଙ୍କଠାରୁ କିଣିନେଇ ମସ୍‌ଜିଦ୍ ନିର୍ମାଣ କଲେ ଏବଂ ରସୁଲୁଲ୍ଲାଃ ସ:ଆ:ସ ସେହି ମସ୍‌ଜିଦ୍‌ଟିକୁ ନିର୍ମାଣ କରିବା ନିମନ୍ତେ ଲୋକମାନଙ୍କ ସହିତ ଇଟା ଖୋଜିବାକୁ ଲାଗିଲେ ଓ ଯେତେବେଳେ ଇଟା ଖୋଜୁଥିଲେ ସେତେବେଳେ ନିମ୍ନଲିଖିତ ଉକ୍ତିକୁ କହି ଚାଲୁଥିଲେ ।

*ହାଜଲ୍ ହିମାଲୁ ଲା ହିମାଲା ଖୈବର୍     ହାଜା ଅବର୍‌ରୁ ରବ୍‌ବନା ଓ୍ୱ ଅତ୍‌ହର୍*

ଅର୍ଥାତ୍- ଏହି ବୋଝ ଖୈବର୍‌ର ବୋଝପରି ନୁହେଁ ବରଂ ହେ ଆମର ପାଳନକର୍ତା ! ଏହି ବୋଝ ବହୁତ ଉତମ ଓ ପବିତ୍ର ଅଟେ । ପୁଣି କହୁଥିଲେ:-

*ଅଲ୍ଲାଃହୁମ୍ମା ଇନ୍ନଲ୍ ଅଜ୍‌ରା ଅଜ୍‌ରୁଲ୍ ଆଖିରତି     ଫର୍‌ହମିଲ୍ ଅନ୍‌ସାରା ଓ୍ୱଲ୍ ମୁହାଜିରତି*

ଅର୍ଥାତ୍ ହେ ଅଲ୍ଲାଃ ଅସଲ ପୁଣ୍ୟ ହେଉଛି ପରକାଳର ପୁଣ୍ୟ । ସେଥିପାଇଁ ତୁମେ ଅନ୍‌ସାର୍ ଏବଂ

ମୁହାଜିର୍‌ମାନଙ୍କ ଉପରେ ଦୟା କର । ଏହା ମଧ୍ୟ ବୁଖାରୀର ରିୱାୟତ୍ ଅଟେ । (ସହି ବୁଖାରୀ, କିତାବ୍ ମନାକିବୁଲ୍ ଅନ୍‌ସାର୍ ବାବ୍ ହିଜ୍‌ରତୁନ୍ ନବୀ ସ:ଆ:ସ.....ହଦିସ୍ ୩୯୦୬)

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ମଧ୍ୟ ଏହି ହିଜ୍‌ରତ୍ ଘଟଣା ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ସେ ଏହାକୁ ବିଭିନ୍ନ ଶୈଳୀରେ ବର୍ଣ୍ଣନା କରିଛନ୍ତି । ତେଣୁ ଅଳ୍ପ କିଛି ବ୍ୟାଖ୍ୟା ଏଠାରେ ମଧ୍ୟ ମୁଁ କହୁଅଛି । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ଲେଖୁଛନ୍ତି କି- ''ପରିଶେଷରେ ମକାଟି ମୁସଲ୍‌ମାନ୍ ମାନଙ୍କ ଠାରୁ ଖାଲି ହୋଇଗଲା । କେବଳ ଅଳ୍ପ କିଛି ଗୁଲାମ୍, ରସୁଲୁଲ୍ଲାଃ ସ:ଆ:ସ ସ୍ୱୟଂ ନିଜେ, ହଜ୍‌ରତ୍ ଅବୁ ବକର୍ ଏବଂ ହଜ୍‌ରତ୍ ଅଲି ର:ଅ ମକାରେ ରହିଗଲେ । ଯେତେବେଳେ ମକାର ଲୋକମାନେ ଦେଖିଲେ କି ଏବେ ଶିକାର ଆମ ହାତରୁ ଖସିଯାଉଛି ସେତେବେଳେ ମକାର ରଇସ୍‌ମାନେ ଏକାଠି ହୋଇ ଯୋଜନା କରିବା ପରେ ସେମାନେ ଏ ନିଷ୍ପତି କଲେ କି ଏବେ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କୁ ହତ୍ୟା କରିଦେବା ହିଁ ଉଚିତ୍ ହେବ । ଇଶ୍ୱରଙ୍କ ବିଶେଷ ହସ୍ତକ୍ଷେପ ଦ୍ୱାରା ଆପଣ ସ:ଆ:ସଙ୍କ ହତ୍ୟା କରାଯିବାର ତାରିଖ ଏବଂ ଆପଣ ସ:ଆ:ସଙ୍କ ହିଜ୍‌ରତ୍ କରିବାର ତାରିଖ ଗୋଟିଏ ଦିନ ହିଁ ପଡିଲା । ଯେତେବେଳେ ମକାର ଲୋକମାନେ ଆପଣ ସ:ଆ:ସଙ୍କ ଘର ସମ୍ମୁଖରେ ଆପଣଙ୍କୁ ହତ୍ୟା କରିବା ପାଇଁ ଏକାଠି ହେଉଥିଲେ ସେତେବେଳେ ଆପଣ ସ:ଆ:ସ ରାତ୍ରିର ଅନ୍ଧକାରରେ ହିଜ୍‌ରତ୍ କରିବାର ମନସ୍ଥ କରି ନିଜ ଘରୁ ବାହାରୁଥିଲେ'' । (ଗୋଟିଏ ପଟେ କୁଫାର୍ ଏକାଠି ହେଉଥିଲେ ଏବଂ ଅନ୍ୟପଟେ ଅଲ୍ଲାଃତାଲା ଯିଏ ଆପଣ ସ:ଆ:ସଙ୍କ ମାର୍ଗଦର୍ଶନ କରାଉଥିଲେ, ସେ ସମୟରେ ଆପଣ ବାହାରକୁ ବାହାରୁଥିଲେ) ''ମକାର ଲୋକମାନେ ନିଶ୍ଚିତ ରୂପେ ଏ ସନ୍ଦେହ କରୁଥିଲେ ଯେ ତାଙ୍କର ଏହି ଯୋଜନା ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ମଧ୍ୟ ଖବର ମିଳିଯାଇଥିବ ବୋଲି କିନ୍ତୁ ଏହା ସତ୍ୱେ ମଧ୍ୟ ଯେତେବେଳେ ଆପଣ ସ:ଆ:ସ ସେମାଙ୍କ ସମ୍ମୁଖ ଦେଇ ଗଲେ ସେତେବେଳେ ସେମାନେ ଏହା ଭାବିଲେ ଯେ ଏ ବ୍ୟକ୍ତି ଆଉ କେହି ହୋଇଥିବେ ଏବଂ ଆପଣ ସ:ଆ:ସଙ୍କ ଉପରେ ଆକ୍ରମଣ କରିବା ପରିବର୍ତେ ସଙ୍କୁଚିତ ହୋଇ ଲୁଚିବାକୁ ଲାଗିଗଲେ'' (ଅର୍ଥାତ୍ ଏପରି ନହେଉ କି ଏହି ଯେଉଁ ବ୍ୟକ୍ତିଜଣକ ଯାଉଛନ୍ତି ସେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏ ଖବର ନଦିଅନ୍ତୁ ଯେ ଆମେ ଏକାଠି ହେଉଅଛୁ ବୋଲି) ''ଯଦ୍ୱାରା ସେମାନଙ୍କର ଯୋଜନା ସମ୍ବନ୍ଧରେ ମୁହମ୍ମଦ୍ (ସ:ଆ:ସ)ଙ୍କୁ ଖବର ନହୋଇଯାଉ'' (ସେଇଥିଯୋଗୁ ସେମାନେ ସଙ୍କୁଚିତ ହେଉଥିଲେ) । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଲେଖୁଛନ୍ତି କି ''ସେହି ରାତ୍ରିର ପୂର୍ବଦିନ ହିଁ ଆପଣ ସ:ଆ:ସଙ୍କ ସହିତ ହିଜ୍‌ରତ୍ କରିବା ପାଇଁ ଅବୁ ବକର୍ ର:ଅଙ୍କୁ ମଧ୍ୟ ଏତେଲା ଦିଆଯାଇଥିଲା । ସୁତରାଂ ସେ ମଧ୍ୟ ଆପଣ ସ:ଆ:ସଙ୍କ ସହିତ ମିଶିଗଲେ ଏବଂ ଦୁଇଜଣଯାକ ସାଙ୍ଗ ହୋଇ ଅଳ୍ପ ସମୟ ମଧ୍ୟରେ ମକାରୁ ବାହାରିପଡିଲେ ଏବଂ ମକାରୁ ତିନି ଚାରି ମାଇଲ୍ ଦୂରତାରେ ଥିବା ସୌର୍ ନାମକ ପାହାଡର ମୁଣ୍ଡରେ ଗୋଟିଏ ଗୁମ୍ଫାରେ ଶରଣ ନେଲେ । ଯେବେ ମକାର ଲୋକମାନଙ୍କୁ ଜଣାପଡିଲା ଯେ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ମକାରୁ ଚାଲିଗଲେଣି ବୋଲି ସେତେବେଳେ ସେମାନେ ଗୋଟିଏ ସେନା ଦଳ ପ୍ରସ୍ତୁତ କରି ଆପଣ ସ:ଆ:ସଙ୍କ ଅନୁସରଣ କଲେ । ଜଣେ ଖୋଜି (ପାଦ ଚିହ୍ନକୁ ଅନୁସରଣ କରି ଠିକଣାରେ ପହଂଚାଇ ଦେଉଥିବା ଲୋକ)କୁ ସେମାନେ ସାଥିରେ ନେଇଗଲେ ଯିଏ ଆପଣ ସ:ଆ:ସଙ୍କୁ ଅନୁସରଣ କରି ସୌର ପାହାଡ ନିକଟରେ ପହଂଚିଗଲା । ସେଠାରେ ସେ ଗୁମ୍ଫା ନିକଟରେ ପହଂଚି, ଯେଉଁଠି ହଜୁର୍ ସ:ଆ:ସ ଏବଂ ଅବୁବକର୍ ର:ଅ ଲୁଚିଥିଲେ, ବିଶ୍ୱାସର ସହିତ କହିଲା କି ମୁହମ୍ମଦ୍ ସ:ଆ:ସ ଏହି ଗୁମ୍ଫା ଭିତରେ ଅଛନ୍ତି ବା ଯଦି (ଏଠାରେ ନାହାଁନ୍ତି) ତେବେ ଆକାଶକୁ ଚଢ଼ିଯାଇଛନ୍ତି । ତାର ଏହି କଥାକୁ ଶୁଣି ହଜ୍‌ରତ୍ ଅବୁ ବକର୍ ର:ଅ ମନ ସଙ୍କୁଚିତ ହୋଇଗଲା ଏବଂ ସେ ଧିର ସ୍ୱରରେ ରସୁଲେ କରିମ୍ ସ:ଆ:ସଙ୍କୁ କହିଲେ ଶତ୍ରୁ ଆସି ମୁଣ୍ଡ ଉପରେ ପହଂଚି ଗଲାଣି ଏବଂ ଏବେ କେହି କ୍ଷଣ ମଧ୍ୟରେ ଗୁମ୍ଫା ଭିତରେ ପ୍ରବେଶ କରିବେ । ଏହା ଶୁଣି ଆପଣ ସ:ଆ:ସ କହିଲେ- *ଲା ତହ୍‌ଜନ୍ ଇନ୍ନଲ୍ଲାହା ମାଆନା* ଅର୍ଥାତ୍ ହେ ଅବୁବକର୍ ଭୟ କରନାହିଁ, ଖୁଦା ଆମ ଦୁଇଜଣଙ୍କ ସହିତ ଅଛନ୍ତି । ଏଥିରେ ହଜ୍‌ରତ୍ ଅବୁ ବକର୍ ର:ଅ କହିଲେ- ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ମୋ ନିଜ ଜୀବନ ପାଇଁ ଭୟ କରୁନାହିଁ କାରଣ ମୁଁ ତ ଜଣେ ସାଧାରଣ ମନୁଷ୍ୟ । ଯଦି ମୋତେ ମାରି ଦିଆଗଲା ତେବେ ଜଣେ ସାଧାରଣ ଲୋକଙ୍କୁ ହିଁ ମାରି ଦିଆଗଲା । ହେ ଅଲ୍ଲାଃଙ୍କ ରସୁଲ୍ ! ମୋତେ ତ କେବଳ ଏ ଭୟ ଲାଗୁଥିଲା ଯେ ଯଦି ଆପଣଙ୍କ ଜୀବନକୁ କିଛି କ୍ଷତି ପହଂଚିବ ତେବେ ଏ ପୃଥିବୀରେ ଆଧାତ୍ମିକ ଓ ଦୀନ୍‌ର କାର୍ଯ୍ୟ ଶେଷ ହୋଇଯିବ । ଏଥିରେ ଆପଣ ସ:ଆ:ସ କହିଲେ- କୌଣସି ପରବାୟ ନାହିଁ, ଏଠାରେ ଆମେ ଦୁଇଜଣ ହିଁ ନାହୁଁ (ବରଂ) ତୃତୀୟ ଜଣକ ଯିଏ ଆମ ସହିତ ଅଛନ୍ତି ସେ ହେଉଛନ୍ତି ଖୁଦାତାଲା । ଯେହେତୁ ବର୍ତମାନ ଏପରି ସମୟ ଆସିଯାଇଥିଲା ଯେ ଖୁଦାତାଲା ଇସ୍‌ଲାମ୍‌କୁ ଉନ୍ନତି ଦେବ ଓ ବଢ଼ାଇବ ଓ ମକାବାସୀଙ୍କ ନିମନ୍ତେ ମହଲତର ସମୟ ଶେଷ ହୋଇସାରିଥିଲା । ଖଦାତାଲା ମକାବାସୀଙ୍କ ଆଖିରେ ପରଦା ପକାଇଦେଲା ଓ ସେମାନେ ଖୋଜିର ସହିତ ଥଟ୍ଟା ପରିହାସ କହିବା ଆରମ୍ଭ କରିଦେଲେ ଓ ଏକଥା କହିଲେ କି କଣ ସେମାନେ ଏହି ଖୋଲା ସ୍ଥାନରେ ଶରଣ ନେଇଥିବେ ? ଏହା କୌଣସି ଶରଣ ନେବାର ସ୍ଥାନ ନୁହେଁ ଏବଂ ପୁଣି ଏହି ସ୍ଥାନରେ ବହୁ ସଂଖ୍ୟାରେ ସାପ ଓ ବିଛା ରହୁଛନ୍ତି । ଏଠାରେ କୌଣସି ବୁଦ୍ଧିମାନ୍ ବ୍ୟକ୍ତି ଶରଣ ନେଇପାରେନା । ସେମାନେ ଗୁମ୍ଫାଟିର ଭିତରକୁ ଚାହିଁ ଦେଖିବା ପରିବର୍ତେ ସେହି ଖୋଜିଙ୍କର ଥଟ୍ଟା ପରିହାସ କରି ସେଠାରୁ ଫେରି ଚାଲିଗଲେ ।

ଦୁଇଦିନ ପର୍ଯ୍ୟନ୍ତ ସେହି ଗୁମ୍ଫା ଭିତରେ ଅପେକ୍ଷା କରିବା ପରେ ପୂର୍ବରୁ ଧାର୍ଯ୍ୟ ହୋଇଥିବା ଯୋଜନା ମୁତାବକ ରାତି ସମୟରେ ଗୁମ୍ଫା ନିକଟରେ ସବାରୀ ପହଂଚିଗଲା ଏବଂ ଦୁଇଟି କ୍ଷିପ୍ର ବେଗରେ ଦଉଡୁଥିବା ମାଇ ଓଟ ଉପରେ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ଏବଂ ଆପଣ ସ:ଆ:ସଙ୍କ ସାଥି ଯାତ୍ରା ଆରମ୍ଭ କରିଦେଲେ । ଗୋଟିଏ ମାଇ ଓଟ ଉପରେ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ଏବଂ ରାସ୍ତା ଦେଖାଇବାକୁ ଥିବା ବ୍ୟକ୍ତିଜଣକ ବସିଥିଲେ ଏବଂ ଦ୍ୱିତୀୟ ମାଇ ଓଟଟି ଉପରେ ହଜ୍‌ରତ୍ ଅବୁ ବକର୍ ର:ଅ ଏବଂ ତାଙ୍କର ଅଧିନସ୍ଥ କର୍ମୀ ଆମିର୍ ବିନ୍ ଫୋହିରା ବସିଥିଲେ । ମଦିନା ଆଡକୁ ଯିବା ପୂର୍ବରୁ ରସୁଲୁଲ୍ଲାଃ ସ:ଆ:ସ ନିଜର ମୁହଁକୁ ମକା ଆଡକୁ କଲେ । ସେହି ପବିତ୍ର ସହର ଆଡକୁ ଯେଉଁଠି ଆପଣ ସ:ଆ:ସ ଜନ୍ମ ହୋଇଥିଲେ, ଯେଉଁଠି ଆପଣ ସ:ଆ:ସ ପ୍ରକଟ ହେଲେ ଏବଂ ଯେଉଁଠି ହଜ୍‌ରତ୍ ଇସ୍‌ମାଇଲ୍ ଆ:ସଙ୍କ ଯୁଗରୁ ଆପଣ ସ:ଆ:ସଙ୍କ ଖାନ୍‌ଦାନ୍ ବସବାସ କରି ଆସୁଥିଲେ । ଆପଣ ସ:ଆ:ସ ତା ଉପରେ ଶେଷ ଦୃଷ୍ଟିକୁ ଫେରାଇ ଆଣିଲେ ଏବଂ ବହୁତ ଅବଶୋଷର ସହିତ ସହରକୁ ସମ୍ବୋଧନ କରି କହିଲେ- ହେ ମକାର ବସ୍ତି ! ତୁମୋ ମୋତେ ସବୁ ସ୍ଥାନଠାରୁ ଅଧିକା ପ୍ରିୟ କିନ୍ତୁ ତୁମ ଲୋକମାନେ ମୋତେ ଏଠାରେ ରହିବାକୁ ଦେଲେନାହିଁ । ସେ ସମୟରେ ହଜ୍‌ରତ୍ ଅବୁ ବକର୍ ର:ଅ ମଧ୍ୟ ଅତ୍ୟନ୍ତ ଦୁଃଖର ସହିତ କହିଲେ- ସେହି ଲୋକମାନେ ନିଜ ନବୀ ସ:ଆ:ସଙ୍କୁ ବାହାର କରିଛନ୍ତି । ତେଣୁ ବର୍ତମାନ ସେମାନେ ନିଶ୍ଚିତ ରୂପେ ଧ୍ୱଂସ ହେବେ ।

ଯେତେବେଳେ ମକା ନିବାସୀ ଆପଣ ସ:ଆ:ସଙ୍କୁ ଖୋଜାଖୋଜି କରି ଅସଫଳ ହେଲେ ସେତେବେଳେ ସେମାନେ ଏ ଘୋଷଣା କଲେ କି କେହି ଯଦି ମୁହମ୍ମଦ୍ (ରସୁଲୁଲ୍ଲାଃ ସ:ଆ:ସ) ବା ଅବୁ ବକର୍ ର:ଅଙ୍କୁ ଜିବୀତ ବା ମୃତ ଫେରାଇ ଆଣିବ ତାକୁ ଶହେଟି ଓଟ ପୁରସ୍କାର ଦିଆଯିବ ଏବଂ ଏହି ଖବରର ଘୋଷଣାନାମା ମକାର ଚତୁଃପାର୍ଶ୍ୱରେ ଥିବା କବିଲାଙ୍କ ନିକଟକୁ ପଠାଇ ଦିଆଗଲା । ସୁତରାଂ ସୁରାକା ବିନ୍ ମାଲିକ୍ ଜଣେ ଗାଉଁଲି, ଏହି ପୁରସ୍କାରର ଲୋଭରେ ଆପଣ ସ:ଆ:ସ ଅନ୍ୱେଷଣରେ ବାହାରି ପଡିଲା । ଅନ୍ୱେଷଣ କରି କରି ସେ ମଦିନାର ରାସ୍ତାରେ ଆପଣ ସ:ଆ:ସଙ୍କୁ ପାଇଗଲା । ଯେତେବେଳେ ସେ ଦୁଇଟି ଓଟ ଓ ତା ଉପରେ ଆରୋହଣ କରିଥିବା ଲୋକଙ୍କୁ ଦେଖିଲା ସେ ବୁଝିଗଲା ଯେ ଏମାନେ ହେଉଛନ୍ତି ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ଏବଂ ତାଙ୍କ ସାଥି । ତେଣୁ ସେ ନିଜ ଘୋଡାଟିକୁ ତାଙ୍କ ପଛେ ପଛେ ଦୌଡାଇଲା । କିନ୍ତୁ ରାସ୍ତାରେ ଘୋଡାଟି ବହୁ ଜୋର୍‌ରେ ଝୁଂଟି ପଡିଲା ଫଳତଃ ସୁରାକା ତଳେ ପଡିଗଲା । ସୁରାକା ପରେ ମୁସଲ୍‌ମାନ୍ ହୋଇଯାଇଥିଲେ ଓ ନିଜର ସେହି ଘଟଣାଟିକୁ ଏହିପରି ବର୍ଣ୍ଣନା କରୁଛନ୍ତି'' । (ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନ୍‌ୱାରୁଲ୍ ଓ୍ୱଲୁମ୍, ଖଣ୍ଡ-୨୦, ପୃଷ୍ଠା-୨୨୨-୨୨୪) । ଏବଂ ପୁଣି ସେ ସମସ୍ତ ଘଟଣାର ବ୍ୟାଖ୍ୟା ଯାହା ପୂର୍ବରୁ ସୁରାକାଙ୍କ ସମ୍ବନ୍ଧରେ ବର୍ଣ୍ଣନା ହୋଇସାରିଛି, ତାହା ସବୁ ଆପଣ ର:ଅ ଉଲ୍ଲେଖ କରିଛନ୍ତି । ପୁଣି ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଲେଖୁଛନ୍ତି କି:-

ଯେବେ ଆମିର୍ ବିନ୍ ଫୁହେରା ହଜୁର୍ ସ:ଆ:ସଙ୍କ ନିର୍ଦ୍ଦେଶରେ ଶାନ୍ତିର ପର୍‌ୱାନା (ଚିଠା) ଲେଖିଦେଲେ ଏବଂ ସୁରାକାକୁ ସେହି ଶାନ୍ତିର ପର୍‌ୱାନାଟିକୁ ଦେଲେ ଓ ଯେତେବେଳେ ସୁରାକା ସେଠାରୁ ଫେରିବାକୁ ଲାଗିଲା ସେତେବେଳେ ଅଲ୍ଲାଃତାଲା ସୁରାକାଙ୍କ ଭବିଷ୍ୟତର ଅବସ୍ଥା ବିଷୟରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଦୈବିବାଣୀ ଦ୍ୱାରା ପ୍ରକାଶ କରିଦେଲେ'' । ଅଲ୍ଲାଃତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱାରା ଶୂନ୍ୟରୁ ଏକଥା ପ୍ରକାଶ କରିଦେଲେ ଯେ ଆସନ୍ତାକୁ ସୁରାକା ସହିତ କଣ ମାମଲା ହେବ ତା ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସ ତାକୁ କହିଲେ- ହେ ସୁରାକା ! ସେତେବେଳେ ତୁମର ଅବସ୍ଥା କଣ ହେବ, ଯେ ବେ ତୁମ ହାତରେ କିସ୍‌ରା (ସମ୍ରାଟ)ର (ମୂଲ୍ୟବାନ) ଚୁଡି ଥିବ । ସୁରାକା ଆଶ୍ଚର୍ଯ୍ୟ ହୋଇ ପଚାରିଲା କଣ କିସ୍‌ରା ବିନ୍ ହୁର୍‌ମୁଜ୍ ଇରାନ୍‌ର ସମ୍ରାଟ ? ଏଥିରେ ଆପଣ ସ:ଆ:ସ କହିଲେ ହଁ ! ଆପଣ ସ:ଆ:ସଙ୍କର ଏହି ପେଶ୍‌ଗୋଇ ଶୋହଳ ସତର ବର୍ଷ ପରେ ପୂରଣ ହେଲା ।

ସୁରାକା ମୁସଲ୍‌ମାନ୍ ହୋଇ ମଦିନା ଆସିଗଲେ । ରସୁଲ୍ କରିମ୍ ସ:ଆ:ସଙ୍କ ଦେହାନ୍ତ ପରେ ପ୍ରଥମେ ହଜ୍‌ରତ୍ ଅବୁବକର୍ ର:ଅ ପୁଣି ହଜ୍‌ରତ୍ ଉମର୍ ର:ଅ ଖଲିଫା ହେଲେ । ଇସ୍‌ଲାମ୍‌ର ବଢି ଚାଲିଥିବା ବୈଭବକୁ ଦେଖି ଇରାନିମାନେ ମୁସଲ୍‌ମାନମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରିଦେଲେ ଓ ଇସ୍‌ଲାମ୍‌କୁ ଦଳିଦେବା ପରିବର୍ତେ ନିଜେ ଇସ୍‌ଲାମ୍‌ର ସମ୍ମୁଖୀନ ହୋଇ ଦଳି ହୋଇଗଲେ । (ଇରାନିମାନେ ଆକ୍ରମଣ ଆରମ୍ଭ କରିଥିଲେ) । କିସ୍‌ରାର ରାଜଧାନୀ ଇସ୍‌ଲାମୀୟ ସେନାଙ୍କ ଘୋଡା ଟାପୁରେ ଦଳି ଦିଆଗଲା ଏବଂ ଇରାନ୍‌ର ଧନସମ୍ପତି ମୁସଲ୍‌ମାନ୍‌ଙ୍କ କବ୍‌ଜାରେ ଆସିଗଲା । ଇରାନୀ ରାଜତ୍ୱର ଯେଉଁ ଧନସମ୍ପତି ଗୁଡିକ ଇସ୍‌ଲାମୀୟ ସେନାଙ୍କ କବ୍‌ଜାରେ ଆସିଲା ତା ମଧ୍ୟରେ କିସ୍‌ରାର ସେହି କଙ୍କଣଟି ଥିଲା ଯାହାକୁ ସେ ପ୍ରଥା ମୁତାବକ ରାଜଗାଦିରେ ବସିବା ସମୟରେ ପିନ୍ଧୁଥିଲା । ସୁରାକା ମୁସଲ୍‌ମାନ୍ ହୋଇଯିବା ପରେ ନିଜର ସେହି ଘଟଣାକୁ ଅର୍ଥାତ୍ ରସୁଲେ କରିମ୍ ସ:ଆ:ସଙ୍କ ହିଜ୍‌ରତ୍ କରିବା ସମୟରେ ଯେଉଁ ଘଟଣାଟି ଘଟିଥିଲା, ସେ ତାହାକୁ ମୁସଲ୍‌ମାନ୍‌ମାନଙ୍କୁ ଅତ୍ୟନ୍ତ ଗର୍ବର ସହିତ ଶୁଣାଉଥିଲା ଏବଂ ମୁସଲ୍‌ମାନମାନେ ଏ ସମ୍ବନ୍ଧରେ ଜାଣିଥିଲେ ଯେ ରସୁଲୁଲ୍ଲାଃ ସ:ଆ:ସ ତାକୁ ସମ୍ବୋଧନ କରି ଏକଥା କହିଥିଲେ କି ହେ ସୁରାକା ! ସେତେବେଳେ ତୁମର କଣ ଅବସ୍ଥା ହେବ, ଯେତେବେଳେ ତୁମ ହାତରେ କିସ୍‌ରା ସମ୍ରାଟର କଙ୍କଣ ଥିବ । ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ମୁଖରେ ଯେତେବେଳେ ଗନିମତ୍‌ର ସମ୍ପତିକୁ ଆଣି ଠୁଳ କରାଗଲା ଓ ଯେତେବେଳେ ସେ କିସ୍‌ରାର କଙ୍କଣଟିକୁ ଦେଖିଲେ ସେତେବେଳେ ହଜ୍‌ରତ୍ ଉମର୍‌ଙ୍କ ସମ୍ମୁଖରେ (ବିଗତ) ସମସ୍ତ କାହାଣୀ ମନେପଡିଗଲା ଅର୍ଥାତ୍ ତାଙ୍କ ଆଖି ସମ୍ମୁଖକୁ ଚାଲି ଆସିଲା । ସେହି ଅସହାୟ ଓ ଦୁର୍ବଳତାର ସମୟ ଯେବେ ଅଲ୍ଲାଃଙ୍କ ରସୁଲ୍‌କୁ ନିଜ ମାତୃଭୂମି ଛାଡି ମଦିନା ଆସିବାକୁ ପଡିଥିଲା । ସେହି ସୁରାକା ଓ ଅନ୍ୟଲୋକମାନେ ମଧ୍ୟ ଆପଣ ସ:ଆ:ସଙ୍କ ପଛେପଛେ ଏଇଥିପାଇଁ ଘୋଡା ଦଉଡାଇଥିଲେ ଯେ ଆପଣ ସ:ଆ:ସଙ୍କୁ ହତ୍ୟା କରି ବା ଜିବୀତ ଅବସ୍ଥାରେ ଯେ କୌଣସି ଉପାୟରେ ମଧ୍ୟ ମକା ବାସୀଙ୍କୁ ନିକଟରେ ପହଂଚାଇଦେବେ । ଫଳତଃ ଶହେ ଓଟର ମାଲିକ ହେବେ ଓ ସେ ସମୟରେ ଆପଣ ସ:ଆ:ସ ସୁରାକାକୁ ଏକଥା କହିବା ଅର୍ଥାତ୍ ହେ ସୁରାକା ! ସେତେବେଳେ ତୁମର ଅବସ୍ଥା କଣ ହେବ, ଯେତେବେଳେ ତୁମ ହାତରେ କିସ୍‌ରାର କଙ୍କଣ ପିନ୍ଧାଯିବ । ଏହା କେତେବଡ ଭବିଷ୍ୟବାଣୀ ଥିଲା । କେତେ ସ୍ୱଷ୍ଟ ଐଶିବାଣୀ ଥିଲା । ହଜ୍‌ରତ୍ ଉମର ର:ଅ ନିଜ ସମ୍ମୁଖରେ ଯେତେବେଳେ କିସ୍‌ରାର କଙ୍କଣଟିକୁ ଦେଖିଲେ ସେତେବେଳେ ଖୁଦାଙ୍କ ଶକ୍ତି ତାଙ୍କ ମାନସପଟରେ ଚାଲି ଆସିଲା । ଏଥିରେ ସେ କହିଲେ ସୁରାକାକୁ ଡାକିଆଣ । ସୁରାକାକୁ ଡକାଇ ଅଣାଗଲା । ହଜ୍‌ରତ୍ ଉମର୍ ର:ଅ ତାଙ୍କୁ ନିର୍ଦ୍ଦେଶ ଦେଲେ କି ସେ କିସ୍‌ରାର କଙ୍କଣଟିକୁ ନିଜ ହାତରେ ପିନ୍ଧନ୍ତୁ । ଏଥିରେ ସୁରାକା କହିଲେ- ହେ ଖୁଦାଙ୍କ ରସୁଲ୍‌ଙ୍କ ଖଲିଫା ! ମୁସଲ୍‌ମାନ୍‌ମାନଙ୍କ ପାଇଁ ସୁନା ପିନ୍ଧିବା ମନା ଅଛି । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ ହଁ ମନା ତ ଅଛି ଠିକ୍ କଥା, ପୁରୁଷଙ୍କ ପାଇଁ ସୁନା ପିନ୍ଧିବା ମନା, କିନ୍ତୁ ଏ ଅବସରରେ ନୁହେଁ । ଏହା ଏପରି ମୌକା ନାହିଁ ଯେଉଁଠି ମନା ହେବ । ଅଲ୍ଲାଃତାଲା ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କୁ ତୁମ ହାତରେ ସୁନାର କଙ୍କଣ ଦେଖାଇଥିଲେ । ଏହି କଙ୍କଣଟିକୁ ପିନ୍ଧିବ ନଚେତ୍ ମୁଁ ତୁମକୁ ଦଣ୍ଡ ଦେବି । କାରଣ

ବର୍ତମାନ ଏହି ପେଶଗୋଇ ପୁରଣ ହୋଇଛି ଓ ତା'ର ବାକି ଅଂଶ ମଧ୍ୟ ତୁମକୁ ପୂରଣ କରିବାକୁ ପଡ଼ିବ । ସୁରାକାର ଏହି ଆପତି କେବଳ ଶରୀୟତ୍‌ର କାନୁନ୍ ଯୋଗୁ ଥିଲା ନଚେତ୍ ସେ ନିଜେ ମଧ୍ୟ ରସୁଲୁଲ୍ଲାଃ ସ:ଆ:ସଙ୍କ ପେଶଗୋଇକୁ ପୂରଣ ହେବାର ଦେଖିବାକୁ ଚାହୁଁଥିଲେ । ତେଣୁ ସୁରାକା ସେହି କଙ୍କଣଟିକୁ ନିଜ ହାତରେ ପିନ୍ଧିନେଲେ ଏବଂ ମୁସଲ୍‌ମାନ୍‌ମାନେ ଉକ୍ତ ମହାନ୍ ପେଶଗୋଇଟିକୁ ପୂରଣ ହେବାର ନିଜ ଆଖିରେ ଦେଖିନେଲେ । (ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନ୍‌ୱାରୁଲ୍ ୱୁଲୁମ୍, ଖଣ୍ଡ-୨୦, ପୃଷ୍ଠା-୨୨୨-୨୨୬)

ଅନ୍ୟକିଛି ପୁସ୍ତକ ମୁତାବକ ସୁରାକା ବିନ୍ ମାଲିକ୍‌ଙ୍କୁ କିସ୍‌ରାର କଙ୍କଣ ପିନ୍ଧାଇ ଦିଆଯିବାର ଶବ୍ଦଗୁଡିକ ଆପଣ ସ:ଆ:ସ ହିଜ୍‌ରତ୍ କରିବା ସମୟରେ କହିନଥିଲେ ବରଂ ଯେତେବେଳେ ନବୀ କରିମ୍ ସ:ଆ:ସ ହୁନୈନ୍ (ଯୁଦ୍ଧ) ଏବଂ ତାଏଫ୍‌ରୁ ଫେରୁଥିଲେ ଜିରାନା ନାମକ ସ୍ଥାନରେ ଏକଥା କହିଥିଲେ । (ବୁଖାରୀ ବଶରହୁଲ୍ କିର୍‌ମାନି, ଭାଗ-୧୪, ପୃଷ୍ଠା-୧୭୮.....ହଦିସ୍-୩୩୮୪.... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୮୧)

କିନ୍ତୁ ସାଧାରଣତଃ ସମସ୍ତ ରିୱାୟତ୍‌ରେ ଏହି କଥା ଉଲ୍ଲେଖ ରହିଛି ଯାହା ପ୍ରଥମେ ବର୍ଣ୍ଣନା କରାଗଲା ଅର୍ଥାତ୍ ହିଜ୍‌ରତ୍ ସମୟରେ କହିଥିଲେ । ଯେପରିକି ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଲେଖିଛନ୍ତି ।

ଯେତେବେଳେ ଆମିର୍ ବିନ୍ ଫୁହୈରା ହିଜ୍‌ରତ୍ କରି ମଦିନା ଆସିଲେ ସେତେବେଳେ ସେ ବେମାର ହୋଇଗଲେ । ରସୁଲୁଲ୍ଲାଃ ସ:ଆ:ସ ଦୁଆ କଲେ । ଫଳତଃ ସେ ଠିକ୍ ହୋଇଗଲେ । ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରୁଛନ୍ତି ଯେ ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ମଦିନା ହିଜ୍‌ରତ୍ କରି ଆସିଲେ ସେତେବେଳେ ଆପଣଙ୍କର କେତେକ ସାହାବା ବେମାର୍ ହୋଇଗଲେ । ହଜ୍‌ରତ୍ ଅବୁ ବକର୍ ର:ଅ, ହଜ୍‌ରତ୍ ଆମିର୍ ବିନ୍ ଫୁହୈରା ର:ଅ, ହଜ୍‌ରତ୍ ବିଲାଲ୍ ର:ଅ ମଧ୍ୟ ବେମାର ହୋଇଗଲେ । ହଜ୍‌ରତ୍ ଆଇଶା ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ସେମାନଙ୍କର ସେବା କରିବା ପାଇଁ ଅନୁମତି ମାଗିଲେ । ଏଥିରେ ଆପଣ ସ:ଆ:ସ ତାଙ୍କୁ ଅନୁମତି ପ୍ରଦାନ କଲେ । ହଜ୍‌ରତ୍ ଆଇଶା ର:ଅ ହଜ୍‌ରତ୍ ଅବୁ ବକର୍ ର:ଅଙ୍କୁ ପଚାରିଲେ ଯେ ଆପଣଙ୍କର ଅବସ୍ଥା କିପରି ଅଛି । ଏହାର ଉତରରେ ସେ ଏହି ପଦଟିକୁ ପଢ଼ିଲେ:-

*କୁଲ୍ଲିମ୍ ରିଇନ୍ ମୁସବ୍‌ବହୁନ୍ ଅହ୍‌ଲିହି ୱଲ୍ ମଉତୁ ଅଦ୍‌ନା ମିନ୍ ଶିରାକି ନାଅଲିହି*

ଅର୍ଥାତ୍- ପ୍ରତ୍ୟେକ ବ୍ୟକ୍ତି ଯେତେବେଳେ ନିଜ ଘରେ ସକାଳ ସମୟରେ ଉଠିଥାଏ ସେତେବେଳେ ତାଙ୍କୁ ସୁବହ୍ ବଖୈର୍ (ତୁମ ସକାଳଟି ମଙ୍ଗଳମୟ ହେଉ) କୁହାଯାଏ । ଯେବେ କି ମୃତ୍ୟୁ ତା ଜୋତାର ଫିତାର ନିକଟତର ଥାଏ । ଅର୍ଥାତ୍ ଯେବେ ସେ ଶୋଇ ଉଠେ ତାର ଅବସ୍ଥା ଏପରି ହୋଇଥାଏ କି ମୃତ୍ୟୁ ତ ଦିନେ ନା ଦିନେ ହିଁ ଆସିବ । ପୁଣି ସେ (ହଜ୍‌ରତ୍ ଆଇଶା) ହଜ୍‌ରତ୍ ଆମିର୍ ବିନ୍ ଫୁହୈରାଙ୍କୁ ତାଙ୍କ ଅବସ୍ଥା ବିଷୟରେ ପଚାରିଲେ । ସେ ଏହି ପଦଟିକୁ ପଢ଼ିଲେ ।

*ଇନ୍ନି ୱଜଦ୍‌ତୁଲ୍ ମୌତା କବ୍‌ଲା ଜୌକିହି ଇନ୍ନଲ୍ ଜବାନା ହତ୍‌ଫହୁ ମିନ୍ ଫୌକିହି*

ଅର୍ଥାତ୍ ନିଶ୍ଚିତ ରୂପେ ମୁଁ ମୃତ୍ୟୁକୁ ତା ମଜା ଚାଖିବା ପୂର୍ବରୁ ହିଁ ପାଇସାରିଛି । ନିଶ୍ଚିତ ରୂପେ କାପୁରୁଷର ମୃତ୍ୟୁ ଅଚାନକ ହୋଇଥାଏ ଅର୍ଥାତ୍ ସାହସୀ ଲୋକ ସର୍ବଦା ମୃତ୍ୟୁ ପାଇଁ ପ୍ରସ୍ତୁତ ରହିଥାଏ ଓ କାପୁରୁଷ ତା ପାଇଁ ପ୍ରସ୍ତୁତ ରହିନଥାଏ । ପୁଣି ହଜ୍‌ରତ୍ ଆଇଶା ର:ଅ ହଜ୍‌ରତ୍ ବିଲାଲ୍ ର:ଅଙ୍କ ଠାରୁ ତାଙ୍କର ଅବସ୍ଥା ବିଷୟରେ ପଚାରି ବୁଝିବାରୁ ସେ ଏହି ପଦଟି ପଢ଼ିଲେ ।

*ୟା ଲୈତା ଶିଇରି ହଲ୍ ଅବିତନ୍ନା ଲୈଲତନ୍ ବି ଫଜ୍ଜିନ୍ ୱହୌଲି ଇଜ୍‌ଖିରିୟୁଁ ୱ ଜଲିଲ୍*

ଅର୍ଥାତ୍ କାଳେ ମୁଁ ଜାଣିଥାଆନ୍ତି କି ଗୋଟିଏ ରାତି ମକାର ଉପତ୍ୟକାରେ ବିତାଇପାରିଥାଆନ୍ତି ଏବଂ ମୋର ଚତୁଃପାର୍ଶ୍ୱରେ ଇଜ୍‌ଖିର୍ ଏବଂ ଜଲିଲ୍ (ମକାରେ ଥିବା ଘାସର ନାମ) ଥାଆନ୍ତା । ପୁଣି ହଜ୍‌ରତ୍ ଆଇଶା ର:ଅ ନବୀ କରିମ୍ ସ:ଆ:ସଙ୍କ ନିକଟକୁ ଆସିଲେ ଏବଂ ଆପଣ ସ:ଆ:ସଙ୍କୁ ଉକ୍ତ ସାହାବୀମାନଙ୍କ କଥନ ଶୁଣାଇଲେ ଓ ବତାଇଲେ କି ହଜ୍‌ରତ୍ ଅବୁ ବକର୍ ଏକଥା କହିଛନ୍ତି, ଆମିର୍ ବିନ୍ ଫୁହୈରା ଏକଥା କହିଲେ ଏବଂ ହଜ୍‌ରତ୍ ବିଲାଲ୍ ଏ ଉକ୍ତି କହିଛନ୍ତି । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ଆକାଶକୁ ଚାହିଁ ଏ ପ୍ରାର୍ଥନା କଲେ-

*ଅଲ୍ଲାହୁମ୍ମା ହବ୍‌ବିବ୍ ଇଲୈନଲ୍ ମଦିନା କମା ହବବ୍‌ତା ଇଲୈନା ମକ୍କତା ଅଓ ଅଶଦ୍ଦ । ଅଲ୍ଲାହୁମ୍ମା ବାରିକ୍ ଲନା ଫି ସାଇହା ୱ ଫି ମୁଦ୍ଦିହା ୱନ୍‌କୁଲ୍ ୱବାଅହା ଇଲା ମହୈଅତା ।*

ଅର୍ଥାତ୍ ହେ ଅଲ୍ଲାଃ ମଦିନାକୁ ତୁମେ ଆମପାଇଁ ଏପରି ବନାଇଦିଅ ଯେପରିକି ତୁମେ ମକାକୁ ଆମପାଇଁ ପ୍ରିୟ ବନାଇଥିଲ ବା ତାଠାରୁ ଅଧିକା । ହେ ଅଲ୍ଲାଃ ! ଆମ ନିମନ୍ତେ ତା ସାଆ ରେ ଏବଂ ତା ମଦ୍ଦ (ଏହି ଦୁଇଟି ବସ୍ତୁ ମାପ ପାଇଁ ବ୍ୟବହାର କରାଯାଏ) ରେ ବର୍‌କତ୍ ପ୍ରଦାନ କର ଏବଂ ମଦିନାକୁ ଆମପାଇଁ ସ୍ୱାସ୍ଥ୍ୟକର ସ୍ଥାନ ବନାଇଦିଅ ଏବଂ ସେଥିରେ ଥିବା ସଂକ୍ରାମକ ରୋଗଗୁଡିକୁ ମୁହୈୟା ସ୍ଥାନ ଆଡକୁ ନେଇଯାଅ ଅର୍ଥାତ୍ ଆମଠାରୁ ଦୂରେଇ ଦିଅ । (ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୧୦, ପୃଷ୍ଠା-୧୦୧-୧୦୨, ହଦିସ୍-୨୫୦୯୨, ମସ୍‌ନଦେ ଆଇଶା ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୮)

ହଜ୍‌ରତ୍ ଆମିର୍ ବିନ୍ ଫୁହୈରା ବୈରେ ମାଉନା ଘଟଣା ସମୟରେ ଶହୀଦ୍ ହୋଇଥିଲେ । ଯେତେବେଳେ ସେମାନଙ୍କୁ ବୈରେ ମାଉନାଠାରେ ହତ୍ୟା କରିଦିଆଗଲା ଏବଂ ହଜ୍‌ରତ୍ ଉମ୍‌ରୋ ବିନ୍ ଉମୈୟା ଜମ୍‌ରିଙ୍କୁ କଏଦ୍ କରିଦିଆଗଲା ସେତେବେଳେ ଆମିର୍ ବିନ୍ ତୁଫୈଲ୍ ତାଙ୍କଠାରୁ ପଚାରିଲେ ଏହି ବ୍ୟକ୍ତି ଜଣକ କିଏ ? ସେ ହତ୍ୟା ହୋଇଥିବା ଜଣେ ବ୍ୟକ୍ତିଙ୍କ ଆଡକୁ ଇସାରା କଲେ । ଏଥିରେ ଉମର୍ ବିନ୍ ଉମୈୟା ଉତର ଦେଲେ କି ସେ ହେଉଛନ୍ତି ଆମିର୍ ବିନ୍ ଫୁହୈରାଃ । ଆମିର୍ ବିନ୍ ତୁଫୈଲ୍ କହିଲେ ମୁଁ ଆମିର୍ ବିନ୍ ଫୁହୈରାଃଙ୍କୁ ଦେଖିଲି ଯେ ତାଙ୍କୁ ହତ୍ୟା କରାଯିବା ପରେ ଆକାଶକୁ ଉଠାଇ ନିଆଯାଉଛି ଏବଂ ବର୍ତମାନ ମଧ୍ୟ ଏହା ମୁଁ ଦେଖୁଅଛି କି ଆକାଶ ଓ ପୃଥିବୀ ମଧ୍ୟରେ ସେ ଅଛନ୍ତି । ପୁଣି ତାଙ୍କୁ ପୃଥିବୀକୁ ଓହ୍ଲାଇ ଦିଆଗଲା । ନବୀ କରିମ୍ ସ:ଆ:ସଙ୍କୁ ଯେତେବେଳେ ତାଙ୍କ ବିଷୟରେ ଖବର ଦିଆଗଲା ଏବଂ ଆପଣ ସ:ଆ:ସ ସାହାବା ମାନଙ୍କୁ ତାଙ୍କ ହତ୍ୟା ବିଷୟରେ ଖବର ଦେଇ କହିଲେ- ତୁମ ସାଥି ଶହୀଦ୍ ହୋଇଯାଇଛନ୍ତି ଏବଂ ନିଜ ପାଳନକର୍ତାଙ୍କ ନିକଟରେ ପ୍ରାର୍ଥନା କଲେ କି ହେ ଆମର ପାଳନକର୍ତା ! ଆମ ସମ୍ବନ୍ଧରେ ଆମ ଭାଇମାନଙ୍କୁ ବତାଇଦିଅ ଯେ ଆମେ ତୁମଠାରୁ ଖୁସି ପାଇଛୁ ଓ ତୁମେ ମଧ୍ୟ ଆମଠାରୁ ଖୁସି ହୋଇଛ । ସୁତରାଂ ଅଲ୍ଲାଃତାଲା ତାଙ୍କ ସମ୍ବନ୍ଧରେ ବତାଇଦେଲେ । (ସହି ବୁଖାରୀ କିତାବୁଲ୍ ମଗାଜି.... ହଦିସ୍-୪୦୯୩) ଏହା ମଧ୍ୟ ବୁଖାରୀର ରିୱାୟତ୍ । ଅନ୍ୟମାନଙ୍କୁ ମଧ୍ୟ ଅଲ୍ଲାଃତାଲା ଏହି ଦୃଶ୍ୟକୁ ଦେଖାଇଦେଲେ ଯେଉଁଭଳି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖବର ଦିଆଯାଇଥିଲା ।

ହଜ୍‌ରତ୍ ଆମିର୍ ବିନ୍ ଫୁହୈରାଃଙ୍କୁ କିଏ ଶହୀଦ୍ କରିଥିଲା ସେ ସମ୍ବନ୍ଧରେ ମତଭେଦ ରହିଛି । କିଛି ରିୱାୟତ୍‌ରେ ଆସୁଛି କି ତାଙ୍କୁ ଆମିର୍ ବିନ୍ ତୁଫୈଲ୍ ଶହୀଦ୍ କରିଛନ୍ତି ଯିଏ ଏକଥାକୁ ବର୍ଣ୍ଣନା କଲେ । (ଇସ୍‌ତିଆବ୍, ଖଣ୍ଡ-୨, ପୃଷ୍ଠା-୭୯୬, ଆମିର୍ ବିନ୍ ଫୁହୈରାଃ, ମୁଦ୍ରଣ ଦାରୁଲ୍ ଜଏଲ୍ ବେରୁତ୍ ୧୯୯୨)

ଆମିର୍ ବିନ୍ ତୁଫୈଲ୍ ହିଁ ପଚାରିଥିଲେ ନା କି କିଏ ଶହୀଦ୍ କରିଥିଲା । ସେ ଶତ୍ରୁମାନଙ୍କ ମଧ୍ୟରୁ ଥିଲେ ଏବଂ ଯେବେ କି ଅନ୍ୟ ରିୱାୟତ୍‌ରୁ ଜଣାପଡୁଛି ଯେ ତାଙ୍କୁ ଜବାର୍ ବିନ୍ ସଲ୍‌ମି ଶହୀଦ୍ କରିଥିଲେ । ସେ ଯାହାହେଉ ବୈରେ ମାଉନା ଘଟଣା ଅବସରରେ ସେ ଶହୀଦ୍ ହୋଇଥିଲେ । (ଇସ୍‌ତିଆବ୍, ଖଣ୍ଡ-୧, ପୃଷ୍ଠା-୨୨୯-୨୩୦, ଜବାର୍ ବିନ୍ ସଲ୍‌ମି, ମୁଦ୍ରଣ ଦାରୁଲ୍ ଜଏଲ୍ ବେରୁତ୍ ୧୯୯୨)

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ହଜ୍‌ରତ୍ ଆମିର୍ ବିନ୍ ଫୁହୈରାଃଙ୍କ ଶହୀଦ୍ ହେବାର ଘଟଣା ସମ୍ବନ୍ଧରେ ଲେଖୁଛନ୍ତି କି ''ସୁତରାଂ ଦେଖିନିଅ ଇସ୍‌ଲାମ୍ ତରବାରୀର ସାହାଯ୍ୟରେ ବିଜୟ ପ୍ରାପ୍ତ କରିନାହିଁ ବରଂ ଇସ୍‌ଲାମ୍ ସେହି ଉତମ ଶିକ୍ଷା ମାଧ୍ୟମରେ ବିଜୟ ଲାଭ କରିଛି ଯାହା ହୃଦୟରେ ପ୍ରବେଶ କରିଯାଇଥିଲା ଏବଂ ଚରିତ୍ରରେ ଏକ ପ୍ରକାରର ଉତମ ପରିବର୍ତନ ସୃଷ୍ଟି କରିଦେଉଥିଲା । ଜଣେ ସାହାବୀ କହୁଛନ୍ତି କି ମୋର ମୁସଲ୍‌ମାନ୍ ହେବାର କାରଣ କେବଳ ଏହା ଥିଲା ଯେ ମୁଁ ସେହି କୌମ୍‌ର ଅତିଥି ହୋଇଥିଲି ଯିଏ ବିଶ୍ୱାସଘାତକତା କରି ମୁସଲ୍‌ମାନ୍‌ମାନଙ୍କର ୭୦ଜଣ କାରୀଙ୍କୁ ଶହୀଦ୍ କରିଦେଇଥିଲେ । ଯେତେବେଳେ ସେମାନେ ମୁସଲ୍‌ମାନଙ୍କ ଉପରେ ଆକ୍ରମଣ କଲେ କିଛି ତ ଉଚ୍ଚା ମୁଣ୍ଡିଆ ଉପରେ ଚଢ଼ିଗଲେ ଏବଂ ଆଉକିଛି ସେମାନଙ୍କ ସମ୍ମୁଖରେ ଛିଡା ହୋଇ ରହିଲେ । ଯେହେତୁ ଶତ୍ରୁଙ୍କର ସଂଖ୍ୟା ଅଧିକ ଥିଲା ଓ ମୁସଲ୍‌ମାନ୍ ବହୁତ କମ୍ ଥିଲେ ଏବଂ ମୁସଲ୍‌ମାନ୍‌ମାନେ ନିରୀହ ଥିଲେ ଓ କୌଣସି ପ୍ରକାରର ଅସ୍ତ୍ରଶସ୍ତ୍ର ତାଙ୍କ ପାଖରେ ନଥିଲା, ତେଣୁ ଶତ୍ରୁମାନେ ସେମାନଙ୍କୁ ଅର୍ଥାତ୍ ମୁସଲ୍‌ମାନ୍ ମାନଙ୍କୁ ଜଣଜଣ କରି ଶହୀଦ୍ କରିଦେଲେ । ଶେଷରେ କେବଳ ଜଣେ ସାହାବୀ ବଂଚିଗଲେ ଯିଏ ହିଜ୍‌ରତ୍ ସମୟରେ ରସୁଲେ କରିମ୍ ସ:ଆ:ସଙ୍କ ସହିତ ସାମିଲ୍ ଥିଲେ ଏବଂ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ଦ୍ୱାରା ସ୍ୱାଧୀନ ହୋଇଥିବା ଗୁଲାମ୍ ଥିଲେ । ତାଙ୍କ ନାମ ଆମିର୍ ବିନ୍ ଫୁହୈରାଃ ଥିଲା । ବହୁତ ଗୁଡିଏ ଲୋକ ମିଶି ତାଙ୍କୁ ଧରିନେଲେ ଏବଂ ଜଣେ ବହୁତ ଜୋର୍‌ରେ ତାଙ୍କ ଛାତିକୁ କନ୍ତ ମାରିଲା । ସେ କନ୍ତଟି ତାଙ୍କ ଦେହରେ ପଶିବା କ୍ଷଣି ତାଙ୍କ ମୁହଁରୁ ଏହି ବାକ୍ୟ ବାହାରିଲା । *ଫୁଜ୍‌ତୁ ୱ ରବ୍‌ବିଲ୍ କାବା* ଅର୍ଥାତ୍ କାବାର ପାଳନକର୍ତାଙ୍କ ରାଣ ! ମୁଁ ସଫଳ ହୋଇଗଲା । ଯେତେବେଳେ ମୁଁ ତାଙ୍କ ମୁହଁରୁ ଏ ଉକ୍ତି ଶୁଣିଲି'' ଅର୍ଥାତ୍ ଆକ୍ରମଣକାରୀଙ୍କ ମଧ୍ୟରେ ସେହି ସାହାବୀ ଥିଲେ ଯିଏ ପରେ ମୁସଲ୍‌ମାନ୍ ହୋଇଯାଇଥିଲେ । ସେ କହୁଛନ୍ତି କି ''ଯେତେବେଳେ ମୁଁ ତାଙ୍କ ମୁହଁରୁ ଏ ବାକ୍ୟ ଶୁଣିଲି ସେତେବେଳେ ମୁଁ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ମୁଁ କହିଲି କି ଏହି ବ୍ୟକ୍ତିଜଣକ ନିଜ ଜାତି କୁଟୁମ୍ବଙ୍କଠାରୁ ଦୂରରେ, ନିଜ ସ୍ତ୍ରୀ ପିଲାଙ୍କ ଠାରୁ ଦୂରରେ । ଏତେବଡ ଦୁଃଖରେ ପଡ଼ିଛି ଏବଂ ତାହା ଛାତିକୁ କନ୍ତ ମରାଯାଇଛି କିନ୍ତୁ ସେ ମରିବା ସମୟରେ ଯାହା କିଛି କହିଲା ତାହା କେବଳ ଏହା କି ''କାବାର ପାଳନକର୍ତାଙ୍କ ସୌଗନ୍ଧ ! ମୁଁ ସଫଳ ହୋଇଗଲି । କଣ ଏହି ବ୍ୟକ୍ତି ଜଣକ ପାଗଳ ତ ନୁହେଁ ? ସୁତରାଂ ମୁଁ କିଛି ଲୋକଙ୍କୁ ପଚାରିଲି ଏହା କଣ କଥା ଏବଂ ତା ମୁହଁରୁ ଏପରି ଶବ୍ଦ କଣ ବାହାରିଲା ? ସେମାନେ କହିଲେ ତୁମେ ଜାଣିନାହଁ, ଏ ମୁସଲ୍‌ମାନ୍‌ମାନେ ପ୍ରକୃତରେ ପାଗଳ । ଯେତେବେଳେ ଏମାନେ ଖୁଦାତାଲାଙ୍କ ମାର୍ଗରେ ମରୁଛନ୍ତି ସେତେବେଳେ ସେମାନେ ଏକଥା ଜାଣୁଛନ୍ତି ଯେ ଖୁଦାତାଲା ତାଙ୍କଠାରୁ ପ୍ରସନ୍ନ ହୋଇଗଲା ଓ ସେମାନେ ସଫଳତା ଲାଭ କରିନେଲେ'' । ସେ କହୁଛନ୍ତି କି ''ମୋ ଉପରେ ଏକଥା ଏତେ ପ୍ରଭାବ ପକାଇଲା ଯେ ମୁଁ ଏ ନିଷ୍ପତି ନେଲି କି ମୁଁ ସେହି ଲୋକମାନଙ୍କ ମର୍କଜ୍‌କୁ ଯାଇ ଦେଖିବି ଏବଂ ନିଜେ ସେମାନଙ୍କ ଧର୍ମକୁ ଅଧ୍ୟୟନ କରିବି । ସୁତରାଂ ମୁଁ ମଦିନା ପହଂଚିଲି ଏବଂ ମୁସଲ୍‌ମାନ୍ ହୋଇଗଲି । ସାହାବାମାନେ ଏ ଘଟଣା ବିଷୟରେ କହୁଛନ୍ତି କି ଜଣେ ବ୍ୟକ୍ତିଙ୍କ ଛାତିରେ କନ୍ତ ମରାଯାଇଛି ଏବଂ ସେ ନିଜ ମାତୃଭୂମିଠାରୁ ବହୁ ଦୂରରେ ଅଛି ତାଙ୍କ ନିକଟରେ କୌଣସି ପ୍ରିୟଜନ ବା ବନ୍ଧୁବାନ୍ଧବ ନାହାଁନ୍ତି । କିନ୍ତୁ ଏ ସମୟରେ ତାଙ୍କ ମୁହଁରୁ ଏକଥା ବାହାରୁଛି । *ଫୁଜ୍‌ତୁ ୱ ରବ୍‌ବିଲ୍ କାବା* (ଅର୍ଥାତ୍ କାବାର ପାଳନକର୍ତାଙ୍କ ରାଣ !) ଯେତେବେଳେ ସେହି ବ୍ୟକ୍ତିଜଣକ ଆକ୍ରମଣ କରିବା ପରେ ମୁସଲ୍‌ମାନ୍ ହୋଇଯାଇଥିଲା ସେତେବେଳେ ''ତା ଉପରେ ଏକଥା ଏତେ ପ୍ରଭାବ ପକାଇଲା ଯେ ଯେତେବେଳେ ସେ ଏହି ଘଟଣା ବିଷୟରେ ଶୁଣାଉଥିଲା ଏବଂ *ଫୁଜ୍‌ତୁ ୱ ରବ୍‌ବିଲ୍ କାବା* (ଅର୍ଥାତ୍ କାବାର ପାଳନକର୍ତାଙ୍କ ରାଣ !) ର ଶବ୍ଦରେ ପହଂଚୁଥିଲା ତ ସେହି ଘଟଣାରେ ପ୍ରଭାବିତ ହୋଇ ଅଚାନକ ତାର ଶରୀର କମ୍ପି ଉଠୁଥିଲା ଏବଂ ଆଖିରୁ ଅଶ୍ରୁ ବହୁଥିଲା । ତେଣୁ'' ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଲେଖୁଛନ୍ତି କି ''ଇସ୍‌ଲାମ୍ ନିଜର ସୁଗୁଣ ଯୋଗୁ ବ୍ୟାପିଛି, ଜୋର୍ ଜବର୍‌ଦସ୍ତି ଦ୍ୱାରା ନୁହେଁ'' । (ସେରେ ରୁହାନି, ଅନ୍‌ୱାରୁଲ୍ ୱୁଲୁମ୍, ଖଣ୍ଡ-୨୨, ପୃଷ୍ଠା-୨୫୦-୨୫୧)

ଏହା ମଧ୍ୟ କୁହାଯାଉଛି କି ହଜ୍‌ରତ୍ ଆମିର୍ ବିନ୍ ଫୁହୈରାଃ ଶହୀଦ୍ ହେବା ସମୟରେ ତାଙ୍କ ମୁହଁରୁ ଯେଉଁ ଶବ୍ଦ ବାହାରୁଥିଲା ସେଥିରେ *ଫୁଜ୍‌ତୁ ୱ ରବ୍‌ବିଲ୍ କାବା* ଏବଂ *ଫୁଜ୍‌ତୁ ୱଲ୍ଲାହି* ଏହି ଦୁଇଟି ବାକ୍ୟ ଥିଲା । ଦୁଇଟି ଯାକ ରିୱାୟତ୍ ରହିଛି ଏବଂ ଏହି ଶବ୍ଦ ଅନ୍ୟ ସାହାବାମାନଙ୍କ ମୁହଁରୁ ମଧ୍ୟ ବାହାରିଛି । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ସେ ସମ୍ବନ୍ଧରେ ଚର୍ଚ୍ଚା କରି କହୁଛନ୍ତି କି ''ଇତିହାସ ପଢ଼ିବା ଦ୍ୱାରା ଆମକୁ ଏକଥା ଜଣାପଡୁଛି ଯେ ସାହାବାମାନେ ଯୁଦ୍ଧ କରିବା ପାଇଁ ଏପରି ଯାଉଥିଲେ ଯେପରି ତାଙ୍କୁ ଜଣାଥିଲା ଯେ ଯୁଦ୍ଧରେ ଶହୀଦ୍ ହେବା ସେମାନଙ୍କ ପାଇଁ ଆନନ୍ଦ ଓ ଖୁସିର କାରଣ । ଯଦି ସେମାନେ ଯୁଦ୍ଧରେ କୌଣସି ପ୍ରକାର କଷ୍ଟ ପହଂଚୁଥିଲା ତେବେ ସେମାନେ ତାକୁ ଦୁଃଖ ବୋଲି ଜାଣୁନଥିଲେ ବରଂ ସୁଖ ରୂପେ ବିବେଚନା କରୁଥିଲେ । ସୁତରାଂ ସାହାବାମାନଙ୍କର ଏହି ପ୍ରକାରର ଘଟଣାବଳୀ ଇତିହାସରେ ବହୁତ ସଂଖ୍ୟାରେ

*ଅବଶିଷ୍ଟାଂଶ ପୃଷ୍ଠା-୯ ରେ ଦେଖନ୍ତୁ...*

*ପୃଷ୍ଠା- ୨ ର ଅବଶିଷ୍ଟାଂଶ ...*

ହଜ୍‌ରତ୍ ମସସିହ୍‌ମଉଦ୍‌ଙ୍କ ଜରିଆରେ ଏହି ଜମାତ୍‌କୁ ସ୍ଥାପନ କରିଛନ୍ତି ସେହି ଉଦ୍ଦେଶ୍ୟକ ଆମେ ହାସଲ କରିବା ଏବଂ ଅଲ୍ଲାଃତାଲା ଆମକୁ ଖିଲାଫତ୍ ସହିତ ବାସ୍ତବରେ ଯୋଡି ହୋଇ ରହିବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ ।

ଇଜ୍‌ଲାସ୍‌ର ତୃତୀୟ ତକ୍‌ରିର୍ ମୁକରମ୍ ହାଫିଜ୍ ମୁଜଫର ଅହେମଦ୍ ସାହେବ୍ ରବ୍‌ୱାର ସ୍ଥାନୀୟ ନାଜର ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ''ସିରତ୍ ହଜ୍‌ରତ୍ ଜାଫର୍ ବିନ୍ ଅବି ତାଲିବ୍ ର:ଅ ଏବଂ ହଜ୍‌ରତ୍ ମିର୍ ନାସିର ନୱାବ୍ ସାହେବ୍ ର:ଅ'' ବିଷୟ ଉପରେ କଲେ ।

ହଜ୍‌ରତ୍ ଅଲୀ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ନିମନ୍ତ୍ରଣରେ ପ୍ରାରମ୍ଭରେ ହିଁ ଇସ୍‌ଲାମ୍ ଗ୍ରହଣ କରିବାର ସୌଭାଗ୍ୟ ପାଇଥିଲେ । ତାଙ୍କ ପରେ ତାଙ୍କ ବଡଭାଇ ହଜ୍‌ରତ୍ ଜାଫର୍ ନିଜ ବାପା ଅବୁ ତାଲିବଙ୍କ ସଂକେତରେ ରସୁଲୁଲ୍ଲାଃ ସ:ଆ:ସ ଓ ନିଜ ଭାଇଙ୍କ ସହିତ ମିଶି ଯେତେବେଳେ ପ୍ରଥମ ନମାଜ ପାଠ କଲେ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ''ଜୁଲ୍ ଜନାହିନ୍'' ଏବଂ ''ତୈୟାର୍''ର ଉପାଧି ପ୍ରଦାନ କରି ଏ ସୁସମାଚର ଦେଲେ ଯେ ଅଲ୍ଲାଃତାଲା ଆପଣଙ୍କୁ ଦୁଇଟି ଡେଣା ପ୍ରଦାନ କରିଛନ୍ତି । ସେମାନଙ୍କ ସାହାଯ୍ୟରେ ଆପଣ ଜନ୍ନତ୍‌ରେ ଉଡି ବୁଲିବେ ।

(ଅଲ୍ ଅକ୍‌ମାଲ୍ ଫିସ୍‌ସମାଇର୍ ରିଜାଲ୍, ଲେଖକ ଶେଖ୍ ୱଲିଉଦ୍ଦିନ୍ ଅବୁ ଅବ୍‌ଦୁଲ୍ଲାଃ ଖତିବ, ପୃଷ୍ଠା- ୧୭୦-୧୭୧)

ହଜ୍‌ରତ୍ ଜାଫର୍ ର:ଅ ମଧ୍ୟ ରସୁଲୁଲ୍ଲାଃ ସ:ଆ:ସଙ୍କ ନିର୍ଦ୍ଦେଶ ଅନୁସାରେ ଅନ୍ୟାନ୍ୟ ଅତ୍ୟାଚାରିତ ମୁସଲ୍‌ମାନ୍‌ଙ୍କ ସହିତ ହବ୍‌ଶାର ନ୍ୟାୟବନ୍ତ ଇସାଇ ସମ୍ରାଟଙ୍କ ନିକଟରେ ଯାଇ ଶରଣ ନେଇଥିଲେ । ରସୁଲୁଲ୍ଲାଃ ସ:ଆ:ସ ମଦିନା ହିଜ୍‌ରତ୍ କରିବା ପରେ ଯେତେବେଳେ ଅବସ୍ଥା କିଛି ସୁଧୁରି ଗଲା ସେତେବେଳେ ହଜ୍‌ରତ୍ ଜାଫର୍ ମଦିନା ହିଜ୍‌ରତ୍ କରିବାର ସୌଭାଗ୍ୟ ପାଇଲେ । ଛଅ ହିଜ୍‌ରିରେ ହଜ୍‌ରତ୍ ଜାଫର୍‌ଙ୍କ ସହିତ ହବ୍‌ଶାର ମୁହାଜିରିନ୍‌ମାନଙ୍କ କାଫିଲା ଖୈବର୍ ବିଜୟର ପରେ ପରେ ହଜୁର୍ ସ:ଆ:ସଙ୍କ ସହିତ ଯାଇ ମିଶିଲା । ଚଉଦ ବର୍ଷ ପରେ ନିଜ ମୁହାଜିର୍ ଭାଇମାନଙ୍କ ଦେଶକୁ ଫେରି ଆସିବା ଯୋଗୁ ରସୁଲୁଲ୍ଲାଃ ସ:ଆ:ସ ନିଜେ ଆଗକୁ ବଢ଼ି ଜାଫର୍ ର:ଅଙ୍କୁ ସ୍ୱାଗତ ଜଣାଇଲେ । ସ୍ନେହର ସହିତ ଛାତି ମିଳାଇଲେ । ପ୍ରେମଭାବରେ ତାଙ୍କ ମଥାକୁ ଚୁମ୍ବନ ପ୍ରଦାନ କରି କହିଲେ- ''ଆଜି ମୁଁ ଏତେ ଆନନ୍ଦିତ ଯେ ମୁଁ ଏହା କହିପାରିବି ନାହିଁ କି ଖୈବର୍ ବିଜୟର ଖୁସି ଅଧିକା ବା ଜାଫ୍‌ର ର:ଅ ଏବଂ ତାଙ୍କ ସାଥିମାନଙ୍କ ଆସିବାର (ଖୁସି ଅଧିକା)'' ।

(ଇବ୍‌ନେ ସାଆଦ୍, ଖଣ୍ଡ-୪, ପୃଷ୍ଠା-୧୨୩)

ହଜ୍‌ରତ୍ ଅଲୀ ର:ଅ ବର୍ଣ୍ଣନା କରୁଛନ୍ତି କି ସେବେଠାରୁ ହଜ୍‌ରତ୍ ଜାଫର୍ ର:ଅଙ୍କୁ ରସୁଲୁଲ୍ଲାଃ ସ:ଆ:ସ ନିଜର ବିଶେଷ ମୁଶିର୍ (ପରାମର୍ଶଦାତା) ମାନଙ୍କ ମଧ୍ୟରେ ସାମିଲ୍ କରିନେଲେ । ହବ୍‌ସାରୁ ଫେରିବା ପରେ ଏକବର୍ଷ ମଧ୍ୟ ବିତିନଥିଲା ଯେ ରୋମ୍‌ର ସୀମାରେ ରୋମ୍‌ର କୈସର୍ (ସମ୍ରାଟ)ଙ୍କ ଗସ୍‌ସାନି ହାକିମ ଶାହେ ବସ୍‌ରା ଆଡକୁ ଯାଉଥିବା ମୁସଲ୍‌ମାନ୍ ରାଜଦୂତଙ୍କୁ ହତ୍ୟା କରାଇଦେଲେ । ଏହା ମୁସଲ୍‌ମାନଙ୍କ ବିରୋଧରେ ଯୁଦ୍ଧ ଘୋଷଣା ଥିଲା । ପ୍ରତ୍ୟୁତରରେ ନବୀ କରିମ୍ ସ:ଆ:ସ ତିନିହଜାର ଇସ୍‌ଲାମୀୟ ସେନାଙ୍କୁ ପ୍ରସ୍ତୁତ କଲେ ଯେଉଁଥିରେ ବହୁତ ବଡ ବଡ କୁଟୁମ୍ବର ଅନେକ ସାହାବା ସାମିଲ୍ ହେଇଥିବା ସତ୍ୱେ ମଧ୍ୟ ଆପଣ ସ:ଆ:ସ ନିଜର ସ୍ୱାଧୀନ ଗୁଲାମ୍ ହଜ୍‌ରତ୍ ଜଏଦ୍ ର:ଅଙ୍କୁ ଏହି ସେନାର ପ୍ରଥମ ସେନାଧ୍ୟକ୍ଷ ରୂପେ ନିୟୋଜିତ କଲେ । ଏବଂ ହଜ୍‌ରତ୍ ଜାଫର୍ ର:ଅଙ୍କୁ ତାଙ୍କର ନାଏବ (ଉପସେନାଧ୍ୟକ୍ଷ) ନିଯୁକ୍ତି କରି କହିଲେ- ଜଏଦ୍ ବିନ୍ ହାର୍ ଯଦି ଶହୀଦ୍ ହୁଅନ୍ତି ତେବେ ଏହି ସେନାର ଅମୀର୍ ହଜ୍‌ରତ୍ ଜାଫର୍ ହେବେ ଏବଂ ତାଙ୍କପରେ ଅବ୍‌ଦୁଲ୍ଲାଃ ବିନ୍ ରୱାହା । ହଜ୍‌ରତ୍ ଜାଫର ର:ଅ ସେହି ଯୁଦ୍ଧରେ ଶହୀଦ୍ ହେଲେ ।

ଇସ୍‌ଲାମୀୟ ସେନାଧ୍ୟକ୍ଷଙ୍କ ଶହୀଦ୍ ହେବାର ଖବର ଦେଇ ରସୁଲୁଲଲଃା ସ:ଆ:ସ କହିଲେ- ''ହେ ଲୋକମାନେ ! ଗୋଟିଏ ବହୁତ ଦୁଃଖପୁର୍ଣ୍ଣ ଖବର ଅଛି । ମୌତା ଯୁଦ୍ଧରେ ଯୋଗ ଦେଇଥିବା ମୁସଲ୍‌ମାନ୍‌ମାନେ ଯୁଦ୍ଧକ୍ଷେତ୍ରରେ ଶତ୍ରୁମାନଙ୍କ ସହିତ ବହୁତ ଖୁବ୍ ଲଢ଼ିଲେ । ସର୍ବପ୍ରଥମେ ସେନାର ଅମୀର୍ ହଜ୍‌ରତ୍ ଜଏଦ୍ ର:ଅ ଶହୀଦ୍ ହେଲେ । ସେତେବେଳେ ସେନାର ଧ୍ୱଜାଟିକୁ ଜାଫର୍ ବିନ୍ ଅବି ତାଲିବ୍ ସମ୍ଭାଳି ଧରିନେଲେ । ସେ ମଧ୍ୟ ବହୁତ ଦମ୍ଭର ସହିତ ଲଢ଼ିଲେ । ମୁଁ ତାଙ୍କୁ ନିଜ ଆଖିରେ ଇଶ୍ୱରଙ୍କ ମାର୍ଗରେ ଜୀବନ ଉତ୍ସର୍ଗ କରୁଥିବାର ଦେଖିଅଛି । ତାଙ୍କ ପରେ ତୃତୀୟ ଅମୀର୍ ଅବ୍‌ଦୁଲ୍ଲାଃ ବିନ୍ ରୱାହା ମଧ୍ୟ ଶହୀଦ୍ ହୋଇଗଲେ । ହଜୁର୍ ସେହି ସେନାର ଅମୀର୍ ମାନଙ୍କ ନିମନ୍ତେ ଦୁଆଏ ମଗ୍‌ଫିରତ୍ (ତାଙ୍କ ପାଇଁ କ୍ଷମା ପ୍ରାର୍ଥନା) ମଧ୍ୟ କରାଇଲେ । ପୁଣି ସେମାନଙ୍କର ଉତମ ପରିଣାମ ବିଷୟରେ ଖବର ଦେଇ କହିଲେ କି ''ମୋତେ ଜାଫର୍ ର:ଅ, ଜଏଦ୍ ର:ଅ ଏବଂ ଅବ୍‌ଦୁଲ୍ଲାଃ ର:ଅଙ୍କ ଏହି ଦୃଶ୍ୟ ମଧ୍ୟ ଦେଖାଇଦିଆଗଲା ଯେ ସେମାନେ ମୌତିର ଖିମା ଅର୍ଥାତ୍ ଗୋଟିଏ ସୁନ୍ଦର କାଚ ଅଟ୍ଟାଳିକାରେ ଅଛନ୍ତି ଏବଂ ସେମାନେ ସମସ୍ତେ ଅଲଗା ଅଲଗା ଖଟ ଉପରେ ବିରାଜମାନ ଅଛନ୍ତି'' । (ମସନଦ୍ ଅହେମଦ୍, ଖଣ୍ଡ-୫, ପୃଷ୍ଠା-୨୨୯, ଇସ୍‌ତିଆବ୍, ଖଣ୍ଡ-୧, ପୃଷ୍ଠା-୩୧୪)

ପୁଣି ଶହୀଦ୍ ମାନଙ୍କ ବେୱାମାନଙ୍କୁ ଶାନ୍ତ୍ୱନା ଦେଇ ଆପଣ ସ:ଆ:ସ କହିଲେ:- ''ତାଙ୍କ ପିଲାମାନଙ୍କ ଅସୁବିଧାର ଚିନ୍ତା ମନରେ ଆଣନାହିଁ । ମୁଁ ନା କେବଳ ଏହି ଦୁନିଆରେ ସେମାନଙ୍କର ତତ୍ତ୍ୱବଧାରକ ବରଂ ପରକାଳରେ ମଧ୍ୟ ସେମାନଙ୍କ ବନ୍ଧୁ ଓ ସାହାଯ୍ୟକାରୀ ହେବି'' । (ମସନଦ୍ ଅହେମଦ୍, ଖଣ୍ଡ-୧, ପୃଷ୍ଠା-୨୦୪)

ହଜ୍‌ରତ୍ ମିର୍ ନାସର୍ ନୱାବ୍ ସାହେବ୍ ର:ଅଙ୍କ ଜୀବନ ଚରିତ ସମ୍ବନ୍ଧରେ ସେ କହିଲେ କି ତାଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସ୍ୱଶୁର, ହଜ୍‌ରତ୍ ସୈୟଦା ନୁସ୍‌ରତ୍ ଜାହାଁ ଉମ୍ମୁଲ୍ ମୁମିନୀନ୍‌ଙ୍କ ବାପା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅଙ୍କ ଅଜା ଏବଂ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ଓ ରାବେଙ୍କ ଅଣଅଜା ହେବାର ଗୌରବ ହାସଲ କରିଛନ୍ତି । ମିର୍ ସାହେବ୍ ହଜ୍‌ରତ୍ ଖ୍ୱାଜା ମିର୍ ଦର୍ଦ୍ ରହେମୁଲାଙ୍କ ବଂଶଜ ଥିଲେ ଯିଏ ୧୭ ଶତାବ୍ଦୀରେ ଦିଲ୍ଲୀର ପ୍ରସିଦ୍ଧ ସୁଫି ଏବଂ ଉର୍ଦ୍ଦୁ ଜଗତର ମହାନ୍ କବି ଥିଲେ ଏବଂ ତାଙ୍କର ବାପା ହଜ୍‌ରତ୍ ଖ୍ୱାଜା ମୁହମ୍ମଦ୍ ନାସିର୍ ରହେମୁଲ୍ଲାଃ ନିଜ ସମୟର ମୋଜଦିଦ୍ ଥିଲେ । ୧୮୯୪ ମସିହାରେ ସେ ମର୍ଦ୍ଦାନ୍‌ରୁ ଲମ୍ବା ଛୁଟି ନେଇ କାଦିଆନ୍ ଆସିଲେ ଓ ଯେତେବେଳେ ତାଙ୍କର ପେନ୍‌ସନ୍ ମଞ୍ଜୁର୍ ହୋଇଗଲା ସେ ସେବେଠାରୁ କାଦିଆନ୍‌ରେ ହିଁ ରହିଗଲେ ଏବଂ ନିଜର ସମସ୍ତ ସାମର୍ଥ୍ୟକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିମନ୍ତେ ଉତ୍ସର୍ଗ କରିଦେଲେ ଏବଂ ବିନା କୌଣସି ପାରିଶ୍ରମିକ ନେଇ ନିଜ ଜୀବନକୁ ଏ ସମ୍ପ୍ରଦାୟର ସେବା ନିମନ୍ତେ ୱକ୍‌ଫ୍ (ଉତ୍ସର୍ଗ) କରିଦେଲେ । ସେ ହଜୁର୍ ଆ:ସଙ୍କ ଜମିବାଡି ଗୁଡିକର ମୁଖ୍‌ତାର ମଧ୍ୟ ଥିଲେ ଏବଂ ମାଲ୍ ଅସୁଲ୍ କରିବା ବାଲା ମୁନ୍‌ସି ମଧ୍ୟ ଥିଲେ, (କୋଠାବାଡି ଇତ୍ୟାଦି) ନିର୍ମାଣ କାର୍ଯ୍ୟର ଇଞ୍ଜିନିୟର୍ ମଧ୍ୟ ଥିଲେ । ଘରର ସମସ୍ତ କାର୍ଯ୍ୟ ଆପଣ ଦେଖାଶୁଣା କରୁଥିଲେ । ହଜୁର୍‌ଙ୍କର ଗସ୍ତ ସମୟରେ ମଧ୍ୟ ଘରବାଡିର ତତ୍ତ୍ୱବଧାନ କରୁଥିଲେ । ହଜୁର୍ ଆ:ସଙ୍କ ପରିଣତ ବୟସରେ ହଜୁର୍‌ଙ୍କ ସଙ୍ଗେ ଯାତ୍ରା କରୁଥିଲେ ଏବଂ ହଜୁର୍‌ଙ୍କର ସେବା କରୁଥିଲେ ଅର୍ଥାତ୍ ମିର୍ ସାହେବ୍ କାଦିଆନ୍ ଆସି ହଜୁର୍ ଆ:ସଙ୍କ ସମସ୍ତ ଘରକାର୍ଯ୍ୟ ଏବଂ ସାମ୍ପ୍ରଦାୟିକ କାର୍ଯ୍ୟ ଗୁଡିକର ପ୍ରାଇଭେଟ୍ ସେକ୍ରେଟାରୀ ହୋଇଗଲେ । ତାଙ୍କ ଉପରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଏତେ ମାତ୍ରାରେ ପୁର୍ଣ୍ଣ ବିଶ୍ୱାସ ଥିଲା କି ଆପଣ ଆ:ସ କହୁଥିଲେ ''ମିର୍ ସାହେବ୍‌ଙ୍କ କାମରେ ଦଖଲ ଦେବା ଉଚିତ୍ ନୁହେଁ'' ।

ଏହି ତକ୍‌ରିର୍ ସହିତ ଦ୍ୱିତୀୟ ଦିନର ପ୍ରଥମ ଇଜ୍‌ଲାସ୍‌ର କାର୍ଯ୍ୟକ୍ରମର ପରିସମାପ୍ତି ଘଟିଲା ।

**ଦ୍ୱିତୀୟ ଦିନର ଦ୍ୱିତୀୟ ଇଜ୍‌ଲାସ୍**

ଦ୍ୱିତୀୟ ଦିନର ଦ୍ୱିତୀୟ ଇଜ୍‌ଲାସ୍‌ର କାର୍ଯ୍ୟକ୍ରମ ମୋହତରମ୍ ମୁନୀର୍ ଅହେମଦ୍ ସାହେବ୍ ହାଫ୍‌ଜାବାଦୀ ୱକିଲୁଲ୍ ଆଲା ତେହ୍‌ରିକେ ଯଦିଦ୍ କାଦିଆନ୍‌ଙ୍କ ସଭାପତିତ୍ୱରେ ପବିତ୍ର କୋରାନ୍ ପାଠ ଦ୍ୱାରା ଆରମ୍ଭ ହେଲା । ତାହା ମୋକରମ୍ ହାଫିଜ୍ ମୁଜଫର୍ ଆଲମ୍ ସାହେବ୍ ମୋତାଅଲିମ୍ ଜାମିୟା ଅହେମଦୀୟା ରବ୍‌ୱା ଆବୃତି କଲେ ଓ ଏହାର ଉର୍ଦ୍ଦୁ ଅନୁବାଦ ମୋକରମ୍ ଅତାଉଲ୍ଲାଃ ନୁସ୍‌ରତ୍ ସାହେବ୍ ନାଏବ୍ ନାଜିର୍ ବଇତୁଲ୍ ମାଲ୍ ଆମଦ୍ କାଦିଆନ୍ ପଢ଼ି ଶୁଣାଇଲେ । ମୋକରମ୍ ଇସ୍‌ମତୁଲ୍ଲାଃ ସାହେବ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ମଞ୍ଜୁମ୍ କଲାମ୍-

*ଇକ୍ ନା ଇକ୍ ଦିନ୍ ପେଶ୍ ହେଗା*
*ତୁ ଫନା କେ ସାମ୍‌ନେ*
*ଚଲ୍ ନେହିଁ ସକ୍‌ତି କିସି କି*
*କୁଛ୍ କଜା କେ ସାମ୍‌ନେ*

ଲଳିତ ସ୍ୱରରେ ପଢ଼ି ଶୁଣାଇଲେ ।

ଏହାପରେ ମୋକରମ୍ ମୌଲାନା ତନୱିର୍ ଅହେମଦ୍ ସାହେବ୍ ଖାଦିମ୍ ନାଏବ୍ ନାଜିର୍ ଦାୱତେ ଇଲଲ୍ଲାଃ ଉତର ଭାରତ ''ମୋହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ'' ବିଷୟ ଉପରେ ପଞ୍ଜାବୀ ଭାଷାରେ ଭାଷଣ ପ୍ରଦାନ କଲେ । ତାଙ୍କ ଭାଷଣ ପରେ କିଛି ରାଜନୈତିକ ଓ ଧାର୍ମିକ ବ୍ୟକ୍ତିବିଶେଷ ନିଜର ମନୋଭାବକୁ ବର୍ଣ୍ଣନା କଲେ ଯାହାକୁ ନିମ୍ନରେ ସଂକ୍ଷିପ୍ତରେ ଉଲ୍ଲେଖ କରାଯାଉଅଛି-

**(୧)ଜନାବ୍ ସନ୍ଥ ବାବା ସୁଖ୍‌ଦେବ୍ ସିଙ୍ଗ୍ ଜି ବେଦି ସାହେବ୍ ।**

ସେ ଗୁରୁ ନାନକ୍ ଦେବ୍ ଜି ଙ୍କ ଷୋହଳତମ ବଂଶଜ ଅଟନ୍ତି ଏବଂ ଡେରା ବାବା ନାନକ୍ ସହିତ ସମ୍ପର୍କ ରଖିଛନ୍ତି । ସେ ସର୍ବପ୍ରଥମେ ଜଲ୍‌ସାରେ ଉପସ୍ଥିତ ଥିବା ସମସ୍ତ ସମ୍ମାନୀୟ ଅତିଥିମାନଙ୍କର କୃତଜ୍ଞତା ଜ୍ଞାପନ କଲେ । ସମସ୍ତଙ୍କୁ ସଲାମ୍‌ର ଉପହାର ପେଶ୍ କଲେ ଏବଂ କହିଲେ କି ଆଜି ମୋତେ ଏଠାରେ ଆସି ବହୁତ ଖୁସି ଅନୁଭବ ହେଉଛି ଓ ମୁଁ ଆପଣ ସମସ୍ତ ଉପସ୍ଥିତ ଲୋକମାନଙ୍କୁ ଏହି ମହାନ୍ ଜଲ୍‌ସା ନିମନ୍ତେ ବହୁତ ଶୁଭେଚ୍ଛା ଜଣାଉଛି । ଏଠାରେ ସବୁ ଧର୍ମର ସମ୍ମାନୀୟ ବ୍ୟକ୍ତିବିଶେଷ ସାମିଲ୍ ଅଛନ୍ତି ଏବଂ ଆପଣମାନଙ୍କର ଏହି ଚେଷ୍ଟା ଅର୍ଥାତ୍ ପ୍ରେମର ପ୍ରଚାର ପ୍ରସାର ନିମନ୍ତେ ଥିବା ଚେଷ୍ଟା ପ୍ରଶଂସନୀୟ । ଆପଣମାନଙ୍କର ଏହି ଜଲ୍‌ସାରେ ଆସି ମନକୁ ଶାନ୍ତି ମିଳୁଛି । ଆପଣମାନଙ୍କର ଏହି ଭାଇଚାରାକୁ ଅଲ୍ଲାଃ ଆହୁରି ଉନ୍ନତି ପ୍ରଦାନ କରନ୍ତୁ । ଏ ପୃଥିବୀ ଆଜି ଧ୍ୱଂସ ଆଡକୁ ବହୁତ କ୍ଷିପ୍ର ବେଗରେ ଗତି କରି ଚାଲିଛି । ଚାରିଆଡେ ଧର୍ମ ନାମରେ ଘୃଣାର ପ୍ରଚାର ପ୍ରସାର କରାଯାଉଛି । ଆମ ସମସ୍ତଙ୍କୁ ମଧ୍ୟ ମିଳିମିଶି ଏହି ପ୍ରେମର ବାର୍ତ୍ତାକୁ ଆଗକୁ ବଢ଼ାଇବା ଉଚିତ୍ । ମୁଁ ଯେତେବେଳେ ପୃଥିବୀର କୌଣସି କୋଣକୁ ମଧ୍ୟ ଯାଇଥାଏ ସେଠାରେ ଜମାତ୍‌ର ସଦସ୍ୟମାନେ ବହୁତ ପ୍ରେମ ଓ ନିଷ୍ଠାର ସହିତ ମୋ ସଙ୍ଗେ ମିଳିଥାନ୍ତି, ମୋତେ ବହୁତ ସମ୍ମାନ ଦିଅନ୍ତୁ । ପରିଶେଷରେ ଆଉ ଏକବାର ମୁଁ ପୁଣି ଆପଣ ସମସ୍ତଙ୍କୁ ଏହି ମହାନ୍ ଜଲ୍‌ସା ନିମନ୍ତେ ବହୁତ ବହୁତ ଶୁଭେଚ୍ଛା ଜଣାଉଛି ।

**(୨)ଜନାବ୍ ଫତେହ୍ ଜଙ୍ଗ୍ ସିଙ୍ଘ୍ ବାଜ୍‌ୱାଃ ସାହେବ୍ (ଏମ୍.ଏଲ.ଏ ହଲ୍‌କା କାଦିୟାନ୍)**

ସେ ଜଲ୍‌ସାରେ ହାଜିର୍ ଥିବା ସମସ୍ତ ସଦସ୍ୟଙ୍କ କୃତଜ୍ଞତା ଜ୍ଞାପନ କଲେ ଏବଂ ସମସ୍ତଙ୍କୁ ସଲାମ୍‌ର ଉପହାର ପେଶ୍ କଲେ ଏବଂ ଏହି ପଦଟିକୁ ପଢ଼ିଲେ:-

*ୟେ ଶହର୍ ମୁହବତ୍ ହେି*
*ୟେ ଶହର୍ ଅକିଦତ୍ ହେି*
*ଇସ୍ ଶହର୍ କି ମିଟି କୋ*
*ଆଖୋଁ ସେ ଲଗାନା ହେି*

ସେ କହିଲେ କାଦିଆନ୍ ସହର୍ ହେଉଛି ଗୋଟିଏ ପବିତ୍ର ସ୍ଥାନ । ଯେଉଁ ବାର୍ତ୍ତା ଏହି ସହରରୁ ଦିଆଯାଇଛି ତାହା ଆଜି ୨୧୨ଟି ଦେଶରେ ପ୍ରସାର ହୋଇସାରିଛି । ସାରା

ପୃଥିବୀରେ ଯେଉଁଠି ମଧ୍ୟ ଜମାତ୍‌ର ସଦସ୍ୟମାନେ ଅଛନ୍ତି ସେମାନେ ସମସ୍ତେ ବହୁତ ପ୍ରେମ ଓ ସ୍ନେହରେ ମିଳିଥାନ୍ତି । ଆମ କୁଟୁମ୍ବରୁ ଯେବେ ମଧ୍ୟ କୌଣସି ବ୍ୟକ୍ତି କୌଣସି ବାହାର ଦେଶକୁ ଯାଇଥାଏ ସେଠାରେ ଆପଣଙ୍କ ଲୋକମାନେ ତାଙ୍କୁ ବହୁତ ସମ୍ମାନ ଦେଉଛନ୍ତି । ଏହା ଏହି ପବିତ୍ର ଭୂମିର ପ୍ରେମପୁର୍ଣ୍ଣ ଶିକ୍ଷାର ଫଳ । ଆପଣମାନେ ହେଉଛନ୍ତି ସୌଭାଗ୍ୟବାନ୍, ଯେଉଁମାନେ ଏହି ଜମାତ୍‌ର ସଦସ୍ୟ ଅଟ ଯିଏ ସାରା ପୃଥିବୀରେ ପ୍ରେମ, ସ୍ନେହ, ଭାଇଚାରା ଏବଂ ଆପୋଷ ଭାତୃପ୍ରେମର ବାର୍ତା ଦେଉଅଛି । ଆପଣଙ୍କ ଜମାତ୍‌ର ମୋଟୋ ମଧ୍ୟ ପ୍ରେମ ଉପରେ ଆଧାରିତ । ଜମାତ୍ ସବୁ ବର୍ଗର ଲୋକଙ୍କ ସହିତ ସହାନୁଭୁତି ଦେଖାଇଥାଏ । ସମସ୍ତଙ୍କୁ ସାହାଯ୍ୟ କରିଥାଏ । ଗରୀବମାନଙ୍କୁ ସାହାଯ୍ୟ କରିଥାଏ, ଅସହାୟ ଲୋକମାନଙ୍କର ଆବଶ୍ୟକତାକୁ ପୂରଣ କରିଥାଏ । ଆମେ ମଧ୍ୟ ଏହି ଜମାତ୍‌କୁ ନିଜର ଫ୍ୟାମିଲି ରୂପେ ଜାଣିଥାଉ । ଆମ ବୟୋଜ୍ୟେଷ୍ଠ ଲୋକମାନଙ୍କର ମଧ୍ୟ ଜମାତ୍ ସହିତ ବହୁତ ପ୍ରେମ ଓ ସ୍ନେହଭାବ ପୂର୍ଣ୍ଣ ବନ୍ଧୁତ୍ୱ ରହିଛି । ମୁଁ ଆପଣ ସମସ୍ତଙ୍କୁ ଏହି ମହାନ୍ ଜଲ୍‌ସା ନିମନ୍ତେ ବହୁତ ଅଭିନନ୍ଦନ ଜଣାଉଛି ।

**(୩)ଜନାବ୍ ଫାଦର୍ ସାମନ୍ତରାୟ ସାହେବ୍ (ବିଶପ୍ ନର୍ଥ୍ ଇଣ୍ଡିଆ ଅଫ୍ ଅମୃତ୍‌ସର୍)**

ସେ ସର୍ବପ୍ରଥମେ ଜଲ୍‌ସାରେ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କୁ ଧନ୍ୟବାଦ ଜଣାଇଲେ। ଓ ତା ସଙ୍ଗେ ସମସ୍ତଙ୍କୁ ସଲାମ୍‌ର ଉପହାର ପ୍ରଦାନ କଲେ । ଏବଂ କହିଲେ ମୋର ସୌଭାଗ୍ୟ ଯେ ମୁଁ ଅନେକ ବର୍ଷ ହେବ ଆପଣମାନଙ୍କର ଏହି ମହାନ୍ ଜଲ୍‌ସାରେ ସାମିଲ୍ ହେବାର ସୌଭାଗ୍ୟ ପାଉଅଛି । ଆପଣଙ୍କ ଜମାତ୍ ସହିତ ଆମର ବହୁତ ଉତମ ସୁସମ୍ପର୍କ ରହିଛି । ଆଜି ଏ ପୃଥିବୀର ଲୋକମାନେ ପ୍ରେମର ଭୁକା ଅଟନ୍ତି । ଯେଉଁ ଜିନିଷର ଆଜି ସବୁଠାରୁ ଅଧିକା ଆବଶ୍ୟକ ରହିଛି ତାହା ହେଉଛି ପ୍ରେମ । ଆମ ସମସ୍ତଙ୍କୁ ନିଜ ନିଜର ଘୃଣାଭାବକୁ ଦୂର କରି ଭଲ ପାଇବା ପ୍ରତି, ଏକତା ପ୍ରତି ଏବଂ ଭଲ କାର୍ଯ୍ୟ କରିବା ପ୍ରତି ପାଦ ବଢ଼ାଇବାର ଆବଶ୍ୟକତା ରହିଛି । ଆମ ସମସ୍ତଙ୍କୁ ମିଳିମିଶି ଏହି କାର୍ଯ୍ୟକୁ କରିବାକୁ ହେବ । ଜଲ୍‌ସାର ଏହି ପ୍ଲାଟ୍‌ଫର୍ମ୍ ଯାହାକୁ ଆମେ ସମସ୍ତେ ସେୟାର୍ କରୁଅଛେ, ଏହା ଉକ୍ତ କାର୍ଯ୍ୟ ନିମନ୍ତେ ବହୁତ ଭଲ ଅବସର । ମୁଁ ଆପଣ ସମସ୍ତଙ୍କୁ ଏହି ମହାନ୍ ଜଲ୍‌ସାପାଇଁ ବହୁତ ବହୁତ ଅଭିନନ୍ଦନ ଜଣାଉଛି । ଯେଉଁ ଦୃଷ୍ଟାନ୍ତ ଜମାତ୍ ଉପସ୍ଥାପନ କରୁଅଛି ଏହା ବାକି ସମସ୍ତ ଧର୍ମ ସମୂହକୁ ମଧ୍ୟ ଆପଣେଇ ନେବା ଉଚିତ୍ ଏବଂ ପ୍ରେମର ବାର୍ତା ଦେବା ଉଚିତ୍ । ଆମେ ସମସ୍ତେ ମିଳିମିଶି ଏହି ମିଶନ୍‌କୁ ଆଗକୁ ବଢ଼ାଇବାକୁ ହେବ ।

**(୪)ଜନାବ୍ ବଲ୍‌ବିନ୍ଦର୍ ସିଙ୍ଘ୍ ଲାଡି ସାହେବ୍ (ଏମ୍.ଏଲ୍.ଏ ହଲ୍‌କା ଶ୍ରୀ ହର୍‌ଗୋବିନ୍ଦପୁର)**

ଆଜି ବହୁତ ଆନନ୍ଦର ଦିନ ଯେ ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ଜମାତ୍ ନିଜର ମହାନ୍ ଜଲ୍‌ସାସାଲାନା ଅନୁଷ୍ଠିତ କରୁଅଛି । ଦୂର ଦୂରାନ୍ତରୁ ଆସି ଏଠାରେ ଯେଉଁ ଲୋକମାନେ ସାମିଲ୍ ହୋଇଛନ୍ତି ସେ ସମସ୍ତଙ୍କୁ ସ୍ୱାଗତ ଜଣାଉଛି । ଏ ଜମାତ୍ ମାନବ ସେବାର ଯେଉଁ ମହାନ୍ କାର୍ଯ୍ୟ କରୁଅଛି ତାହା ବହୁତ ପ୍ରଶଂସନୀୟ । ଜମାତ୍ ପ୍ରତ୍ୟେକ ପୂଣ୍ୟ କାର୍ଯ୍ୟରେ ଅନ୍ୟମାନଙ୍କଠାରୁ ଆଗରେ ରହିଛି । ମୁଁ ଆଉଥରେ ପୁଣି ଆପଣ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ଓ ଏହି ମହାନ୍ ଜଲ୍‌ସାରେ ସାମିଲ୍ ହୋଇଥିବା ଯୋଗୁ ସ୍ୱାଗତ ଜଣାଉଛି ।

**(୫)ଜନାବ୍ ରାମା ସୁବୁଜି ଉପସଭାପତି ଅଲ ଇଣ୍ଡିଆ କଂଗ୍ରେସ୍ କମିଟି ଏବଂ ପୂର୍ବତନ ଏମ୍.ପି ଅଫ୍ ତର୍‌ନଲୱେ୍‌ଲ୍, ତାମିଲ୍‌ନାଡୁ**

ସେ ମହାଶୟ କହିଲେ ମୁଁ ଚେନ୍ନାଇରୁ ଏଠାକୁ ଆପଣଙ୍କ ଏହି ଜଲ୍‌ସାରେ ସାମିଲ୍ ହେବାପାଇଁ ଆସିଛି ଏବଂ ଆପଣ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ମୋ ପାଇଁ ଏହା ବହୁତ ସମ୍ମାନ ଓ ଗୌରବର କଥା । ମୁଁ ତାମିଲ୍‌ନାଡୁ ପ୍ରଦେଶର ତିର୍‌ୱିନଲ୍ ୱେଲି ସହିତ ସମ୍ପର୍କ ରଖିଛି । ଜମାତ୍ ପ୍ରେମର ଯେଉଁ ବାର୍ତା ସାରା ପୃଥିବୀରେ ପ୍ରଚାର କରୁଅଛି ତାହା ଅତ୍ୟନ୍ତ ପ୍ରଶଂସନୀୟ । ବର୍ତମାନ ଏହି ବାର୍ତା ପୃଥିବୀର ୨୧୨ଟି ଦେଶରେ ବ୍ୟାପିସାରିଛି । ମୁଁ ହଜୁର୍ ଅନୁୱରଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କରୁଛି ଯେ ହଜୁର୍ ପ୍ରେମର ବାର୍ତାକୁ ସାର ପୃଥିବୀରେ ପ୍ରଚ଼ର କରୁଛନ୍ତି । ମୁଁ ଆପଣଙ୍କ ଜମାତ୍‌କୁ ବହୁତ ଭଲଭାବେ ଜାଣିଛି । ଆଜି ଏ ପୃଥିବୀ ଧ୍ୱଂସଆଡକୁ ଗତି କରୁଛି । ନ୍ୟୁକ୍ଲିୟର୍ ଏବଂ ଏଟୋମିକ୍ ଯୁଦ୍ଧର ପ୍ରସ୍ତୁତି ଚାଲିଛି । ଏ ପୃଥିବୀ ନିଜ ଧ୍ୱଂସର ବସ୍ତୁଗୁଡିକୁ ନିଜେ ହିଁ ପ୍ରସ୍ତୁତ କରୁଅଛି । କିନ୍ତୁ ଆପଣଙ୍କ ଜମାତ୍‌ର ଖଲିଫା ସାରା ପୃଥିବୀରେ ପ୍ରେମ ଓ ଆପୋଷି ଭାଇଚାରାର ଶିକ୍ଷାକୁ ବାଂଟୁଛନ୍ତି ଏବଂ ସମଗ୍ର ସଂସାରରେ ଏହି ବିରାଟ ଧ୍ୱଂସରୁ ବଂଚାଇବା ପାଇଁ ଚେଷ୍ଟାରେ ଲାଗିଛନ୍ତି । ମୁଁ ମଧ୍ୟ ଜମାତ୍ ସହିତ ଯୋଡି ହୋଇଯାଇଛି । ଆଜି ଏଠାରେ ସବୁ ଧର୍ମର ଯେଉଁ ଲୋକମାନେ ଏକାଠି ହୋଇଛନ୍ତି ସେମାନଙ୍କୁ ଏଠାରେ ପ୍ରେମ ଓ ଶାନ୍ତିର ବାର୍ତା ଦିଆଯାଉଅଛି । ମୁଁ ତର୍‌ୱିନିଲ୍ ୱେଲି ଜମାତ୍‌ର ସମସ୍ତ ପ୍ରୋଗ୍ରାମ୍‌ରେ ସାମିଲ୍ ହେଉଅଛି । ଆପଣମାନେ ବହୁତ ଭଲଲୋକ ଏବଂ ଆପଣମାନଙ୍କର ସ୍ୱଭାବ ବହୁତ ନମ୍ର । ଆପଣମାନେ ଘୃଣା ଏବଂ ସନ୍ତ୍ରାସବାଦ୍‌ର ବିରୋଧ କହୁଛନ୍ତି । ଇସ୍‌ଲାମ୍ ମଧ୍ୟ ସର୍ବଦା ପ୍ରେମର ବାର୍ତା ଦେଇଆସିଛି । ଆପଣଙ୍କ ଜମାତ୍ ପବିତ୍ର କୋରାନ୍‌ର ଶିକ୍ଷାକୁ ପ୍ରଚାର କରୁଅଛି । ଆପଣଙ୍କ ଜମାତ୍ ପବିତ୍ର କୋରାନ୍‌ର ପ୍ରଦର୍ଶନୀ ମଧ୍ୟ କରାଉଅଛି । ଆପଣଙ୍କ ଜମାତ୍ ମାନସେବା କାର୍ଯ୍ୟରେ ମଧ୍ୟ ଅହରହ ଲାଗିରହିଛି । ଗରିବ ମାନଙ୍କୁ ସାହାଯ୍ୟ କରୁଛି । ଶିକ୍ଷାକୁ ପ୍ରୋତ୍ସାହିତ କରୁଛି । ଏହା ବହୁତ ବଡ ଓ ପ୍ରଶଂସନୀୟ କଥା ଅଟେ । ମୁଁ ଆପଣ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ଆଜି ଆପଣମାନଙ୍କର ଏହି ଜଲ୍‌ସାରେ ସାମିଲ୍ ହୋଇ ମୋତେ ବହୁତ ଖୁସି ଅନୁଭବ ହେଉଛି । ମୋତେ ଆପଣଙ୍କ ହଜୁର୍‌ଙ୍କ ସହିତ କେବେ ସାକ୍ଷାତ୍ କରିବାର ଅବସର ତ ମିଳିନାହିଁ କିନ୍ତୁ ମୁଁ ତାଙ୍କ ପବିତ୍ର ଚେହେରାକୁ ଫଟୋରେ ଦେଖିଛି । ତାଙ୍କ ଚେହେରା ବହୁତ ଶାନ୍ତି, ସୁନ୍ଦର ଏବଂ ଆକର୍ଷଣୀୟ । ମୁଁ ହଜୁର୍‌ଙ୍କୁ ନିବେଦନ କରୁଛି ଯେ ଆପଣ ନିଜର ପବିତ୍ର ପାଦକୁ ଆମ ଭୂମି (ତର୍‌ୱିନଲ୍ ୱେଲି ତାମିଲ୍‌ନାଡୁ)ରେ ପକାନ୍ତୁ । ମୋତେ ଏହି ସମ୍ମାନ ଦେଇଥିବା ଯୋଗୁ ମୁଁ ଆପଣ ସମସ୍ତଙ୍କର କୃତଜ୍ଞତା ଜ୍ଞାପନ କରୁଛି ।

**(୬)ଜନାବ୍ ସନ୍ଥ ବାବା ସନ୍ତୁଖ୍ ସିଙ୍ଘ୍ ଜି ଅଫ୍ ଅମୃତ୍‌ସର୍**

ସେ ମହାଶୟ କହିଲେ କାଦିଆନ୍‌ର ପବିତ୍ର ଭୂମିରେ ଆପଣ ସମସ୍ତ ଭାଇମାନଙ୍କୁ ମୋର ସଲାମ୍ । ଏହା ମୋର ସୌଭାଗ୍ୟ ଯେ ମୋତେ ଆପଣମାନଙ୍କ ସମ୍ମୁଖରେ ଛିଡା ହେବାପାଇଁ ଅବସର ମିଳିଛି । ମୁସ୍‌ଲିମ୍ ସମାଜ ସର୍ବଦା ଶିଖ୍ ଧର୍ମକୁ ମାନୁଥିବା ଲୋକମାନଙ୍କ ସହିତ ସହାନୁଭୁତି ଦେଖାଇଥାଏ । ଆମ ହର୍‌ମିନ୍ଦର୍ ସାହେବ୍‌ର ମୂଳଦୁଆ ମଧ୍ୟ ଗୁରୁ ସାହେବ୍ ଜଣେ ମୁସ୍‌ଲିମ୍ ଭାଇ ମିର୍‌ଙ୍କ ଦ୍ୱାରା ପକାଇ ଏହାର ଦୃଢ଼ ପ୍ରମାଣ ପେଶ୍ କରିଛନ୍ତି ଏବଂ ଏକ ମହାନ୍ ଭାଇଚାରାର ଦୃଷ୍ଟାନ୍ତି ଏ ସଂସାର ସମ୍ମୁଖରେ ଉପସ୍ଥାପନ କଲେ । ମୁସ୍‌ଲିମ୍ ସମାଜ ସମସ୍ତ କଠିନ ସମୟରେ ଆମ ସହିତ ରହିଛନ୍ତି ଏବଂ ଏହି ଦୁଇଟି ଧର୍ମର ବିଶେଷତା ହେଉଛି ଏହା କି ଏମାନେ ଏକ ଓ ଅଦ୍ୱିତୀୟ ଇଶ୍ୱରଙ୍କୁ ଉପାସନା କରିଥାନ୍ତି । ଅଲ୍ଲାଃ ଆପଣ ସମସ୍ତ ଭାଇମାନଙ୍କ ଉପରେ ନିଜର କରୁଣା, ଦୟା ଏବଂ ଏଠାରେ ଆପଣଙ୍କ ସମସ୍ତ ପୁଣ୍ୟ ପ୍ରାର୍ଥନା ଗୁଡିକୁ ଗ୍ରହଣ କରନ୍ତୁ । ଆପଣ ସମସ୍ତେ ଖୁସି ଓ ଆନନ୍ଦର ସହିତ ଏଠାରେ ନିଜର ସମୟ ବିତାନ୍ତୁ । ଏବଂ ଖୁସି ହୋଇ ନିଜର ଘରକୁ ଫେରିଯାଆନ୍ତୁ । ମୁଁ ଆପଣ ସମସ୍ତଙ୍କର ବହୁତ ବହୁତ କୃତଜ୍ଞତା ଜ୍ଞାପନ କରୁଛି କି ଆପଣମାନେ ମୋତେ ଏତେବଡ ସମ୍ମାନ ଦେଇଛନ୍ତି ଏବଂ ଆପଣମାନଙ୍କ ସହିତ ସାକ୍ଷାତ୍ କରିବାର ଅବସର ମିଳିଛି । ଆପଣ ସମସ୍ତଙ୍କୁ ଧନ୍ୟବାଦ ।

**(୭)ଜନାବ୍ ପ୍ରେମ୍‌ଜିତ୍ ସିଙ୍ଘ୍ ଜି କଲ୍‌ସି (ଉତମ ଶିକ୍ଷକତା ନିମନ୍ତେ ଜାତୀୟ ପୁରସ୍କାର ପ୍ରାପ୍ତ)**

ସେ ମହାଶୟ ସର୍ବପ୍ରଥମେ ଉପସ୍ଥିତ ସମସ୍ତ ସମ୍ମାନୀୟ ବ୍ୟକ୍ତିବିଶେଷ ଓ ଜଲ୍‌ସାରେ ସାମିଲ୍ ହୋଇଥିବା ସମସ୍ତ ଲୋକମାନଙ୍କର କୃତଜ୍ଞତା ଜ୍ଞାପନ କଲେ ଏବଂ ସମସ୍ତଙ୍କୁ ସଲାମ୍‌ର ଉପହାର ପ୍ରଦାନ କଲେ । ତତ୍‌ସହିତ କହିଲେ ଯେ ଆପଣମାନେ ମାନବସେବାର ମହାନ କାର୍ଯ୍ୟ କରୁଛନ୍ତି ଏହା ହେଉଛି ସେହି ପବିତ୍ର ପୀଠ ଯେଉଁଠାରୁ ମାନବିକତାର ସ୍ଲୋଗାନ୍ ଗୁଞ୍ଜରଣ ହୋଇ ସାରା ପୃଥିବୀରେ ବ୍ୟାପିସାରିଛି । ଆମକୁ ମଧ୍ୟ ବର୍ତମାନ ସମୟରେ ନିଜ ଭିତରେ ମାନବିକତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ଏବଂ ଆପୋଷ ମନୋମାଳିନ୍ୟତା ଓ ବିଭେଦକୁ ଶେଷ କରି ସାଙ୍ଗ ହୋଇ ମିଳିମିଶି ଜୀବନ ବିତାଇବାର ଆବଶ୍ୟକ ରହିଛି । ଇନ୍‌ସାନିୟତ୍ (ମାନବିକତା) ହିଁ ସବୁଠାରୁ ବଡଧର୍ମ ।

**(୮)ଜନାବ୍ ସୁନୀଲ୍ ଜାଖଡ୍ ସାହେବ୍ (ଏମ୍.ପି ହଲ୍‌କା ଗୁର୍‌ଦାସ୍‌ପୁର୍ ଏବଂ ସଭାପତି କଂଗ୍ରେସ୍ ପାର୍ଟି ପଞ୍ଜାବ)**

ସେ ମହାଶୟ କହିଲେ ଯେ କାଦିଆନ୍‌ର ଏହି ପବିତ୍ର ଭୂମିରେ ଏହି ଜଲ୍‌ସାସାଲାନାରେ ସାମିଲ୍ ହେବାର ମୋତେ ସମ୍ମାନ ମିଳିଲା । ଦୂରଦୂରାନ୍ତରୁ ଯାତ୍ରା କରି ସମସ୍ତ ସ୍ରୋତାଗଣ ଏହି ଐଶ୍ୱରିକ ଜଲ୍‌ସାରେ ସାମିଲ୍ ହେବା ଉଦ୍ଦେଶ୍ୟରେ ଏଠାକୁ କାଦିଆନ୍ ଆସିଛନ୍ତି । ଆପଣ ସମସ୍ତଙ୍କୁ ମୁଁ ସ୍ୱାଗତ ଜଣାଉଛି । ପୃଥିବୀରେ ଏପରି ବହୁତ କମ୍ ଜଲ୍‌ସା ହୋଇଥାଏ ଯେଉଁଠାରୁ ମାନବିକତାର ସ୍ଲୋଗାନ୍ ଗୁଞ୍ଜରଣ ହୁଏ । ଏହା ଆଜି ଆମ ସମସ୍ତଙ୍କ ପାଇଁ ସବୁଠାରୁ ବଡ ଆବଶ୍ୟକ । ମାନବଜାତିର ସେବା ହେଉଛି ସବୁଠାରୁ ମହାନ୍ କାର୍ଯ୍ୟ ଯାହାକୁ ଆପଣଙ୍କ ଜମାତ୍ ନିର୍ବାହ କରୁଅଛି । ଆମେ ଆପୋଷରେ ଥିବା ବିଦ୍ୱେଷଭାବକୁ ଶେଷ କରି ପ୍ରେମ ଓ ଭଲପାଇବାକୁ ପ୍ରୋତ୍ସାହନ ଦେବା ଉଚିତ୍ । ଆଜି ଏହି ବାର୍ତାର ଆବଶ୍ୟକ ରହିଛି ଯେ ମାନବିକତା ହେଉଛି ସବୁଠାରୁ ବଡ । ମୁଁ ଆପଣ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

ମୋହତରମ୍ ସଦ୍‌ରେ ଇଜ୍‌ଲାସ୍ (ସଭାର ସଭାପତି) ଅସ୍ୱିନୀ ସିଖ୍‌ଡି ଜି ପୂର୍ବତନ ଏମ୍.ଏଲ୍.ଏ ଏବଂ ଯାଦୁଉନ୍ଦର୍ ଜି ଭଣ୍ଡରଙ୍କୁ ସମ୍ମାନିତ କରି ଋଦର ଉପହାର ପ୍ରଦାନ କଲେ ।

**(୯)ଜନାବ୍ ସୁଖ୍‌ଜିନ୍ଦର୍ ସିଙ୍ଘ୍ ରନ୍‌ଧାୱା ସାହେବ୍ (ଏମ୍.ଏଲ୍.ଏ ହଲ୍‌କା ଡେରାବାବା ନାନକ୍ ଏବଂ ପଞ୍ଜାବ୍ ସରକାରଙ୍କ ମନ୍ତ୍ରୀ)**

ସେ ମହାଶୟ କହିଲେ ଆଜି ଯେଉଁ ସୁନ୍ଦର ଶୈଳୀରେ ପ୍ରେମ ଓ ଶାନ୍ତିର ବାର୍ତା ଜମାତ୍ ତରଫରୁ ପ୍ରଦାନ କରାଯାଉଅଛି ତାହା ଅତି ପ୍ରଶଂସନୀୟ । ଆମେ ସମସ୍ତେ ଏକ ଓ ଅଦ୍ୱିତୀୟ ଇଶ୍ୱରଙ୍କ ସୃଷ୍ଟଜ କିନ୍ତୁ ଏ ପୃଥିବୀରେ ଆସି ସମସ୍ତେ ନିଜ ନିଜର ଅଲଗା ଅଲଗା ମାର୍ଗ ଆପଣେଇ ନେଇଛନ୍ତି । ଆମ ସମସ୍ତଙ୍କୁ ପ୍ରେମର ସହିତ ଆପୋଷରେ ବସବାସ କରବାର ଆପଶ୍ୟକତା ରହିଛି । ଆମକୁ ମିଥ୍ୟା ଏବଂ ଅପରାଧ ଆଗରେ ନତମସ୍ତକ ହେବାର ଆବଶ୍ୟକତା ନାହିଁ ବରଂ ସତ୍ୟମାର୍ଗକୁ ଆପଣେଇବାର ଆବଶ୍ୟକତା ରହିଛି । ଆପୋଷ, ଐକ୍ୟଭାବ, ଏକତା ଏବଂ ପ୍ରେମର ଆବଶ୍ୟକତା ରହିଛି । ଆଜି ଏହି ମହାନ୍ ଜଲ୍‌ସାରେ ଏତେ ଦୂରଦୂରାନ୍ତ ଇଲାକାରୁ ଯେଉଁ ଲୋକମାନେ ଏଠାକୁ ଆସିଛନ୍ତି ମୁଁ ସେହି ସମସ୍ତଙ୍କୁ ସ୍ୱାଗତ ଜଣାଉଛି ଏବଂ ଆପଣ ସମସ୍ତେ ହେଉଛନ୍ତି ସୌଭାଗ୍ୟବାନ୍ ଯେଉଁମାନେ ନିଜର ଧର୍ମ ଖାତିର୍ ଏଠାରେ ଏକତ୍ରିତ ହୋଇଅଛ । ଏପରି ଜାତି ସର୍ବଦା ଜିବୀତ ରହିଥାଏ, କେବେ ମରେନାହିଁ । ଏଠାକୁ ଆସି ଯାହାକିଛି ଭଲ କଥା ଶୁଣୁଅଛେ ତା ଉପରେ ପରିଚାଳିତ ହେବାର ମଧ୍ୟ ଆବଶ୍ୟକତା ରହିଛି । ମୁଁ ଆପଣ ସମସ୍ତଙ୍କୁ ଏହି ଜଲ୍‌ସା ପାଇଁ ଅଭିନନ୍ଦନ ଓ ମୁବାରକ୍‌ବାଦ୍ ପେଶ୍ କରୁଛି ।

ଏହା ସହିତ ଆଜିର ଏହି ଦ୍ୱିତୀୟ ଦିନର ଦ୍ୱିତୀୟ ଇଜ୍‌ଲାସ୍‌ର କାର୍ଯ୍ୟକ୍ରମର ପରିସମାପ୍ତି ହେଲା । (କ୍ରମଶଃ...)

*ପୃଷ୍ଠା- ୬ ର ଅବଶିଷ୍ଟାଂଶ ...*

ମିଳୁଅଛି କି ସେମାନେ ଖୁଦାଙ୍କ ମାର୍ଗରେ ମରିଯିବାକୁ ହିଁ ନିଜ ପାଇଁ ଶାନ୍ତି ଅନୁଭବ କରୁଥିଲେ । ଉଦାହରଣ ସ୍ୱରୂପ ସେହି ସବୁ ହାଫିଜ୍ (ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣ ରୂପେ ମୁଖସ୍ତ କରିଥିବା ଲୋକେ) ମାନେ ଯେଉଁମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବୀ ଥିଲେ ସେମାନଙ୍କୁ ମଧ୍ୟଆରବର ଗୋଟିଏ କବିଲା ଆଡକୁ ତବ୍‌ଲିଗ୍ କରିବା ନିମନ୍ତେ ପଠାଯାଇଥିଲା । ସେମାନଙ୍କ ମଧ୍ୟରେ ହରାମ୍ ବିନ୍ ମିଲ୍‌ହାନ୍ ଇସ୍‌ଲାମ୍‌ର ବାର୍ତ୍ତା ନେଇ ଆମିର୍ କବିଲାର ରଇସ୍ ଆମିର୍ ବିନ୍ ତୁଫୈଲ୍‌ଙ୍କ ନିକଟକୁ ଗଲେ ଏବଂ ଅନ୍ୟ ସମସ୍ତ ସାହାବାମାନେ ତାଙ୍କ ପଛରେ ରହିଲେ । ଆରମ୍ଭରେ ତ ଆମିର୍ ବିନ୍ ତୁଫୈଲ୍ ଏବଂ ତା ସାଥିମାନେ ମୁନାଫିକ୍ ମାନଙ୍କ ଶୈଳୀରେ ତାଙ୍କୁ ସ୍ୱାଗତ ଜଣାଇଲେ । କିନ୍ତୁ ଯେତେବେଳେ ସେ ଶାନ୍ତିରେ ବସି ତବ୍‌ଲିଗ୍ କରିବାକୁ ଲାଗିଲେ ସେମାନଙ୍କ ମଧ୍ୟରୁ କିଛି ଦୁଷ୍ଟ ଓ ଖଳ ପ୍ରକୃତିର ଲୋକେ ଜଣେ ବଦ୍‌ମାସ୍ ବ୍ୟକ୍ତିଙ୍କୁ ଇସାରା କଲେ ଓ ସେ ସେହି ଇଙ୍ଗିତ ପାଇବା ମାତ୍ରେ ହରାବ୍ ବିନ୍ ମିଲ୍‌ହାନ୍‌ଙ୍କୁ ପଛପଟୁ କନ୍ତ ଦ୍ୱାରା ଆକ୍ରମଣ କରି ତଳେ ପକାଇଦେଲା । ତଳେ ପଡିବା ସମୟରେ ତାଙ୍କ ମୁହଁରୁ ମଧ୍ୟ ଏ ବାକ୍ୟ ବାହାରିଲା କି *ଅଲ୍ଲାହୁ ଅକବର୍ ଫୁଜ୍‌ତୁ ୱ ରବ୍‌ବିଲ୍ କାବା* ଅର୍ଥାତ୍ ମୋତେ କାବାର ପାଳନକର୍ତ୍ତାଙ୍କ ରାଣ ! ମୋତେ ମୋକ୍ଷ ପ୍ରାପ୍ତ ହୋଇଗଲା । ପୁଣି ସେହି ଖଳ ଲୋକମାନେ ବାକି ଅନ୍ୟ ସାହାବାମାନଙ୍କୁ ଘେରିଯାଇ ଆକ୍ରମଣ କରିଦେଲେ । ଏ ଅବସରରେ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ଦ୍ୱାରା ସ୍ୱାଧୀନ ହୋଇଥିବା ଗୁଲାମ୍ ଆମିର୍ ବିନ୍ ଫୁହୈରାଃ ଯିଏ ହିଜ୍‌ରତ୍ କରିବା ସମୟରେ ରସୁଲ୍ କରିମ୍ ସ:ଆ:ସଙ୍କ ସଙ୍ଗରେ ଥିଲେ, ତାଙ୍କ ସମ୍ବନ୍ଧରେ ଏକଥା ମିଳୁଛି ବରଂ ତାଙ୍କୁ ହତ୍ୟା କରିଥିବା ବ୍ୟକ୍ତିଜଣକ ନିଜେ ହିଁ ମୁସଲ୍‌ମାନ୍ ହୋଇଯାଇଥିଲେ । ସେ ନିଜର ମୁସଲ୍‌ମାନ୍ ହେବାର କାରଣ ଦର୍ଶାଇ ବର୍ଣ୍ଣନା କରୁଥିଲେ କି ଯେତେବେଳେ ମୁଁ ଆମିର୍ ବିନ୍ ଫୁହୈରାଃଙ୍କୁ ଶହୀଦ୍ କଲି ସେତେବେଳେ ତାଙ୍କ ମୁହଁରୁ ଅଚାନକ ଏ ବାକ୍ୟ ବାହାରିଲା । *ଫୁଜ୍‌ତୁ ୱଲ୍ଲାହି* ଅର୍ଥାତ୍ ଇଶ୍ୱରଙ୍କ ରାଣ ! ମୁଁ ତ ମୋ ନିଜ ଲକ୍ଷକୁ ପାଇଗଲି । ଏହି ଘଟଣାଟିରୁ ଜଣାପଡୁଛି ଯେ ସାହାବା ମାନଙ୍କୁ ମୃତ୍ୟୁ ସମୟରେ ଦୁଃଖ ପହଂଚିବା ପରିବର୍ତ୍ତେ ଆନନ୍ଦ ମିଳୁଥିଲା'' । (ଏକ୍ ଆୟତ୍ କି ପୁର୍‌ମାରୁଫ୍ ତଫସିର୍ ଅନ୍‌ୱାରୁଲ୍ ୱଲୁମ୍, ଖଣ୍ଡ-୧୮, ପୃଷ୍ଠା-୬୧୨-୬୧୩)

ସୁତରାଂ ବହୁତ ସୌଭାଗ୍ୟବାନ୍ ସେହି ଲୋକମାନେ ଥିଲେ ଏବଂ ବିଶେଷ ରୂପେ ଆମିର୍ ବିନ୍ ଫୁହୈରାଃ ଯାହାଙ୍କୁ ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ସେବା କରିବାର ଅବସର ମିଳିଥିଲା । ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବା କରିବାର ଅବସର ମିଳିଥିଲା ଏବଂ ଆପଣ ସ:ଆ:ସଙ୍କ ସହିତ ହିଜ୍‌ରତ୍ କରିବା ପାଇଁ ମଧ୍ୟ ମୌକା ମିଳିଥିଲା ଏବଂ ପୁଣି ଗାରେ ସୌର୍‌ଠାରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖାଦ୍ୟ ସାମଗ୍ରୀ ଇତ୍ୟାଦି ଯୋଗାଇ ଦେବା, ସେ ସମୟରେ ଖୋରାକ୍ ଛେଳି କ୍ଷୀର ଥିଲା, କ୍ଷୀର ପହଂଚାଇବା ପାଇଁ ତାଙ୍କୁ ନିୟୋଜିତ କରାଯାଇଥିଲା ଏବଂ ସେ ନିୟମିତ ତିନି ଦିନ ପର୍ଯ୍ୟନ୍ତ ସେଠି ଛେଳି ଚରାନ୍ତି ଏବଂ ଛେଳି କ୍ଷୀର ତାଙ୍କ ନିକଟରେ ପଂହଚାଇ ଦିଅନ୍ତି । ପୁଣି ତାଙ୍କୁ ଏ ମୌକା ମଧ୍ୟ ମିଳିଥିଲା ଯେ ସୁରାକାକୁ ଯେଉଁ ଶାନ୍ତି ପତ୍ର ଲେଖାଯାଇଥିଲା ତାହା ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିର୍ଦ୍ଦେଶରେ ନିଜେ ଲେଖିଥିଲେ । ଏବଂ ପୁଣି ତାଙ୍କ ଶହୀଦ୍ ହେବାର ଖବର ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ତାଙ୍କ ପ୍ରାର୍ଥନା ଦ୍ୱାରା ଦୂରରେ ବସି ହିଁ ମିଳିଗଲା । ତେବେ ଏମାନେ ଭକ୍ତିଭାବପୂର୍ଣ୍ଣ ବ୍ୟକ୍ତି ଥିଲେ ଯେଉଁମାନେ ପ୍ରତ୍ୟେକ ଅବସରରେ ଭକ୍ତି ପ୍ରଦର୍ଶନ କରିଛନ୍ତି । ଅଲ୍ଲାଃତାଲା ସେମାନଙ୍କ ପଦମର୍ଯ୍ୟାଦାକୁ ଉନ୍ନତରୁ ଉନ୍ନତତର କରିଚାଲନ୍ତୁ ।

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତ୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

ଆଜି ହଜୁର୍ ଅନୁୱର୍ ଅ:ବ:ଅଙ୍କ ଖୁତ୍‌ବାଜୁମା ଜରିଆରେ ସେହି ଭୂମିରୁ ହିଁ ଲା ଇଲାହା ଇଲଲ୍ଲାହା ମୁହମ୍ମଦୁର୍ ରସୁଲୁଲ୍ଲାଃର ଧ୍ୱନି ନା କେବଳ ସମଗ୍ର ଆମେରିକାରେ ଏକ ସମୟରେ ଗୁଞ୍ଜରଣ ହେଉଛି ବରଂ ସେହି ଭୂମିରୁ ଲା ଇଲାହା ଇଲଲ୍ଲାହାର ଧ୍ୱନୀ ସମଗ୍ର ବ୍ରହ୍ମାଣ୍ଡରେ ଗୁଞ୍ଜରଣ ହେଲା ଯେଉଁଠାରୁ ସେହି ଧ୍ୱନୀକୁ ରୋକାଯାଇଥିଲା । ଅଲ୍‌ହମ୍‌ଦୋଲିଲ୍ଲାଃ ଆଲାଜାଲିକ୍ ।

ପ୍ରୋଗ୍ରାମ୍ ମୁତାବକ ଠିକ୍ ଦିନ ୧ଟା ସମୟରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ରେ ପଦାର୍ପଣ କଲେ ଏବଂ ଖୁତ୍‌ବାଜୁମା ପ୍ରଦାନ କଲେ ।

ହଜୁର୍ ଅନୁୱର୍ ଅ:ବ:ଅଙ୍କ ଏହି ଖୁତ୍‌ବାଜୁମା ୧ ନଭେମ୍ବର୍ ୨୦୧୮ର ଅଙ୍କରେ ପ୍ରକାଶ ହୋଇସାରିଛି । ହଜୁର୍ ଅନୁୱର୍ ଅ:ବ:ଅଙ୍କ ଏହି ଖୁତ୍‌ବାଜୁମା ଦିନ ୧:୫୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ଜୁମା ନମାଜ ସହିତ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍‌ରେ ଥିବା ଲଜ୍‌ନା ହଲ୍ ଭିତରେ ପଦାର୍ପଣ କଲେ ଯେଉଁଠି ମହିଳାମାନେ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଅବସ୍ଥିତ ମହିଳାମାନଙ୍କ ଟେଂଟ୍ ଭିତରକୁ ମଧ୍ୟ ଗଲେ । ମହିଳାମାନଙ୍କର ବହୁ ସଂଖ୍ୟା ଏକତ୍ରିତ ହୋଇଥିବା ଯୋଗୁ ଆହୁରି ଅଲଗା ଟେଂଟ୍ ଲଗାଯାଇଥିଲା । ହଜୁର୍ ଅନୁୱର୍ ସମସ୍ତ ଉପସ୍ଥିତ ମହିଳାମାନଙ୍କୁ ଅସ୍‌ସଲାମୋ ଆଲେକୁମ୍ କହିଲେ । ଏଠାରେ ମଧ୍ୟ ମହିଳାମାନେ ହଜୁର୍ ଅନୁୱର୍‌ଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହାପରେ ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ମହିଳାମାନେ ଖାଦ୍ୟ ଖାଉଥିବା ଟେଂଟ୍ ଭିତରକୁ ଗଲେ ଏବଂ ସେଠାରେ ଥିବା ସମସ୍ତ ବ୍ୟବସ୍ଥାକୁ ନିରୀକ୍ଷଣ କଲେ । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ଫ୍ଲାଡେଲ୍‌ଫିୟାର ମେୟର ଏବଂ କଂଗ୍ରେସ୍‌ମ୍ୟାନ୍‌ଙ୍କ ସାକ୍ଷାତ୍‌କାର

ପ୍ରୋଗ୍ରାମ୍ ମୁତାବକ ଠିକ୍ ୫ଟାବେଳେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଦଫ୍‌ତର୍‌ରେ ପଦାର୍ପଣ କଲେ ଯେଉଁଠି ଫ୍ଲାଡେଲ୍‌ଫିୟା ସହରର ମେୟର୍ James Kenney ସାହେବ୍ ଏବଂ କଂଗ୍ରେସ୍ ମ୍ୟାନ୍ Hon'ble Dwight Evans ସାହେବ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ମେୟର୍ ସାହେବ୍ ମସ୍‌ଜିଦ୍ ନିର୍ମାଣ ଯୋଗୁ ଅଭିନନ୍ଦନ ଜଣାଇଲେ ଏବଂ କହିଲେ କି ବହୁତ ସୁନ୍ଦର ମସ୍‌ଜିଦ୍ ନିର୍ମାଣ ହୋଇଛି । ଆମେ ଏ କଥା ଉପରେ ବିଶ୍ୱାସ ରଖିଛୁ ଯେ ସମାଜରେ ଆମେ ସମସ୍ତେ ମିଳିମିଶି ଏକାଠି ରହିବା ଉଚିତ୍ ଏବଂ ଜଣେ ଅନ୍ୟଜଣଙ୍କ ସହିତ ଭାଇଚାରା ଓ ସହିଷ୍ଣୁତା ଦେଖାଇବା ଉଚିତ୍ । ହଜୁର୍ ଅନୁୱର୍ ମେୟର୍ ସାହେବ୍‌ଙ୍କୁ ଧନ୍ୟବାଦ ଜଣାଇଲେ ଏବଂ ତାଙ୍କଠାରୁ ପଚାରି ବୁଝିଲେ କି ଆପଣଙ୍କ କାମ କରିବାର ସିଷ୍ଟମ୍ କଣ ଏବଂ ମେୟର୍ କେତେଦିନ ପାଇଁ ନିର୍ବାଚିତ ହୋଇଥାନ୍ତି । ଏଥିରେ ମେୟର୍ ସାହେବ୍ କହିଲେ କି ତାଙ୍କ ଅନ୍ତର୍ଗତ ୧୭ଟି କାଉନ୍‌ସିଲ୍ ରହିଛି । ସେମାନେ ସମସ୍ତେ ନିଜ ନିଜ ଇଲାକାରେ କାମ କରୁଛନ୍ତି ଏବଂ ମେୟର୍ ଦୁଇଟର୍ମ୍ ପାଇଁ ନିର୍ବାଚିତ ହୋଇପାରିବ । ଗୋଟିଏ ଟର୍ମ୍ ହେଉଛି ଚାରିବର୍ଷର । ତେଣୁ ମୋର ପ୍ରଥମ ଟର୍ମ୍ ୨୦୨୧ରେ ଶେଷ ହେବ ।

ମେୟର୍ କହିଲେ କି ମୁଁ ଶୁଣୁଛି ଯେ ଆପଣ ଗୋଟେମାଲାଠାରେ ନିଜର ଡାକ୍ତରଖାନା ଖୋଲିଛନ୍ତି, ଏହା ବହୁତ ଭଲ କଥା । ଏହିପରି ଆପଣମାନେ ମାନବ ସମାଜର ସେବା କରୁଅଛ ।

କଂଗ୍ରେସ୍ ମ୍ୟାନ୍ Hon'ble Dwight Evans ସାହେବ୍ କହିଲେ କି ମୁଁ ଏଠାକୁ ଆସି ବହୁତ ଖୁସି ହେଲି । ଏବଂ ଆଜି ଆପଣଙ୍କ ସହିତ ସାକ୍ଷାତ୍‌କାର୍ କରିବାରେ ଏବଂ ଆପଣଙ୍କ ପ୍ରୋଗ୍ରାମ୍‌ରେ ସାମିଲ୍ ହେବା ମୋ ପାଇଁ ଗୌରବର କଥା । ସେ ମହାଶୟ ପୁଣି କହିଲେ କି ମୁଁ ସରକାରଙ୍କ ଏଗ୍ରୀ କଲ୍‌ଚର୍ ନିମନ୍ତେ ଥିବା କମିଟିର ସଦସ୍ୟ ଅଟେ । ଋଷର ବହୁତ ଗୁରୁତ୍ୱ ରହିଛି । ପ୍ରତ୍ୟେକ ବ୍ୟକ୍ତି ଖାଇବା ପିଇବା ପସନ୍ଦ କରିଥାଏ । ତେଣୁ ସଦାସର୍ବଦା ଏହାର ବହୁତ ଆବଶ୍ୟକତା ରହିଛି । ହଜୁର୍ ଅନୁୱର୍ ଋଷ ପ୍ରସଙ୍ଗରେ ବିଭିନ୍ନ ବିଷୟ ଉପରେ ଆଲୋଚନା କଲେ । ତତ୍‌ସହିତ ସମୁଦ୍ର ମାଧ୍ୟମରେ ବଣିଜ ପ୍ରସଙ୍ଗରେ ପଋରିଲେ କି ଏହା କିପରି ହେଉଅଛି । ପୋର୍ଟ୍ ବିଜ୍‌ନେସ୍ କିପରି ଚାଲିଛି । ଏଥିରେ କଂଗ୍ରେସ୍ ମ୍ୟାନ୍ ଉତର ଦେଲେ କି ଆମ ଏଠିକାର ଟ୍ରେଡ୍ ନ୍ୟୁୟର୍କ୍ ତୁଳନାରେ ଛୋଟ । ଆମର ବିଶେଷତା ହେଉଛି ଏହା କି ଏଠାକୁ ଆସୁଥିବା ଜାହଜ ଗୁଡିକୁ ଆମେ ଯଥାଶିଘ୍ର ଖଲାସ୍ କରିଦେଉଛୁ ।

ହଜୁର୍ ଅନୁୱର୍‌ଙ୍କ ପଚାରିବାରେ ସେ ମହାଶୟ ଉତର ଦେଲେ କି ଫ୍ଲାଡେଲିଫାରୁ କଂଗ୍ରେସ୍‌ରେ ଦୁଇଜଣ କଂଗ୍ରେସ୍ ମ୍ୟାନ୍‌ର ପ୍ରତିନିଧିତ୍ୱ ହେଉଅଛି । ଏହି ସାକ୍ଷାତ୍‌କାର୍ ୫:୧୫ ପର୍ଯ୍ୟନ୍ତ ଜାରି ରହିଲା ।

### ପ୍ରେସ୍ କନ୍‌ଫରେନ୍‌ସ୍

ଏହାପରେ ପ୍ରୋଗ୍ରାମ୍ ମୁତାବକ ପ୍ରେସ୍ କନ୍‌ଫରେନ୍‌ସ୍ ଅନୁଷ୍ଠିତ ହେଲା । ସେଥିରେ ଇଲେକ୍‌ଟ୍ରୋନିକ୍, ପ୍ରିଂଟ୍ ଏବଂ ସୋସିଆଲ୍ ମିଡିଆର ନିମ୍ନଲିଖିତ ସାମ୍ବାଦିକ, ପତ୍ରକାର ଏବଂ ପ୍ରତିନିଧିମାନେ ସାମିଲ୍ ହୋଇଥିଲେ ।

*Religious News Service (RNS), ଏହି କାର୍ଯ୍ୟାଳୟ ୧୯୩୪ ମସିହାରୁ ସ୍ଥାପନ ହୋଇଛି । ତାର ଜଣେ ବରିଷ୍ଠ ସମ୍ବାଦଦାତା ଏବଂ କାର୍ଯ୍ୟାଳୟାର ସୋସିଆଲ୍ ମିଡିଆର ମ୍ୟାନେଜର୍ ଏହି ପ୍ରେସ୍ କନ୍‌ଫରେନ୍‌ସ୍‌ରେ ଯୋଗ ଦେଇଥିଲେ । *TV News Channel CBS 3 Philadelphia ର ପ୍ରସିଦ୍ଧ ରିପୋର୍ଟର୍ ମଧ୍ୟ ଯୋଗ ଦେଇଥିଲେ । *US Metro Philadelphia ହେଉଛି ଫ୍ଲାଡେଲ୍‌ଫିୟା ସହରର ଚତୁର୍ଥ ବଡ ଖବରକାଗଜ । ଏହି ଖବରକାଗଜର ନ୍ୟୁଜ୍ ଏଡ଼ିଟର୍ ଏବଂ ବରିଷ୍ଠ ପତ୍ରକାର ସାମିଲ୍ ହୋଇଥିଲେ । *State Broadcast News , ଏହି କାର୍ଯ୍ୟାଳୟ ଅଡିଓ, ଭିଡିଓ ଓ ଫଟୋ ଗୁଡିକର ସାମ୍ବାଦିକତା ନିମନ୍ତେ ପାଣ୍ଡୁ ପ୍ରସ୍ତୁତ କରିଥାଏ ଏବଂ ଅନ୍ୟ କାର୍ଯ୍ୟାଳୟ ଗୁଡିକ ତାଠାରୁ ପାଣ୍ଡୁ ନେଇ ବ୍ୟବହାର କରିଥାନ୍ତି । ଏହି କାର୍ଯ୍ୟାଳୟର ଫ୍ଲାଡେଲ୍‌ଫିୟା ଏବଂ ନ୍ୟୁଜର୍ସି ଇଲାକାର ଏଡ଼ିଟର ଯୋଗ ଦେଇଥିଲେ । *Philadelphia Daily News, ଏହି ଖବରକାଗଜଟି ଫ୍ଲାଡେଲ୍‌ଫିୟାର ବଡ ଖବରକାଗଜ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି, ଏହାର ସ୍ତମ୍ଭକାର ଯୋଗ ଦେଇଥିଲେ । *Philadelphia Tribune, ଏହି ଖବରକାଗଜଟି ଆମେରିକାରେ ପ୍ରକାଶିତ ହେଉଥିବା ସବୁଠାରୁ ପୁରୁଣା ଆଫ୍ରିକାନ୍ ଆମେରିକୀୟ ଖବରକାଗଜ । ତାର ପ୍ରତିନିଧି ମଧ୍ୟ ଯୋଗ ଦେଇଥିଲେ । *Freelance Journalists ର ଦୁଇଜଣ ସ୍ୱାଧୀନ ପତ୍ରକାର ଯେଉଁମାନଙ୍କ ପ୍ରବନ୍ଧଗୁଡିକ ବିଭିନ୍ନ ଖବରକାଗଜରେ ପ୍ରକାଶ ହେଉଅଛି, ସେମାନେ ମଧ୍ୟ ଏହି ପ୍ରେସ୍ କନ୍‌ଫରେନ୍‌ସ୍‌ରେ ଯୋଗ ଦେଇଥିଲେ ।

*ଜଣେ ଏପରି ମୁସଲ୍‌ମାନ୍ ପ୍ରସଙ୍ଗରେ ଗୋଟିଏ ପ୍ରଶ୍ନ ଅର୍ଥାତ୍ ଯେଉଁମାନେ ଇସ୍‌ଲାମ୍ ନାମରେ ଚରମପନ୍ଥୀ କାର୍ଯ୍ୟକଳାପକୁ ପ୍ରସାର କରୁଛନ୍ତି, ଏହାର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ:- ଯାହାକିଛି ମଧ୍ୟ ମୁଁ କହିଆସୁଅଛି ତାହା ସବୁ ଇସ୍‌ଲାମୀୟ ଶିକ୍ଷା ମୁତାବକ ଏବଂ ଇସ୍‌ଲାମ୍ ଶବ୍ଦର ଅର୍ଥ ହିଁ ହେଉଛି ଶାନ୍ତି ।

ସୁତରାଂ ଯଦି କୌଣସି ମୁସଲ୍‌ମାନ୍ ନିଜକୁ ମୁସଲ୍‌ମାନ ବୋଲାଇ ସେହି ଇସ୍‌ଲାମୀୟ ଶିକ୍ଷା ଗୁଡିକ ଉପରେ ପରିଚାଳିତ ହେଉନାହିଁ ତେବେ ଏହା ହେଉଛି ତାର ନିଜସ୍ୱ ଆଚରଣ ଏବଂ ତା ନିଜର କାର୍ଯ୍ୟକଳାପ, ତା ସହିତ ଇସ୍‌ଲାମ୍‌ର କୌଣସି ସମ୍ପର୍କ ନାହିଁ । ମୁଁ ତ କେବଳ ମୋ ସମ୍ବନ୍ଧରେ ଓ ମୋ ଜମାତ ସମ୍ବନ୍ଧରେ ହିଁ କହିପାରିବ । ଯାହାକିଛି ଆମେ କରୁଅଛୁ ତାହା ସମ୍ପୂର୍ଣ୍ଣ ରୂପେ ଇସ୍‌ଲାମୀୟ ଶିକ୍ଷା ମୁତାବକ ଅଟେ ।

*ଜଣେ ଜର୍ନାଲିଷ୍ଟ୍ ପଚାରିଲେ:- ପୁଣି ଆପଣମାନଙ୍କର ଏହିପରି କାର୍ଯ୍ୟକଳାପ ଉପରେ କଣ ପ୍ରତିକ୍ରିୟା ରହିଛି ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଆମେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ପ୍ରଚାର ପ୍ରସାର କରୁଛୁ । ଆମେ କାହାକୁ ମଜ୍‌ବୁର୍ କରିପାରିବୁ ନାହିଁ । ଆମେ କେବଳ ନିଜ କାର୍ଯ୍ୟର ହିଁ ଜିମେଦାର୍ ଅଟୁ । ଆମେ ହେଉଛୁ ଅହେମଦୀ ମୁସଲ୍‌ମାନ୍ । ଆପଣମାନେ ଆମଠାରୁ କୌଣସି ଏପରି କାର୍ଯ୍ୟକଳାପକୁ ଦେଖିବେ ନାହିଁ । ଆମେ କେବଳ ସେମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା କରୁଛୁ କାଳେ ସେମାନେ ବୁଝିଯିବେ । ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ତ କେବଳ ପ୍ରେମ, ସ୍ନେହ, ଭଲପାଇବା ଏବଂ ଶାନ୍ତିର ପ୍ରଚାର କରିଥାଏ ।

*ଆଉଜଣେ ଜର୍ନାଲିଷ୍ଟ୍ ପଚାରିଲେ କି ଆପଣ ଫିଲା ଡେଲ୍‌ଫିୟାର ଲୋକମାନଙ୍କୁ ଏହି ମସ୍‌ଜିଦ୍‌କୁ ଆସିବା ପାଇଁ ଓ ଏହି ମସ୍‌ଜିଦ୍‌କୁ ଆସୁଥିବା ଲୋକମାନଙ୍କ ସମ୍ବନ୍ଧରେ କଣ କହିବାକୁ ଚାହୁଁଛନ୍ତି ? ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ମୁଁ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଅବସରରେ ଏ ସନ୍ଦର୍ଭରେ ବ୍ୟାଖ୍ୟା କରି କଥା ହେବି ।

*ଆଉଜଣେ ଜର୍ନାଲିଷ୍ଟ୍ ପଚାରିଲେ କି ଏହି ଇଲାକାରେ ମସ୍‌ଜିଦ୍ ନିର୍ମାଣ କରିବାରେ କି ପ୍ରକାର ଗୁରୁତ୍ୱ ରହିଛି ? ଏହି ପ୍ରଶ୍ନର ଉତର ଦେଇ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଯେଉଁଠି ମଧ୍ୟ ଆମର ଜମାତ୍ ସ୍ଥାପନ ହୋଇଛି ଆମେ ସେଠାରେ ମସ୍‌ଜିଦ୍ ନିର୍ମାଣ କରିବା ପାଇଁ ଚେଷ୍ଟା କରିଥାଉ । ଗୋଟିଏ ଧାର୍ମିକ ଜମାତ୍ ନିମନ୍ତେ ଉପାସନା କରିବା ପାଇଁ ସ୍ଥାନର ଭୀଷଣ ଆବଶ୍ୟକତା ରହିଛି । ସୌଭାଗ୍ୟ ବଶତଃ ଆମକୁ ଏଠାରେ ଗୋଟିଏ ଭଲ ଯାଗା ମିଳିଗଲା । ଯଦି ଆମକୁ ଡାଉନ୍ ଟାଉନ୍‌ରେ ମଧ୍ୟ ଯାଗା ମିଳିଥାଆନ୍ତା ତେବେ ଆମେ ସେଠାରେ ବନାଇ ଦେଇଥାଆନ୍ତୁ । ଆମେ ଏବେ ଏଠି ଫିଲା ଡେଲ୍‌ଫିୟା ସହର ଭିତରେ ମସ୍‌ଜିଦ୍ ନିର୍ମାଣ କରିଛୁ । ଏହି ସ୍ଥାନଟିକୁ ଚୟନ କରିବା ପାଇଁ ବିଶେଷ କୌଣସି ପ୍ରକାରର କାରଣ ନାହିଁ । ଏଠାରେ ଆମକୁ ଉଚିତ୍ ମୂଲ୍ୟରେ ଭଲ ଯାଗା ମିଳିଗଲା । ସେଥିଯୋଗୁ ଆମେ ଏଠାରେ ମସ୍‌ଜିଦ୍ ନିର୍ମାଣ କରିବା ନିମନ୍ତେ ଯୋଜନା କଲୁ ।

*ଆଉଜଣେ ଜର୍ନାଲିଷ୍ଟ୍ ପଚାରିଲେ କି ଆପଣ ଏଠାକୁ ଫିଲା ଡେଲ୍‌ଫିୟା ପ୍ରଥମଥର ପାଇଁ ଆସିଛନ୍ତି । ଆପଣ ଏଠାରେ କୌଣସି ପ୍ରକାର ସ୍ଥାନୀୟ ଖାଦ୍ୟ ଗ୍ରହଣ କରିଛନ୍ତି କି? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଟିକିଏ ହସିଦେଇ କହିଲେ:- ମୋ ଲୋକମାନେ ମୋତେ ଏ ବିଷୟରେ କିଛି ବତାଇ ନାହାଁନ୍ତି ଯେ ଏଠିକାର ବିଶେଷ ସ୍ଥାନୀୟ ଖାଦ୍ୟ ପଦାର୍ଥ ଅଛି । ସେମାନଙ୍କୁ ଏହା ଦରକାର ଥିଲା କି ସେ ସମ୍ବନ୍ଧରେ ମୋତେ ବତାଇ ଥାଆନ୍ତେ । ଯଦି ଆପଣ କୌଣସି ବିଶେଷ ବସ୍ତୁ ବିଷୟରେ କହୁଛନ୍ତି ତେବେ ମୁଁ ଚେଷ୍ଟା କରିବି । ମୋତେ ବିଭିନ୍ନ ଖାଦ୍ୟ ଚେକ୍ କରିବାରେ ସଉକ ଅଛି ।

ଏଥିରେ ପ୍ରଶ୍ନ କରିଥିବା ବ୍ୟକ୍ତିଜଣକ ନିବେଦନ କଲେ କି Cheese Steak ଖାଇବା ପାଇଁ କହିବି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ହସିଦେଇ କହିଲେ- ଠିକ୍ ଅଛି ।

*ଆଉଜଣେ ପତ୍ରକାର ପ୍ରଶ୍ନ ପଚାରିଲେ କି ଜମାତ୍ ଅହେମଦୀୟାକୁ ଏଠି ଆମେରିକାରେ ଏବଂ ବାକି ଅନ୍ୟ ଦେଶଗୁଡିକରେ କି ପ୍ରକାରର ଚ୍ୟାଲେଞ୍ଜ୍ ସମ୍ମୁଖୀନ ହେବାକୁ ପଡୁଛି ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆଜିକାଲିର ଲୋକମାନେ ନିଜର ସୃଷ୍ଟିକର୍ତାଙ୍କୁ ଭୁଲାଇ ଦେଉଛନ୍ତି । ଆମେ ହେଉଛୁ ଗୋଟିଏ ଧାର୍ମିକ ଜମାତ୍ । ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା କହିଥିଲେ କି ମୁଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ନେଇ ଆସିଛି । ପ୍ରଥମଟି ହେଉଛି ଏହା କି ଲୋକମାନେ ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନନ୍ତୁ ଓ ଦ୍ୱିତୀୟଟି ହେଉଛି ଏହା କି ଲୋକମାନେ ଆପୋଷରେ ଜଣେ ଅନ୍ୟ ଜଣକର ଅଧିକାରକୁ ପ୍ରଦାନ କରିବା ପାଇଁ ଧ୍ୟାନ ଦିଅନ୍ତୁ । ତେବେ ଏଠି ଆମେରିକା ଓ ଅନ୍ୟାନ୍ୟ ଦେଶଗୁଡିକରେ ଆମର ଚ୍ୟାଲେଞ୍ଜ୍‌ରେ ଏହି ଦୁଇଟି ଉଦ୍ଦେଶ୍ୟ ରହିଛି ।

*ପ୍ରଶ୍ନ ପଚାରିଥିବା ବ୍ୟକ୍ତିଜଣକ ନିବେଦନ କଲେ କି ଅନ୍ୟ ଧର୍ମ ସହିତ ସମ୍ପର୍କ ରଖିଥିବା ଲୋକମାନଙ୍କ ନିମନ୍ତେ ଆପଣଙ୍କର କଣ ବାର୍ତା ଅଛି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହି ବାର୍ତା କି ଆମକୁ ଏକାଠି ମିଳିମିଶି ରହିବା ଉଚିତ୍, ଧର୍ମର ମାମଲା ମନୁଷ୍ୟର ନିଜ ମନ ସହିତ ରହିଥାଏ ଓ ଇସ୍‌ଲାମ୍ ଏବଂ ପବିତ୍ର କୋରାନ୍ ସ୍ପଷ୍ଟ ରୂପେ ନିର୍ଦ୍ଦେଶ ଦେଉଛି କି ଧର୍ମ ସମ୍ବନ୍ଧରେ କୌଣସି ବାଧ ବାଧକତା ନାହିଁ । ତେବେ ଯେଉଁଠି ଅଲ୍ଲାଃତାଲା ସ୍ୱୟଂ ଏ ନିର୍ଦ୍ଦେଶ ଦେଇଛନ୍ତି କି ଧର୍ମ ସମ୍ବନ୍ଧରେ କୌଣସି ବାଧ ବାଧକତା ନାହିଁ ବୋଲି ତେବେ ମନୁଷ୍ୟ ହୋଇଥିବା ଯୋଗୁ ସମସ୍ତେ ମିଳିମିଶି ରହିବା ଉଚିତ୍ ଓ ଆପୋଷ ପ୍ରେମଭାବ, ଭାଇଚାରାକୁ ପ୍ରୋତ୍ସାହନ ଦେବା ଉଚିତ୍ ।

*ଜଣେ ମହିଳା ପତ୍ରକାର ପଚାରିଲେ କି ଆପଣ ଆମେରିକାରେ ଆସନ୍ତା ଦଶକ ଗୁଡିକରେ ଅହେମଦୀୟା ମୁସ୍‌ଲିମ୍ ଜମାତ୍‌ର କେଉଁ ପ୍ରକାରର ଉନ୍ନତି ଦେଖିବାକୁ ଚାହୁଁଛନ୍ତି ? ଏହି ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆମେ ତ ସଦାସର୍ବଦା ପୂର୍ଣ୍ଣ ଆଶା ରଖିଛୁ । ଧାର୍ମିକ ଜମାତ୍ ଗୁଡିକର ଉନ୍ନତି ଧିରେଧିରେ ହୋଇଥାଏ ଯେପରିକି ମୁଁ କହିସାରିଛି କି ଆମର ଉଦ୍ଦେଶ୍ୟ ଏହା ଅଟେ କି ଆମେ ମନୁଷ୍ୟ ଜାତିକୁ ନିଜର ସୃଷ୍ଟିକର୍ତାଙ୍କ ଅଧିକାର ପ୍ରଦାନ କରିବା କିନ୍ତୁ ଜଣେ ଅନ୍ୟଜଣକ ଅଧିକାରକୁ ପ୍ରଦାନ କରିବା ଆଡକୁ ନେଇଯାଏ । ଏହା ହେଉଛି ଏପରି ବାର୍ତା ଯାହାକୁ କୌଣସି ବୁଦ୍ଧିଜୀବି ମଧ୍ୟ ରଦ୍ଦ କରିପାରିବ ନାହିଁ । କିନ୍ତୁ ଏହି ବାର୍ତାକୁ ସ୍ୱୀକାର କରିବାରେ ଓ ମାନିବା ନିମନ୍ତେ ଲୋକମାନଙ୍କ ନିକଟରେ କିଛି ଅନ୍ୟାନ୍ୟ ପ୍ରତିବନ୍ଧକ ରହିଛି । କିନ୍ତୁ ଏହି ବାର୍ତା ବହୁତ ବ୍ୟାପକ ରୂପେ ଏ ଅର୍ଥରେ ଗ୍ରହଣୀୟ ହୋଇସାରିଛି କି ଏହି ବାର୍ତାକୁ ପ୍ରଶଂସା କରାଯାଉଅଛି । ଏହି ପ୍ରେସ୍ କନ୍‌ଫରେନ୍‌ସ୍ ସନ୍ଧ୍ୟା ୫:୩୦ ପର୍ଯ୍ୟନ୍ତ ଜାରି ରହିବ ।

ଆଜି ''ମସ୍‌ଜିଦ୍ ବଇତୁଲ୍ ଆଫିୟତ୍''ର ଉଦ୍‌ଘାଟନୀ ପ୍ରସଙ୍ଗରେ ମସ୍‌ଜିଦ୍‌ର ମଲ୍‌ଟି ପର୍‌ପୋଜ୍ ହଲ୍‌ରେ ଗୋଟିଏ ଉତ୍ସବର ଆୟୋଜନ କରାଯାଇଥିଲା । ଏହି ଉତ୍ସବରେ ବିଭିନ୍ନ ଜମାତ୍‌ରୁ ଆସିଥିା ଜମାତି ଓ୍ୱହ୍‌ଦାଦାର୍‌ମାନଙ୍କ ବ୍ୟତୀତ ୧୭୬ଜଣ ଅଣ ମୁସ୍‌ଲିମ୍ ଏବଂ ଅଣ ଅହେମଦୀୟ ଅତିଥିମାନେ ଯୋଗ ଦେଇଥିଲେ । ଏହି ଅତିଥିମାନଙ୍କ ମଧ୍ୟରେ ନିମ୍ନଲିଖିତ ସଦସ୍ୟମାନେ ସାମିଲ୍ ଥିଲେ-

- ଫିଲା ଡେଲ୍‌ଫିୟାର ମେୟର୍ Hon'ble James Kenny
- କଂଗ୍ରେସ୍ ମ୍ୟାନ୍ Hon'ble Dwight Evans
- Mr. Tifaany Chang Lawson (ଏ ମହାଶୟ ଏସିଆନ୍ ପ୍ୟାସିଫିକ୍ ଆମେରିକାନ୍ ଆଫାୟାର୍‌ସ୍ ସମ୍ବନ୍ଧିତ ଗଭର୍ଣ୍ଣର୍ Tom Wolf କମିଶନ୍‌ଙ୍କ ଏକ୍‌ଜିକ୍ୟୁଟିଭ୍ ଡିରେକ୍ଟର୍ ଅଛନ୍ତି ।
- Mr. Sharif Street ଷ୍ଟେଟ୍ ସିନେଟର୍‌ସ୍ ପେନ୍‌ସ୍ଲୋଭାନିଆ ।
- Mr. Keven Boyle (ମେମ୍ବର୍ ହାଉସ୍ ଅଫ୍ ରିପ୍ରେଜେଂଟିଟିଭ୍ ପେନ୍‌ସ୍ଲୋଭିନିଆ)
- Mr. Al-Taubenberger ସିଟି କାଉନ୍‌ସିଲ୍ ମ୍ୟାନ୍ ଫିଲା ଡେଲ୍‌ଫିୟା ।
- Mr. Jannie Blackwell ସିଟି କାଉନ୍‌ସିଲ୍ ମ୍ୟାନ୍ ଫିଲା ଡେଲ୍‌ଫିୟା ।
- କାଉନ୍‌ସିଲ୍ ମ୍ୟାନ୍ Mr. Curtis Jones.
- କାଉନ୍‌ସିଲ୍ ଓମେନ୍ Mrs. Maria Quiones Sanchez.
- କାଉନ୍‌ସିଲ୍ ମ୍ୟାନ୍ Mr. Derek Green.
- ପ୍ରଫେସର୍ (Phd) Mr. Istvan Varkonyi ଏ ମହାଶୟ ପ୍ରେସିଡେଂଟ୍ ଅଫ୍ ଟେମ୍ପୁଲ୍ ୟୁନିଭର୍‌ସିଟିର ପ୍ରତିନିଧି ରୂପେ ଆସିଥିଲେ ।
- ପ୍ରଫେସର୍ (Phd) Heidi Grunwald Co-Director. ଟେମ୍ପୁଲ୍ ୟୁନିଭର୍‌ସିଟି ସେଂଟର୍ ଫର୍ ପବ୍ଲିକ୍ ହେଲ୍‌ଥ୍ ଲ ରିସର୍ଚ୍ଚ୍ ।
- Mr. Brian Goedde କମ୍ୟୁନିଟି କଲେଜ୍ ଫ୍ଲାଡେଲ୍‌ଫିୟାର କଲେଜ୍ ପ୍ରଫେସର୍ ।
- Judge Harry Schwartz.
- Pastor Dr. Reverend John L.Payne.

ଉପରୋକ୍ତ ଏହି ବିଶେଷ ବ୍ୟକ୍ତି ମାନଙ୍କ ବ୍ୟତୀତ ଡାକ୍ତର, ଶିକ୍ଷକ, ଓକିଲ୍, ଜର୍ନାଲିଷ୍ଟ୍, ମିଡିଆର ପ୍ରତିନିଧି ଥ୍ୟାଙ୍କ୍ ଟେଂକ୍, ସିକ୍ୟୁରିଟି କାର୍ଯ୍ୟାଳୟର ପ୍ରତିନିଧିମାନେ ବିଭିନ୍ନ ବିଭାଗ ସହିତ ଜଡିତ ଥିବା ବିଶେଷ ଅତିଥିମାନେ ସାମିଲ୍ ହୋଇଥିଲେ ।

ପ୍ରେସ୍ କନ୍‌ଫରେନ୍‌ସ ପରେ ଠିକ୍ ୫:୩୦ ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ହଲ୍ ଭିତରେ ପଦାର୍ପଣ କଲେ ।

### ମସ୍‌ଜିଦ୍ 'ବଇତୁଲ୍ ଆଫିୟତ୍' ଫିଲା ଡେଲ୍‌ଫିୟାର ଉଦ୍‌ଘାଟନୀ ଉତ୍ସବ

ପ୍ରୋଗ୍ରାମ୍‌ର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ସହିତ ହେଲା ଯାହା ମୋକରମ୍ ଅବ୍‌ଦୁଲ୍ଲାଃ ଡିବା ସାହେବ୍ ମୁବଲିଗ୍ ସିଲ୍‌ସିଲା ଫିଲା ଡେଲ୍‌ଫିୟା ପାଠ କଲେ ଏବଂ ଏହାର ଇଂରାଜୀ ଅନୁବାଦ ମଧ୍ୟ ଉପସ୍ଥାପନ କଲେ । ଏହାପରେ ମୋକରମ୍ ଅମ୍‌ଜାଦ୍ ମେହ୍‌ମୁଦ୍ ଖାନ୍ ସାହେବ୍ ନ୍ୟାସ୍‌ନାଲ୍ ସେକ୍ରେଟାରୀ ଉମୁରେ ଖାରଜା ୟୁ.ଏସ୍.ଏ ପରିଚୟ ପ୍ରଦାନ ମୂଳକ ଆଡ୍ରେସ୍ ଉପସ୍ଥାପନ କଲେ ।

*ଏହାପରେ ଫିଲା ଡେଲ୍‌ଫିଆ ସହରର ଅନରେବୁଲ୍ ମେୟର୍ ଜେମ୍‌ସ୍ କେନି ନିଜର ଅଭିଭାଷଣ ପ୍ରଦାନ କଲେ । ସେ ମହାଶୟ ନିଜ ଅଭିଭାଷଣର ପ୍ରାରମ୍ଭ ''ଅସ୍‌ସଲାମେ ଆଲୈକୁମ୍'' ସହିତ କଲେ । ସେ ମହାଶୟ କହିଲେ:- ଆଜି ସନ୍ଧ୍ୟାବେଳର ଏହି ଗୁରୁତ୍ୱପୂର୍ଣ୍ଣ ଉତ୍ସବରେ ନିମନ୍ତ୍ରଣ ଦେଇଥିା ଯୋଗୁ ମୁଁ ଆପଣମାନଙ୍କର କୃତଜ୍ଞତା ଜ୍ଞାପନ କରୁଛି ଏବଂ ଅହେମଦୀୟା ମୁସ୍‌ଲିମ୍ ଜମାତର ମସ୍‌ଜିଦ୍‌ର ବୈଭବପୂର୍ଣ୍ଣ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଯୋଗୁ ମୁଁ ବହୁତ ଗର୍ବୀତ । ତତ୍ ସହିତ ମୁଁ ଜମାତ୍ ଅହେମଦୀୟାର ଇମାମ୍‌କୁ ସ୍ୱାଗତ ଜଣାଉଛି ଓ ଏହା ମଧ୍ୟ ମୋ ପାଇଁ ବହୁତ ଆନନ୍ଦଦାୟକ । ମୁଁ ଜମାତ୍ ଅହେମଦୀୟାର ସ୍ଥାନୀୟ ଲୋକମାନଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରୁଛି ଯେଉଁମାନଙ୍କ ପରିଶ୍ରମଦ୍ୱାରା ମସ୍‌ଜିଦ୍‌ର ଏହି ସୁନ୍ଦର ଅଟ୍ଟାଳିକାଟି ନିର୍ମାଣ ହୋଇପାରିଛି । ଏଠିକାର ସ୍ଥାନୀୟ ଅହେମଦୀମାନେ ଫିଲା ଡେଲ୍‌ଫିୟା ସହରକୁ ନିଜର ଆପଣ ଘର ରୂପେ ବିବେଚନା କରୁଥିବା ଯୋଗୁଁ ବହୁତ ଖୁସି ଲାଗୁଛି ଏବଂ ମୋତେ ଏଥିରେ ମଧ୍ୟ ବହୁତ ଆନନ୍ଦ ଲାଗୁଛି ଯେ ଏବେ ଆପଣଙ୍କ ନିକଟରେ ଗୋଟିଏ ସୁନ୍ଦର ସ୍ଥାନ ରହିଛି ଯେଉଁଠି ଆପଣମାନେ ନିଜର ଉପାସନା କରିପାରିବେ । ଫିଲା ଡେଲ୍‌ଫିୟା ସହରର ଇତିହାସରୁ ଜଣାପଡୁଛି ଯେ ଧର୍ମୀୟ ସ୍ୱାଧୀନତା ହେଉଛି ଏହି ସହରର ମୂଳ ସିଦ୍ଧାନ୍ତ । ଏହି ସହରଟି ଏହି ଆଧାରରେ ନିର୍ମାଣ କରାଯାଇଥିଲା ଯେ ଆମ୍ଭମାନଙ୍କର ସମ୍ପର୍କ ବିଭିନ୍ନ ଜାତି, ବର୍ଣ୍ଣ ସହିତ ନିଶ୍ଚିତ ରୂପେ ଥିଲେ ମଧ୍ୟ ଏହି ସହର ପ୍ରତ୍ୟେକଙ୍କୁ ସ୍ୱାଗତ ଜଣାଇବ ।

ମେୟର୍ ନିଜର ଅଭିଭାଷଣରେ କହିଲେ:- ଯେପରିକି ଆପଣମାନଙ୍କୁ ଜଣାଅଛି ଯେ ଫିଲା ଡେଲ୍‌ଫିୟାରେ ଅନେକ ଧର୍ମର ଲୋକେ ନିଜ ନିଜ ପ୍ରଥା ମୁତାବକ ଅମଳ କରିଥାନ୍ତି । ସେଇଥିପାଇଁ ଏହି ମସ୍‌ଜିଦ୍ ଆମ ସମାଜକୁ, ଯେଉଁଥିରେ ବିଭିନ୍ନ ପ୍ରକାରର ଲୋକ ରହୁଛନ୍ତି ଅଧିକ ସୁଦୃଢ଼ କରିବ । ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ ଆମପାଇଁ ଏକତାର ପ୍ରତୀକ ଅଟେ । ମୁସଲ୍‌ମାନ୍‌ମାନେ ଆମେରିକୀୟ ସଂସ୍କୃତିର ଗୋଟିଏ ବହୁତ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ । ବର୍ତମାନ ଆମ ଦେଶରେ ଯେଉଁ ପରିସ୍ଥିତି ଉପୁଜିଛି ସେ ଦୃଷ୍ଟିକୋଣରୁ ମୁଁ ଆପଣଙ୍କୁ ଜଣାଇବାକୁ ଚାହୁଁଛି ଯେ ଫିଲା ଡେଲ୍‌ଫିୟା ସହରରେ ସମସ୍ତ ମୁସଲ୍‌ମାନ୍ ହେଉଛନ୍ତି ସମ୍ମାନସ୍ପଦ ଏବଂ ସେମାନେ ଏଠାରେ ସୁରକ୍ଷିତ ଅଛନ୍ତି ।

ମେୟର୍ କହିଲେ:- ମୋ ମତରେ ଏହି ମସ୍‌ଜିଦ୍ ଇଶ୍ୱର ସ୍ୱୟଂ ଏଠାରେ ନିର୍ମାଣ କରାଇଛନ୍ତି । ଆମକୁ ଯେଉଁ ସବୁ ସମସ୍ୟା ଗୁଡିକର ସମ୍ମୁଖୀନ ହେବାକୁ ପଡୁଛି ସେଗୁଡିକୁ ଯୁକ୍ତାତ୍ମକ ଲୋକେ ଓ ଯୁକ୍ତାତ୍ମକ ରୋଲ୍ ମଡେଲ୍ ଜରିଆରେ ସମାଧାନ କରାଯାଇପାରିବ ଯାହା ଆମ ସନ୍ତାନମାନଙ୍କୁ ସଠିକ୍ ମାର୍ଗଦର୍ଶନ କରାଇପାରିବ । ଯଦି ଆମେ ଜଣେ ଅନ୍ୟଜଣକ ସହିତ ମିଳିମିଶି କାର୍ଯ୍ୟ କରିବା ଜଣେ ଅନ୍ୟ ଜଣକୁ ସମ୍ମାନ ଦେବା ଏବଂ ଏ ସଂସାରକୁ ଏହା ଦେଖାଇବା ଯେ ଆମେ ସମସ୍ତେ ଏକାଠି ମିଳିମିଶି ରହିପାରୁଛୁ । ତେବେ ଆମେ ଆମର ସମସ୍ତ ସମସ୍ୟା ଗୁଡିକୁ ଶେଷ କରିପାରିବା । ଏବଂ ଆମେ ଆମ ପିଲାମାନଙ୍କ ଶିକ୍ଷା ସମ୍ବନ୍ଧୀୟ ସମସ୍ୟା ଗୁଡିକୁ ସମାଧାନ କରିପାରିବା ।

ନିଜ ଅଭିଭାଷଣର ଶେଷରେ ମେୟର୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଗୋଚରେ ଫିଲା ଡେଲ୍‌ଫିୟା ସହରର ଛବି ପେଶ୍ କଲେ ।

*ଏହାପରେ Hon'ble Dwight Evans ମେମ୍ବର୍ ଅଫ୍ ୟୁ.ଏସ୍ କଂଗ୍ରେସ୍ ନିଜର ଅଭିଭାଷଣ ଉପସ୍ଥାପନ କଲେ । ଏ ମହାଶୟ ପେନ୍‌ସ୍ଲୋଭିନିଆର ସେକେଣ୍ଡ୍ ଡିଷ୍ଟିକ୍‌ରେ ସେବା କରୁଛନ୍ତି ଯେଉଁଠି ମସ୍‌ଜିଦ୍ ବଇତୁଲ୍ ଆଫିୟତ୍ ସମେତ ଫିଲା ଡେଲ୍‌ଫିୟାର ବିଭିନ୍ନ ଇଲାକା ଆସିଥାଏ । ସେ ମହାଶୟ ୨୦୧୬ ମସିହାରେ ନିର୍ବାଚିତ ହୋଇଛନ୍ତି ଏବଂ କଂଗ୍ରେସ୍‌ନଲ୍ ବ୍ଲେକ୍ କାକସ୍‌ର ମଧ୍ୟ ଅଂଶ ଅଛନ୍ତି । ସେ ନିଜ ଭାଷଣରେ କହୁଛନ୍ତି:- ଏହା ମୋ ପାଇଁ ସମ୍ମାନର କଥା ଯେ ଏଠି ଆଜି ହଜୁର୍ ଅନୁଓ୍ୱର୍‌ଙ୍କୁ ଫିଲା ଡେଲ୍‌ଫିୟାର ମହାନ ସହରରେ ସ୍ୱାଗତ ଜଣାଉଛି । ଏହି ସହରଟି ଭାଇ ଭଉଣୀଙ୍କ ପରି ପ୍ରେମଭାବ ରଖୁଥିବା ସହର ଅଟେ । ଫିଲା ଡେଲ୍‌ଫିୟାର ବ୍ୟବସ୍ଥାପକଙ୍କ ତରଫରୁ ମୁଁ ଏକ ମୁସଲ୍‌ମାନ୍ କମ୍ୟୁନିଟିକୁ ଏହା କହିବାକୁ ଚାହୁଁଛି ଯେ ଆମେ ଆପଣମାନଙ୍କର ଶାନ୍ତିର ବାର୍ତାକୁ ଏଠାରେ ସ୍ୱାଗତ ଜଣାଉଛୁ । କିଛି ଆମେରିକୀୟଙ୍କ ତରଫରୁ ଏହି କିଛି ବର୍ଷ ହେବ ଇସ୍‌ଲାମ୍ ବିରୋଧରେ କେତେ ପ୍ରକାରର ମତ ସମ୍ମୁଖକୁ ଆସିଛି କିନ୍ତୁ ମୁଁ ଆପଣମାନଙ୍କୁ ବତାଇବାକୁ ଚାହେଁ ଯେ ଏଠିକାର ଅଧିକାଂଶ ଲୋକେ ଆପଣଙ୍କୁ ସ୍ୱାଗତ ଜଣାଉଛି । ଆମେ ଆପଣମାନଙ୍କ ସହିତ ଘୃଣା, ବିଦ୍ୱେଷଭାବ ଏବଂ ବର୍ବରତାର ବିରୋଧରେ ଛିଡା ହୋଇଛୁ ଯେପରି ମାର୍ଟିନ୍ ଲୁଥର୍ କିଙ୍ଗ୍ କହିଥିଲେ କି କୌଣସି ସ୍ଥାନରେ ମଧ୍ୟ ଅନ୍ୟାୟ ହେବା ଦ୍ୱାରା ପ୍ରତ୍ୟେକ ସ୍ଥାନରେ ଅନ୍ୟାୟ ନିମନ୍ତେ

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ବିପଦର ଆଶଙ୍କା ରହିଛି ।

ସେ ମହାଶୟ କହିଲେ:- ମୁଁ ନା କେବଳ ଆପଣଙ୍କ ଶାନ୍ତିବାର୍ତାକୁ ସମ୍ମାନର ସହିତ ଦେଖୁଅଛି ବରଂ ଏହା ମଧ କି ଆପଣମାନେ କେବଳ କଥା କହୁନାହାଁନ୍ତି ବରଂ ଯାହାକିଛି କହୁଛନ୍ତି ତା ଉପରେ ପରିଚାଳିତ ମଧ ହେଉଛନ୍ତି । ଯେପରିକି ଆନୁଆଲ୍ ବ୍ଲଡ୍ ଡ୍ରାଇଭ୍ର ପ୍ରୋଗ୍ରାମ୍ ଥିଲା । ଏବଂ ଆପଣମାନଙ୍କର ଏ ଦେଶ ପାଇଁ ଭକ୍ତିଭାବ ଓ ଶାନ୍ତି ନିମନ୍ତେ ଚେଷ୍ଟା ରହିଛି । ମୁଁ ଏହିସବୁ କାର୍ଯ୍ୟ ଗୁଡିକ ଯୋଗୁ ଆପଣମାନଙ୍କୁ ଅଭିନନ୍ଦନ ଜଣାଉଛି । ମୁଁ ଆପଣମାନଙ୍କୁ ମେୟରଙ୍କ ଉପସ୍ଥିତିରେ ଏକଥାକୁ ପରିପ୍ରକାଶ କରୁଛି ଯେ ଆମେ ଆପଣମାନଙ୍କ ସହିତ ଛିଡା ହୋଇଛୁ । ଆପଣ ଏହି କାର୍ଯ୍ୟଗୁଡିକୁ କରିବାରେ ଏକାକୀ ନାହାଁନ୍ତି । ଶେଷରେ ମୁଁ ହଜୁର୍ ଅନୁଓ୍ୱର୍ଙ୍କୁ ପୁଣି ଥରେ ଫିଲା ଡେଲ୍‌ଫିୟାର ଏହି ମହାନ୍ ସହରରେ ସ୍ୱାଗତ ଜଣାଉଛି ।

*ଗଭର୍ଣ୍ଣର୍ ଅଫ୍ ପାନ୍‌ସ୍ଲୋଭିନିଆର ନିଜର ବାର୍ତାକୁ ରେକର୍ଡିଂ କରାଇ ତତ୍‌ସହିତ ନିଜ ଲେଖା ମଧ ପଠାଇଥିଲେ ଏବଂ ଏଫିଲାସନ୍ ଓ ଜୁଲିଆ ପାର୍କରଙ୍କୁ ପ୍ରତିନିଧି ରୂପେ ପଠାଇଥିଲେ । ଏମାନେ ସେହି ବାର୍ତାକୁ ପଢ଼ି ଶୁଣାଇଲେ । ସେ ମହାଶୟା ବାର୍ତାଟିକୁ ପଢ଼ିବା ପୂର୍ବରୁ ଅସ୍‌ସଲାମୋ ଆଲୈକୁମ୍ କହିଲେ । ମୁଁ ହଜୁର୍ ଅନୁଓ୍ୱର୍ଙ୍କ ଏହି ମହାନ୍ ସହରରେ ଯାହା Brotherly love and Sisterly affection ଯୋଗୁ ପ୍ରସିଦ୍ଧ ଅଟେ, ଏଠାରେ ମୁଁ ସ୍ୱାଗତ ଜଣାଉଛି । ମୁଁ ଏଠି ଗଭର୍ଣ୍ଣରଙ୍କ ବାର୍ତାକୁ ପଢ଼ି ଶୁଣାଇବି ଏବଂ ତା ପୂର୍ବରୁ ମୁଁ ଜମାତ୍ ଅହେମଦୀୟାର କୃତଜ୍ଞତା ଜ୍ଞାପନ କରୁଛି ଯେ ଆପଣମାନେ ଏହି ମସ୍‌ଜିଦ୍ ନିର୍ମାଣ କରିବା ନିମନ୍ତେ ପେନ୍‌ସ୍ଲୋଭାନିଆ, ଫିଲା ଡେଲ୍‌ଫିୟାକୁ ଚୟନ କରିଛନ୍ତି ଓ ଏତଦ୍‌ବ୍ୟତୀତ ଆପଣ ପ୍ରତ୍ୟେକ ବର୍ଷ ନିଜର ଜଲ୍‌ସାସାଲାନା ହାରିସ୍‌ବର୍ଗଠାରେ ଅନୁଷ୍ଠିତ କରୁଛନ୍ତି । ଧନ୍ୟବାଦ ।

*ଏହାପରେ ଏଫିଲାସନ୍ ଗଭର୍ଣ୍ଣରଙ୍କ ନିମ୍ନଲିଖିତ ବାର୍ତା ପଢ଼ି ଶୁଣାଇଲେ:- ''ଅହେମଦୀୟା ମୁସ୍‌ଲିମ୍ କମ୍ୟୁନିଟି ୟୁ.ଏସ୍.ଏର ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହେବା ଯୋଗୁ ନିମନ୍ତ୍ରଣ କରାଯାଇଥିବାରୁ ତାହା ମୋ ପାଇଁ ସମ୍ମାନର କଥା । ମୁଁ ଆପଣମାନଙ୍କୁ ମସ୍‌ଜିଦ୍ ବଇତୁଲ୍ ଆଫିୟତ୍ ଫିଲା ଡେଲ୍‌ଫିୟାର ଉଦ୍‌ଘାଟନୀ ଅବସରରେ ମୁବାରକ୍‌ବାଦ୍ (ଅଭିନନ୍ଦନ) ଜଣାଉଛି । ଅହେମଦୀୟା ମୁସ୍‌ଲିମ୍ ଜମାତ୍‌ର ଏକତା ଓ ଦୃଢ଼ ମନୋଭାବ ଏକଥାର ଲକ୍ଷଣ ଯେ ଆପଣମାନଙ୍କ ସର୍ବୋଚ୍ଚ ନେତା ମହାମହିମ ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ୍ ଖଲିଫତୁଲ୍ ମସିହ୍ ହେଉଛନ୍ତି ଜଣେ ଆନ୍ତର୍ଜାତିୟ ମାର୍ଗଦର୍ଶକ । ଏହା ମଧ ମୋ ପାଇଁ ସମ୍ମାନର କଥା କି କମନ୍ ଓ୍ୱେଲ୍‌ଥ୍ ଅଫ୍ ପେନ୍‌ସ୍ଲୋଭାନିଆ ଠାରେ ନିୟମିତ ରୂପେ ନିର୍ମାଣ କରାଯାଇଥିବା ସର୍ବପ୍ରଥମ ମସ୍‌ଜିଦ୍‌ର ଉଦ୍‌ଘାଟନ ନିମନ୍ତେ ଏଠାକୁ ଆସିଥିବାରୁ ହଜୁର୍ ଅନୁଓ୍ୱର୍ଙ୍କୁ ମୁଁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଛି । ଅହେମଦୀୟା ମୁସ୍‌ଲିମ୍ କମ୍ୟୁନିଟିର ଲିଡରସିପ୍ ତରଫରୁ ଆନ୍ତର୍ଜାତିକ ମାନବିକ ଅଧିକାରକୁ ପ୍ରୋତ୍ସାହନ ଦେବା, ସଂଖ୍ୟାଲଘୁ ଧର୍ମଗୁଡିକୁ ସୁରକ୍ଷା ଦେବା ଏବଂ ମହିଳାମାନଙ୍କୁ ସଶକ୍ତିକରଣ କରାଇବା ଏବଂ ସେମାନଙ୍କୁ ଶିକ୍ଷା ଦେବା ଇତ୍ୟାଦି ପଦକ୍ଷେପ ଏପରି ଯେ ତାହା ସବୁକୁ ଆମେ ନିଜ କମନ୍ ଓ୍ୱେଲ୍‌ଥ୍‌ରେ ବହୁତ ସମ୍ମାନର ଦୃଷ୍ଟିରେ ଦେଖିଥାଉ'' ।

*ଏହାପରେ ଜୁଲିଆ ପାର୍କର୍ ବାର୍ତା ପଢ଼ି କହିଲେ:- ''ମୁଁ ହଜୁର୍ ଅନୁଓ୍ୱର୍ ଏବଂ ସମସ୍ତ ଅହେମଦୀୟା ମୁସ୍‌ଲିମ୍ କମ୍ୟୁନିଟିକୁ ଇସ୍‌ଲାମୀୟ ଶିକ୍ଷା ସହିତ ଯୋଡି ହୋଇଥିବା ଯୋଗୁ ଏବଂ ଶାନ୍ତି ଓ ସହିଷ୍ଣୁତାର ବାର୍ତାକୁ ପ୍ରଚାର ପ୍ରସାର କରିବା ଯୋଗୁ ମୁବାରକ୍‌ବାଦ୍ (ଶୁଭେଚ୍ଛା) ଜଣାଉଛି । ଫିଲା ଡେଲ୍‌ଫିୟାରେ ଏହି ନୂତନ ମସ୍‌ଜିଦ୍‌ର ଚତୁଃପାର୍ଶ୍ୱରେ କମ୍ୟୁନିଟିର ସଦସ୍ୟମାନଙ୍କ ଜୀବନର ମାନକୁ ବଢ଼ାଇବା ନିମନ୍ତେ ଆପଣଙ୍କ ଦ୍ୱାରା ଉଠାଯାଇଥିବା ପଦକ୍ଷେପ ବହୁତ ପ୍ରଭାବଶାଳୀ । ମୁଁ ବିଶ୍ୱାସ ରଖିଛି ଯେ ଅହେମଦୀୟା ମୁସ୍‌ଲିମ୍ କମ୍ୟୁନିଟିର ଲିଡରସିପ୍‌ର ତତ୍ତ୍ୱବଧାନରେ ନିର୍ମାଣ କରାଯାଇଥିବା ଏହି ମସ୍‌ଜିଦ୍‌ଟି ସମଗ୍ର କମନ୍ ଓ୍ୱେଲ୍‌ଥ୍‌ରେ ଆଶା, ଶାନ୍ତି ଏବଂ ଏକତାର କିରଣ ପ୍ରମାଣିତ ହେବ ।

ଗଭର୍ଣ୍ଣରଙ୍କ ତରଫରୁ ଏବଂ କମନ୍ ଓ୍ୱେଲ୍‌ଥ୍ ଅଫ୍ ପେନ୍‌ସ୍ଲୋଭାନିଆର ସମସ୍ତ ନିବାସୀଙ୍କ ତରଫରୁ ମୁଁ ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ୍ ଖଲିଫତୁଲ୍ ମସିହିଲ୍ ଖାମିସ୍‌ଙ୍କୁ ସ୍ୱାଗତ ଜଣାଉଛି ଏବଂ ଆମର କମନ୍ ଓ୍ୱେଲ୍‌ଥ୍‌ରେ ଶାନ୍ତି, ଏକତା ଏବଂ ମାନବିକତାକୁ ପ୍ରୋତ୍ସାହନ କରିବା ନିମନ୍ତେ ଅହେମଦୀୟା ମୁସ୍‌ଲିମ୍ କମ୍ୟୁନିଟି ଏବଂ ଏହି ଉତ୍ସବରେ ସାମିଲ୍ ହୋଇଥିବା ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ଏହି ଅବସରରେ ମୋ ତରଫରୁ ଶୁଭ କାମନା ଗ୍ରହଣ କରନ୍ତୁ'' । (ଗଭର୍ଣ୍ଣର୍ Tom Wolf)

ଏହାପରେ ମୋକରମ୍ ଅମୀର୍ ସାହେବ୍ ୟୁ.ଏସ୍.ଏ ସାହେବ୍‌ଜାଦା ମିର୍ଜା ମଗ୍‌ଫୁର୍ ଅହେମଦ୍ ସାହେବ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସଂକ୍ଷିପ୍ତ ପରିଚୟ କରାଇଲେ । ଏହାପରେ ଠିକ୍ ଛଅଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଅତିଥିମାନଙ୍କୁ ଇଂରାଜୀ ଭାଷାରେ ଅଭିଭାଷଣ ପ୍ରଦାନ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଅଭିଭାଷଣ

ହଜୁର୍ ଅନୁଓ୍ୱର୍ ଅ:ବ:ଅ ତଶହୁଦ୍, ତଉଜ ଏବଂ ତସ୍‌ମିୟା ଦ୍ୱାରା ନିଜର ଅଭିଭାଷଣ ଆରମ୍ଭ କଲେ । ଏହାପରେ କହିଲେ:- ଉପସ୍ଥିତ ସମସ୍ତ ସମ୍ମାନୀୟ ଅତିଥିଗଣ ! ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହମତୁଲ୍ଲାହି ଓ୍ୱ ବରକାତୁହୁ ଅର୍ଥାତ୍ ଆପଣ ସମସ୍ତଙ୍କ ଉପରେ ଅଲ୍ଲାଃତାଲାଙ୍କ ତରଫର ଶାନ୍ତି, କରୁଣା ଏବଂ ବର୍‌କତ୍ ଅବତୀର୍ଣ୍ଣ ହେଉ । ସର୍ବପ୍ରଥମେ ତ ମୁଁ ନିଜର ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ଯେଉଁମାନେ ବହୁତ ସାଦରରେ ଆମର ଏହି ନିମନ୍ତ୍ରଣକୁ ଗ୍ରହଣ କରିଛନ୍ତି ଏବଂ ଆମ ସହିତ ଏହି ଗୁରୁତ୍ୱପୁର୍ଣ୍ଣ ଏବଂ ଆନନ୍ଦର ଉତ୍ସବରେ ସାମିଲ୍ ହୋଇଛନ୍ତି । ଯେଉଁମାନଙ୍କ ଜରିଆରେ ଆମେ ଏହି ସହରରେ ନିଜ ମସ୍‌ଜିଦ୍‌ର ଉଦ୍‌ଘାଟନ କରୁଅଛୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହା ଜୀବନର ଏକ ନିରାଟ ସତ୍ୟ କି ମନୁଷ୍ୟ ଏପରି ଏକ ପ୍ରାଣୀ ଯାହାର ଉନ୍ନତି ଜଣେ ଅନ୍ୟ ଜଣକ ସହିତ ସାମାଜିକ ଏବଂ ଆପୋଷ ସମ୍ବନ୍ଧ ପ୍ରତିଷ୍ଠା କରିବା ବିନା ତିଷ୍ଠିବା ଅସମ୍ଭବ । ଜାତି, ଧର୍ମ,ବର୍ଣ୍ଣ, ରଙ୍ଗ, ସଂସ୍କୃତିର ବିଭେଦତାକୁ ଅଲଗା ରଖି ଆମେ ସମସ୍ତେ ମନୁଷ୍ୟ ହୋଇଥିବାରୁ ଏକ ଅଟୁ । ସେଇଥିପାଇଁ ଏକତା ବହୁତ ଗୁରୁତ୍ୱପୁର୍ଣ୍ଣ ଯେ ଆମେ ନିଜକୁ ଅନ୍ୟମାନଙ୍କଠାରୁ ଅଲଗା ରଖିବା ବା କେବଳ ନିଜ କମ୍ୟୁନିଟିର ସଦସ୍ୟମାନଙ୍କ ସହିତ ସମ୍ପର୍କ ରଖିବା ପରିବର୍ତେ ଅନ୍ୟମାନଙ୍କ ସହିତ ବାର୍ତାଳାପ କରିବା । ଡାଇଲଗ୍ ପ୍ରତ୍ୟେକ ଦୃଷ୍ଟିରୁ ବହୁତ ଗୁରୁତ୍ୱପୁର୍ଣ୍ଣ । ପ୍ରତିବନ୍ଧକ ଗୁଡିକୁ ଦୂର କରିବା ନିମନ୍ତେ ଜଣେ ଅନ୍ୟଜଣକୁ ବୁଝିବା ଓ ଜାଣିବା ପାଇଁ, ସମାଜର ଉନ୍ନତି ନିମନ୍ତେ ଶାନ୍ତି ଏବଂ ଏକତାର ବାତାବରଣ ସୃଷ୍ଟି କରିବା ପାଇଁ ଲୋକମାନଙ୍କ ମଧ୍ୟରେ ଏବଂ ବିଭିନ୍ନ କମ୍ୟୁନିଟି ମଧ୍ୟରେ ଶାଳୀନତାର ସହିତ ବାର୍ତାଳାପ କରିବା ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ । ସେଇଥିପାଇଁ ମୁଁ ଆପଣ ସମସ୍ତଙ୍କର ବହୁତ ସମ୍ମାନ କରୁଛି ଯେ ଆପଣମାନେ ନିଜର ବ୍ୟସ୍ତ ଜୀବନ ମଧ୍ୟରୁ ସମୟ ବାହାର କରି ଆଜି ଏଠାକୁ ଆସିଛନ୍ତି । ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ମୁସଲ୍‌ମାନ୍ ନ ହୋଇଥିବା ସତ୍ତ୍ୱେ ମଧ ଆମ ନିମନ୍ତ୍ରଣକୁ ଗ୍ରହଣ କରିଛନ୍ତି ଏବଂ ବିଶେଷ ରୂପେ ଗୋଟିଏ ଧାର୍ମିକ ଉତ୍ସବ ଯେଉଁଥିରେ ଗୋଟିଏ ମସ୍‌ଜିଦ୍‌ର ଉଦ୍‌ଘାଟନ ହେଉଅଛି, ସେଥିରେ ସାମିଲ୍ ହେଲେ । ତେଣୁ ମୁଁ ଆପଣମାନଙ୍କ ଭିତରେ ଅନ୍ୟମାନଙ୍କ ପାଇଁ ଥିବା ସହିଷ୍ଣୁତା ଏବଂ ସମ୍ମାନର ଉଚ୍ଚତମ ସ୍ତରକୁ ପ୍ରଶଂସା ନକରି ଆଗକୁ ଯାଇପାରିବି ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁଠି ଆପଣମାନଙ୍କର ଏହି ଉତ୍ସବରେ ଯୋଗଦେବା ଏକଥା ପ୍ରକାଶ କରୁଛି କି ଆପଣମାନେ ଆମ ଜମାତ୍ ସହିତ ନିବିଡ ସମ୍ପର୍କ ରଖିବା ପାଇଁ ଚାହୁଁଛନ୍ତି । ସେଠାରେ ଏହା ମଧ ପ୍ରକାଶ କରୁଛି କି ଆପଣମାନେ ଆମ ଧର୍ମକୁ ଭଲ ରୂପେ ଜାଣିବାକୁ ଚାହୁଁଛନ୍ତି । ଏଥିରୁ ଜଣାପଡୁଛି ଯେ ଆପଣମାନେ ହେଉଛନ୍ତି ଏପରି ଲୋକେ ଯେଉଁମାନେ ଏଣୁତେଣୁ କଥା ଉପରେ ଅନ୍ଧବିଶ୍ୱାସ କରିବାକୁ ଚାହୁଁନାହାଁନ୍ତି । ଆଜିକାଲିର ଏହି ଗୁଜବର ଯୁଗରେ ଆପଣମାନଙ୍କର ଇସ୍‌ଲାମ୍ ସମ୍ବନ୍ଧରେ ସତ୍ୟତା ଜାଣିବା ପାଇଁ ଯେଉଁ ଚେଷ୍ଟା ଓ ଇଚ୍ଛା ରହିଛି ତାହା ପ୍ରଶଂସନୀୟ । ମୁସଲ୍‌ମାନ୍‌ମାନଙ୍କ ସମ୍ବନ୍ଧରେ ମିଡିଆ ଯେଉଁକଥା କହୁଅଛି ବା କିଛି ଇସ୍‌ଲାମ୍ ବିରୋଧି ଶକ୍ତି ଯେଉଁଭଳି ଇସ୍‌ଲାମ୍‌ର ଛବିକୁ ଏ ସଂସାର ସମ୍ମୁଖରେ ଉପସ୍ଥାପନ କରୁଅଛି ସେଥିରୁ ତାକୁ ସମ୍ପୂର୍ଣ୍ଣ ରୂପେ ମାନିବା ପରିବର୍ତେ ଆପଣମାନେ ନିଜେ ଏଠାକୁ ଦେଖିବାକୁ ଆସିଛନ୍ତି ଯେ ଇସ୍‌ଲାମ୍‌ର ଅସଲ ଅର୍ଥ କଣ ଏବଂ ଇସ୍‌ଲାମ୍ କି ପ୍ରକାର ଶିକ୍ଷା ଉପସ୍ଥାପନ କରୁଅଛି । ସେଇଥିପାଇଁ ମୁଁ ଆପଣମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି ଏବଂ ସମ୍ବର୍ଦ୍ଧନା ଜ୍ଞାପନ କରୁଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣମାନେ ସମସ୍ତେ ଜମାତ୍ ଅହେମଦୀୟାର ମୋଟୋ ବା ସ୍ଲୋଗାନ୍ ''ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ''କୁ ଖୁବ୍ ଭଲଭାବେ ଜାଣିଥିବେ । ଏହି ମୋଟୋ କୌଣସି ନୁଆ କଥା ନୁହେଁ ବା ଏହା ଆମର କୌଣସି ନୁଆ ଆବିଷ୍କାର ନୁହେଁ ବରଂ ଏହି ସ୍ଲୋଗାନ୍‌ର ମୂଳ ଆଧାର ଇସ୍‌ଲାମ୍‌ର ପବିତ୍ର ପୁସ୍ତକ ପବିତ୍ର କୋରାନ୍‌ର ଶିକ୍ଷା ଅଟେ ଏବଂ ଇସ୍‌ଲାମ୍‌ର ପ୍ରତିଷ୍ଠାତା ରସୁଲେ କରିମ୍ ସ:ଆ:ସଙ୍କ ସେହି ଶିକ୍ଷା ଅଟେ ଯାହା ସେ ଆମକୁ ପ୍ରଦାନ କରିଛନ୍ତି । ପ୍ରାରମ୍ଭରୁ ଇସ୍‌ଲାମ୍ ଆମକୁ ଏକଥା ଶିଖାଇଛି ଯେ ଆପୋଷରେ ସମ୍ମାନ ଏବଂ ଆପୋଷ ସହିଷ୍ଣୁତା ହେଉଛି ମାନବ ସମ୍ମାନର ମୂଳ ଆଧାର । ଉଦାହରଣ ସ୍ୱରୂପ ପବିତ୍ର କୋରାନ୍‌ର ସୁରତୁଲ୍ ଅନ୍‌ଆମ୍‌ର ଆୟତ ନଂ-୧୦୯ରେ ଅଲ୍ଲାଃତାଲା କହୁଛନ୍ତି କି ମୁସଲ୍‌ମାନ୍‌ମାନେ ଅନ୍ୟ ଧର୍ମର ଉପାସ୍ୟ (ପ୍ରତିମା ଇତ୍ୟାଦି)ଙ୍କୁ ଖରାପ କଥା ନକହନ୍ତୁ କାରଣ ଏହାର ପ୍ରତିକ୍ରିୟାରେ ସେମାନେ ମଧ ଅଲ୍ଲାଃତାଲାଙ୍କୁ ଖରାପ କହିବେ । ଏକଥାକୁ ନିଶ୍ଚିତ କରାଇବା ପାଇଁ ଆପୋଷରେ ଥିବା ଭ୍ରାନ୍ତ ଧାରଣାକୁ ଉସ୍‌କା ନଯାଉ । ଏବଂ ସମାଜକୁ ଘୃଣା ଓ ବିଦ୍ୱେଷଭାବରୁ ବଂଚାଇବା ପାଇଁ ମୁସଲ୍‌ମାନଙ୍କୁ ଏ ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ସର୍ବଦା ସହିଷ୍ଣୁତା ଓ ଧୈର୍ଯ୍ୟକୁ ପରିପ୍ରକାଶ କରନ୍ତୁ । ତେଣୁ ଅଧିକାଂଶ ସମୟ ଯେଉଁ ଅଭିଯୋଗ ଲଗାଯାଉଛି ଯେ ମୁସଲ୍‌ମାନ୍‌ମାନେ ଅନ୍ୟ ଧର୍ମ ଏବଂ ଧାର୍ମିକ ବ୍ୟକ୍ତିବିଶେଷଙ୍କୁ ସମ୍ମାନ ଦେଉନାହାଁନ୍ତି ବୋଲି ଏହାର ସମ୍ପର୍କ ବାସ୍ତବିକତା ସହିତ ନାହିଁ । ଅସଲ୍‌ରେ ପବିତ୍ର କୋରାନ୍‌ର ଶିକ୍ଷାର ଆଧାରରେ ମୁସଲ୍‌ମାନ୍‌ମାନେ ଏ ବିଶ୍ୱାସ ରଖିଛନ୍ତି କି ଅଲ୍ଲାଃତାଲାଙ୍କ ଅମ୍ବିୟା (ପ୍ରେରିତ ଦୂତ)ମାନଙ୍କୁ ପୃଥିବୀର ସମସ୍ତ ଜାତିରେ ସେମାନଙ୍କ ହିଦାୟତ୍ ଓ ଇସ୍‌ଲାହ୍ ନିମନ୍ତେ ପ୍ରେରଣ କରାଯାଇଥିଲା । ସମସ୍ତ ଅମ୍ବେୟାମାନଙ୍କ ସତ୍ୟତା ଉପରେ ଆମର ଦୃଢ଼ ବିଶ୍ୱାସ ରହିଛି ଏବଂ ଆମେ ଏ ବିଶ୍ୱାସ ରଖିଛୁ ଯେ ସମସ୍ତ ଅମ୍ବିୟା ମାନବ ଜାତିକୁ ଈଶ୍ୱରଙ୍କ ଆଡକୁ ଡାକିବା ପାଇଁ ଏବଂ ଚରିତ୍ର ଶିଖାଇବା ପାଇଁ, ବାକ୍ ସ୍ୱାଧୀନାତା, ନ୍ୟାୟ ଏବଂ ମାନବିକ ସହାନୁଭୂତି ପରି ଆନ୍ତର୍ଜାତିକ ସମ୍ମାନକୁ ପ୍ରତିଷ୍ଠା କରିବା ପାଇଁ ପ୍ରେରଣ କରାଯାଇଥିଲେ । ସୁତରାଂ ଏହି ସବୁ କଥାଗୁଡିକୁ ଦୃଷ୍ଟିରେ ରଖି ଆମପାଇଁ ଏହା କିପରି ସମ୍ଭବ ହୋଇପାରେ ଯେ ଆମେ ଅନ୍ୟଧର୍ମର ଅନୁଗାମୀ ମାନଙ୍କୁ ସମ୍ମାନ ନକରିବୁ । ତେଣୁ ଆମେ ଅହେମଦୀ ମୁସଲ୍‌ମାନ୍ ନିଜର ଏହି ଦାବୀରେ ସ୍ୱତନ୍ତ୍ର ଯେ ଆମେ କାହାକୁ ଘୃଣା କରୁନାହୁଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ପୁଣ ତତ୍‌ସହିତ ଆମେ ସମଗ୍ର ମାନବଜାତିକୁ ବାସ୍ତବରେ ଭଲ ପାଉଛୁ ଏବଂ ଅନ୍ୟମାନଙ୍କ ଆଡକୁ ବନ୍ଧୁତ୍ୱପୁର୍ଣ୍ଣ ହାତ ବଢ଼ାଇବା ପାଇଁ ସଦା ସର୍ବଦା ପ୍ରସ୍ତୁତ ରହିଛୁ । ଉଦାହାରଣ ସ୍ୱରୂପ ବିଗତ ବର୍ଷ ଏଠି ଫିଲା ଡେଲ୍‌ଫିୟାଠାରେ ଗୋଟିଏ ସ୍ଥାନୀୟ ୟୁହୁଦୀ କବରସ୍ତାନ୍ ଉପରେ ଯେତେବେଳେ ଆକ୍ରମଣ କରାଗଲା ଓ ସେମାନଙ୍କ କବର୍ ଗୁଡିକୁ ଅସମ୍ମାନ କରାଗଲା ସେତେବେଳେ ଏହି ଘୃଣ୍ୟ କାର୍ଯ୍ୟ ପରେ ଜମାତ୍ ଅହେମଦୀୟାର ସ୍ଥାନୀୟ ବାସିନ୍ଦାମାନେ ତତ୍କାଳ ୟୁହୁଦୀ କମ୍ୟୁନିଟିକୁ ସାହାଯ୍ୟ କରିବା ପାଇଁ ପହଂଚିଲେ । ଏବଂ ୟୁହୁଦୀ କମ୍ୟୁନିଟିଙ୍କ ସହିତ ସମବେଦନା ଜଣାଇଲେ । ଏହି ସବୁ କଥାର ପ୍ରତିବଦଳରେ ଆମକୁ କୌଣସି ପ୍ରକାର ପୁରସ୍କାର ବା ଧନ୍ୟବାଦ ମିଳିବାର ଆବଶ୍ୟକତା ନାହିଁ କାରଣ ଆମେ ତ କେବଳ ସେହି ଶିକ୍ଷା ଗୁଡିକ ଉପରେ ପରିଚାଳିତ ହେଉଅଛୁ ଯାହା ଆମକୁ ଆମ ଧର୍ମ ଶିଖାଇଛି ଏବଂ ସେହି ଶିକ୍ଷାଗୁଡିକ ହେଉଛି ଏହା କି ଯେତେବେଳେ ଅନ୍ୟାନ୍ୟ ଧର୍ମ ବା ପ୍ରଥାର ଲୋକେ ଅସୁବିଧାରେ ପଡିଥିବେ ସେତେବେଳେ ସେମାନଙ୍କ ସହିତ କାନ୍ଧରେ କାନ୍ଧ ମିଶାଇ ଛିଡା ହୋଇଯିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆମେ ସମଗ୍ର ମାନବଜାତିର ଅଧିକାରକୁ ସମ୍ପୂର୍ଣ୍ଣ ରୂପେ ଜମାନତ୍ ଦେଉଅଛୁ ଯଦ୍ୱାରା ସେମାନେ ବିନା କୌଣସି ଘୃଣା ଓ ବିଦ୍ୱେଷଭାବ ଏବଂ ବିନା କୌଣସି ସ୍ୱତନ୍ତ୍ର ବ୍ୟବହାରରେ ନିଜର ଜୀବନ ବିତାଇ ପାରିବେ । ଯେକୌଣସି ବ୍ୟକ୍ତି ମଧ ବିଦ୍ୱେଷ ଭାବ ନରଖି ଏବଂ ସମ୍ପୂର୍ଣ୍ଣ ବିଶ୍ୱାସର ସହିତ ଇସ୍‌ଲାମୀୟ ଇତିହାସକୁ ଅଧ୍ୟୟନ କରିବ ସେ ଦେଖିବ ଯେ ଧର୍ମୀୟ ସ୍ୱାଧୀନତା ସର୍ବଦା ଇସ୍‌ଲାମ୍‌ର ମୂଳ ସିଦ୍ଧାନ୍ତ ରହିଛି ।

ବାସ୍ତବରେ ଆରବର ସହର ମଦିନାରେ ଯେଉଁଠି ରସୁଲେ କରିମ୍ ସ:ଆ:ସ ମକାଠାରେ ବର୍ଷବର୍ଷ ଅତ୍ୟାଚାରିତ ହୋଇ ନିଜ ଅନୁଗାମୀ ମାନଙ୍କ ସହିତ ହିଜ୍‌ରତ୍ କରିଥିଲେ, ସେଠାରେ ଯେଉଁ ସରକାର ଗଠନ କରାଯାଇଥିଲା ସେଥିରେ ଏହି ପ୍ରକାରର Pluralism ଏବଂ ଉନ୍ମୁକ୍ତ ଚିନ୍ତାଧାରା କାର୍ଯ୍ୟରେ ପ୍ରକାଶ ହେଉଥିବାର ଦେଖିବାକୁ ମିଳୁଥିଲା । ଇସ୍‌ଲାମ୍‌ର ପୈଗମ୍ବର୍ ସ:ଆ:ସ ବିଭିନ୍ନ ଧର୍ମର ମାର୍ଗଦର୍ଶକ ଏବଂ କମ୍ୟୁନିଟି ସହିତ ଗୋଟିଏ ଚୁକ୍ତି ନିର୍ଦ୍ଧାରଣ କରିଥିଲେ ଯାହା ଏପରି ଏକ ସହରରେ ହୁକୁମତ୍ (ସରକାର)ର ମୂଳଦୁଆ ପଡିଲା ଯେଉଁଠି ବିଭିନ୍ନ ଜାତିର ଲୋକେ ବସବାସ କରୁଥିଲେ । ଏହି ଚୁକ୍ତିଟି ଏକଥାର ଜମାନତ୍ ଦେଇଥିଲା ଯେ ସମାଜର ସମସ୍ତ ସମସ୍ତ ସଦସ୍ୟ କୌଣସି ଜୁଲୁମ୍ ବିନା ଶାନ୍ତିର ସହିତ ରହିପାରିବେ ଓ ସେମାନେ ନିଜ ନିଜର ଧର୍ମ ଓ ଆସ୍ଥା ଉପରେ ପରିଚାଳିତ ହେବାପାଇଁ ସମ୍ପୂର୍ଣ୍ଣ ରୂପେ ସ୍ୱାଧୀନତା ପାଇବେ । ତତ୍‌ସହିତ ଏହା କି ସେହି ଯୁଗର ପ୍ରଥା ମୁତାବକ ପ୍ରତ୍ୟେକ କମ୍ୟୁନିଟି ନିଜ ନିଜ ଧର୍ମ ବା କବିଲାର କାନୁନ୍‌କୁ ମାନି ଚଳିବେ । ସୁତରାଂ ମୁସଲ୍‌ମାନ୍ ଇସ୍‌ଲାମୀୟ ଶରିୟତ୍ ଉପରେ ଅମଳ କରୁଥିଲେ । ୟୁହୁଦୀ ତୌରାତ୍‌ର କାନୁନ୍‌କୁ ମାନୁଥିଲେ ଏବଂ ବାକି ଅନ୍ୟାନ୍ୟ କମ୍ୟୁନିଟିମାନେ ନିଜ ନିଜ ଆସ୍ଥା ଓ ପ୍ରଥାକୁ ମାନୁଥିଲେ । ସେ ସମୟରେ ସମସ୍ତ ଲୋକେ ଧର୍ମ ଜାତି ନିର୍ବିଶେଷରେ ଶାନ୍ତି ସ୍ଥାପନା ଏବଂ ଅନ୍ୟମାନଙ୍କୁ ସମ୍ମାନ କରିବାର ଜିମେଦାର୍ ଥିଲେ । ଏହି ଚୁକ୍ତିଟି ଶାନ୍ତି ସ୍ଥାପନ କରିବାକୁ ପ୍ରୋତ୍ସାହନ ଦେଇଥିଲା ଓ ଏକଥାକୁ ନିଶ୍ଚିତ କରିଥିଲା ଯେ ସହିଷ୍ଣୁତା ଏବଂ ଧୈର୍ଯ୍ୟ ଉପରେ ହିଁ ଏ ସମାଜ ସ୍ଥାପନ ହେଉ । ସୁତରାଂ ୧୪୦୦ ବର୍ଷ ପୂର୍ବେ ମଦିନା ଭିତରେ ବିଭିନ୍ନ ସଂସ୍କୃତି ଓ ବିଭିନ୍ନ ଜାତିର ସମଷ୍ଟିରେ ଥିବା ସମାଜ ଉପରେ ଆଧାରିତ ଗୋଟିଏ ସଫଳ ସରକାର ପରିଚାଳିତ ହେଉଥିଲା । କ୍ରମଶଃ....

*(ବହୱାଲା ଅଖବାର୍ ବଦର୍ ଉର୍ଦ୍ଦୁ, ୧୩ ଡିସେମ୍ବର୍ ୨୦୧୮)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 21 February 2019 Issue No.8

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

## ୧୮ ଅକ୍ଟୋବର ୨୦୧୮ (ଗୁରବାର)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୬:୧୫ ''ମସ୍‌ଜିଦ୍ ବଇତୁଲ୍ ଆଫିୟତ୍'' (ଫ୍ଲାଡେଲ୍‌ଫିୟା) ଠାରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳବେଳା ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୃଥିବୀର ବିଭିନ୍ନ ଦେଶଗୁଡିକରୁ ଫ୍ୟାକ୍‌ସ୍ ଏବଂ ଇ-ମେଲ୍ ଜରିଆରେ ଆସିଥିବା ଚିଠି ଓ ରିପୋର୍ଟ୍‌ସ୍ ଇତ୍ୟାଦିକୁ ନିରୀକ୍ଷଣ କଲେ ଓ ସେଥିରେ ହିଦାୟତ୍ ପ୍ରଦାନ କଲେ । ସେହିପରି ଅନ୍ୟାନ୍ୟ ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

### ଫ୍ୟାମିଲି ସାକ୍ଷାତ୍‌କାର୍

ଠିକ୍ ଦିନ ୨ଟାବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ''ମସ୍‌ଜିଦ୍ ବଇତୁଲ୍ ଆଫିୟତ୍'' ଠାରେ ପଦାର୍ପଣ କରି ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଆଜି ସନ୍ଧ୍ୟାବେଳେ ଫ୍ୟାମିଲି ସାକ୍ଷାତ୍‌କାରର ପ୍ରୋଗ୍ରାମ୍ ରଖାଯାଇଥିଲା । ଠିକ୍ ୬ଟା ବେଳେ ହଜୁର୍ ଅନୁଓ୍ୱର୍ ନିଜ ଦଫ୍‌ତରରେ ପହଂଚିଲେ ଓ ସେଠାରେ ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ସନ୍ଧ୍ୟାବେଳର ଏହି ଶେଷସନ୍‌ରେ ୫୮ଟି ଫ୍ୟାମିଲି ଏବଂ ୧୨ଜଣ ଲୋକେ ବ୍ୟକ୍ତିଗତ ରୂପେ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହିପରି ଆଜି ମୋଟ ରୂପେ ୨୯୨ ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସମସ୍ତ ଲୋକେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଏବଂ ଛୋଟ ବୟସର କୁନିକୁନି ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ଆଜି ଫ୍ଲାଡେଲ୍‌ଫିୟାର ଜମାତ୍ ବ୍ୟତୀତ ବୋଷ୍ଟନ୍, ରୋଚ୍‌ଷ୍ଟର୍, ଓ୍ୱଲଙ୍ଗ୍‌ବରୋ ଏବଂ ଲାଇବେରିଆର ଜମାତ୍ ଗୁଡିକରୁ ଆସିଥିବା ଫ୍ୟାମିଲି ଗୁଡିକ ମଧ୍ୟ ସାକ୍ଷାତ୍ କରିପାରିଛନ୍ତି । ଏହି ସବୁ ଜମାତ୍ ଗୁଡିକରୁ ଆସିଥିବା ସଦସ୍ୟମାନେ ଓ ଫ୍ୟାମିଲି ଗୁଡିକ ତିନିଶହ ମାଇଲ୍‌ରୁ ଅଧିକ ଦୂରତା ପାଂଚ ଛଅଘଂଟାରେ ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ ।

ଆଜି ସାକ୍ଷାତ୍ କରିଥିବା ଫ୍ୟାମିଲ୍ ଗୁଡିକ ମଧ୍ୟରେ ଅଧିକାଂଶ ଫ୍ୟାମିଲି ପାକିସ୍ତାନ୍‌ରୁ ହିଜ୍‌ରତ୍ କରି ଏଠାକୁ ଆସିଥିବା ଫ୍ୟାମିଲି ଗୁଡିକ ମଧ୍ୟରେ ଥିଲା । ଏବଂ ସେମାନେ ନିଜ ଜବଦଶାରେ ପ୍ରଥମ ଥର ପାଇଁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଉଥିଲେ । ସେମାନଙ୍କର ଆନନ୍ଦ ଅବର୍ଣ୍ଣନୀୟ ଥିଲା । ସେମାନେ ନିଜ ପ୍ରିୟ ଆକାଙ୍କ ନିକଟରେ ଯେଉଁ କିଛି କ୍ଷଣ ବିତାଇଲେ ତାହା ସେମାନଙ୍କ ଜୀବନର ସମ୍ପତି ଥିଲା । ଏମାନେ ସମସ୍ତେ ବର୍‌କତ୍ ଗୁଡିକ ନେଇ ବାହାରକୁ ବାହାରୁଥିଲେ ଏବଂ ସେମାନଙ୍କର ଦୁଃଖ କଷ୍ଟ ଓ ବ୍ୟତୀବ୍ୟସ୍ତତା ଆରାମ ଓ ଶାନ୍ତିରେ ବଦଳିଗଲା ।

ଜଣେ ଯୁବକ ଜି ଶାନ୍ ତାରିକ୍ ସାହେବ୍ ବତାଇଲେ ଯେ ମୁଁ ଦୁଇବର୍ଷ ପୂର୍ବେ ପାକିସ୍ତାନ୍‌ରୁ ହିଜ୍‌ରତ୍ କରି ଫ୍ଲାଡେଲ୍‌ଫିୟା ଆମେରିକା ଆସିଥିଲି । ମୁଁ ପୂର୍ବରୁ କେବେ ମଧ୍ୟ ଖଲିଫାଙ୍କ ସହିତ ସାକ୍ଷାତ୍ କରିନଥିଲି । ତେଣୁ ସାକ୍ଷାତ୍‌କାର୍ ପୂର୍ବରୁ ଏକ ପ୍ରକାରର ବ୍ୟାକୁଳତା ଓ ବ୍ୟତିବ୍ୟସ୍ତତା ଥିଲା । ଯେଉଁକ୍ଷଣି ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ଦଫତର୍‌ରେ ପ୍ରବେଶ କାଲି ସେହି କ୍ଷଣି ହଜୁର୍ ଅନୁଓ୍ୱର୍‌ଙ୍କ ଚେହୋରେ ଦୃଷ୍ଟି ପଡିବା ମାତ୍ରେ ସମସ୍ତ ବ୍ୟତିବ୍ୟସ୍ତତା ଏବଂ ଘାବରା ଛାନିଆ ଦୂର ହୋଇଗଲା ଏବଂ ମୋତେ ଏକ ପ୍ରକାରର ଶାନ୍ତି ମିଳିଲା ।

ଆଉଜଣେ ମହିଳା ରୁବିନା ସାହିବା ନିଜ ପିଲାମାନଙ୍କ ସହିତ ଥିଲେ ସେ କହୁଛନ୍ତି କି ସାକ୍ଷାତ୍‌କାର ସମ୍ବନ୍ଧରେ ବର୍ଣ୍ଣନା କରିବା ପାଇଁ ମୋ ନିକଟରେ ଶବ୍ଦ ନାହିଁ । ପ୍ରୀୟ ଆକାଙ୍କୁ ନିଜ ସମ୍ମୁଖରେ ଦେଖି ଏପରି ଅନୁଭବ ହେଉଥିଲା ଯେପରି ଜ୍ୟୋତି ଆକାଶରୁ ଓହ୍ଲାଇ ଆସିଛି । ସାକ୍ଷାତ୍‌କାରର ଏହି ପବିତ୍ର କ୍ଷଣ ଗୁଡିକ ଏତେ ଶିଘ୍ର ବିତିଗଲା ଯେ ମନ ଚାହୁଁଥିଲା କ ତାହା ଲମ୍ବା ହୋଇଯାଉ ଏବଂ ଆମେ ଅଧିକା ସମୟ ହଜୁର୍‌ଙ୍କ ନିକଟରେ ବିତାଉ ।

ଆଉଜଣେ ଯୁବକ ଦାଉଦ୍ ଅହେମଦ୍ ବଟ୍ ସାହେବ୍ ଯିଏ ଚାରିମାସ ପୂର୍ବେ ପାକିସ୍ତାନ୍‌ରୁ ଆସି ଫ୍ଲାଡେଲ୍‌ଫିୟାଠାରେ ପହଂଚିଥିଲେ, ସେ କହୁଛନ୍ତି କି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଏହି ସାକ୍ଷାତ୍‌କାର୍ ମୋ ଜୀବନର ପ୍ରଥମ ସାକ୍ଷାତ୍‌କାର୍ ଅଟେ । ପାକିସ୍ତାନ୍‌ରେ ହିଁ ଏକଥା ଭାବୁଥିଲି କି ବୋଧହୁଏ ଖଲିଫା ଓ୍ୱକ୍ତଙ୍କ ସହିତ ମୁଁ ମୋ ଜୀବଦଶାରେ କେବେ ମିଳିପାରିବି ନାହିଁ । କିନ୍ତୁ ଆଜି ଯେତେବେଳେ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ଦେଖିଲି ଏପରି ଲାଗୁଥିଲା ଯେ ଆଖି ଖୋଲା ଥିବା ଅବସ୍ଥାରେ ମୁଁ କୌଣସି ସ୍ୱପ୍ନ ଦେଖୁଅଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ମୋତେ ଗୋଟିଏ କଲମ ମଧ୍ୟ ପ୍ରଦାନ କଲେ ।

ଆଉଜଣେ ବନ୍ଧୁ ମୁହମ୍ମଦ୍ ଅସ୍‌ଲମ୍ ସାହେବ୍ ଯିଏ ଦୁଇବର୍ଷ ପୂର୍ବେ ପାକିସ୍ତାନ୍‌ରୁ ହିଜ୍‌ରତ୍ କରି ଫ୍ଲାଡେଲ୍‌ଫିୟା ଆମେରିକା ପହଂଚିଛନ୍ତି, ସେ ନିଜ ଫ୍ୟାମିଲି ସହିତ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କଲେ । ସେ କହୁଛନ୍ତି କି ଅଲ୍ଲାଃତାଲାଙ୍କ ପ୍ରଶଂସା ଏବଂ କୃତଜ୍ଞତା ଜ୍ଞାପନ କରିବା ପାଇଁ ମୋ ନିକଟରେ ଶବ୍ଦନାହିଁ । ସେ ଆମକୁ ଆମ ଜୀବଦଶାରେ ଏହି ମୁବାରକ୍ ଦିନଟି ଦେଖାଇଛନ୍ତି ଏବଂ ଆମକୁ ହଜୁର୍ ଅନୁଓ୍ୱର୍‌ଙ୍କୁ ଦର୍ଶନ କରିବା ଏବଂ ହଜୁର୍‌ଙ୍କ ନିକଟତର ହେବାର ସୁଯୋଗ ଦେଇଛନ୍ତି । ଜଣେ ଚବିଶି ବର୍ଷୀୟ ଯୁବକଙ୍କ ଆଖିରୁ ଅଶ୍ରୁ ବହିପଡିଲା ଏବଂ ସେ କଥା କହିପାରୁନଥିଲେ । ସେ କହୁଛନ୍ତି କି ମୁଁ ଆଜି କଣ କିଛି ପାଇଛି ତାହା ବର୍ଣ୍ଣନା କରିବା ପାଇଁ ମୋ ନିକଟରେ ଶବ୍ଦନାହିଁ । ମୋର ଗୋଟିଏ ସ୍ୱପ୍ନ ଥିଲା ଯାହାକୁ ଆଜି ଅଲ୍ଲାଃତାଲା ନିଜ ବିଶେଷ କରୁଣାରୁ ପୂରଣ କରିଦେଲେ ।

ଉମ୍ମର୍ ଶରିଫ୍ ସାହେବ୍ ଜଣେ ଆଫ୍ରିକୀୟ ଆମେରିକୀୟ ଅହେମଦୀ । ସେ ଚାରିବର୍ଷ ପୂର୍ବେ ସୁନ୍ନି ଚିନ୍ତାଧାରାରୁ ଅହେମଦୀୟତ୍‌ରେ ଦାଖିଲ୍ ହୋଇଥିଲେ । ସେ କହୁଛନ୍ତି କି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର୍‌କୁ ଶବ୍ଦରେ ବର୍ଣ୍ଣନା କରାଯାଇପାରେନା । ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ମିଶି ଏପରି ଅନୁଭବ ହେଉଥିଲା ଯେ ଯେପରି ହଜୁର୍ ଅନୁଓ୍ୱର୍ ଜଣେ ସ୍ନେହୀ ବାପାଙ୍କ ସଦୃଶ ନିଜ ଆଧ୍ୟାତ୍ମିକ ପିଲାମାନଙ୍କ ସହିତ ମିଳୁଥିଲେ । ସାକ୍ଷାତ୍‌କାର୍ ପୂର୍ବରୁ ଏକ ପ୍ରକାରର ଘାବରାପଣ ଥିଲା । କିନ୍ତୁ ଯେଉଁକ୍ଷଣି ଆମେ ହଜୁର୍ ଅନୁଓ୍ୱର୍‌ଙ୍କ ଦଫ୍‌ତରରେ ପ୍ରବେଶ କଲୁ ଏବଂ ହଜୁର୍ ଅନୁଓ୍ୱର୍‌ଙ୍କ ପବିତ୍ର ଚେହେରା ଉପରେ ଦୃଷ୍ଟିପଡିଲା ସେହିକ୍ଷଣି ସମସ୍ତ ବ୍ୟତିବ୍ୟସ୍ତତା ଓ ଘାବରାପଣିଆ ଦୂର ହୋଇଗଲା ।

ଆଉଜଣେ ବନ୍ଧୁ ନମୀର ଭଟ୍ଟି ସାହେବ୍ କହୁଛନ୍ତି କି ଆଜି ମୋ ଫ୍ୟାମିଲିର ଏହା ପ୍ରଥମ ସାକ୍ଷାତ୍‌କାର୍ ଥିଲା । ଯେତେବେଳେ ହଜୁର୍ ଅନୁଓ୍ୱର୍‌ଙ୍କ ପବିତ୍ର ଚେହେରା ଉପରେ ଦୃଷ୍ଟି ପଡିଲା ସେତେବେଳେ ଆମ ଆଖି ହଜୁର୍‌ଙ୍କ ଚେହେରାଠାରୁ ହଟୁ ନଥିଲା । ସାକ୍ଷାତ୍‌କାର୍ କରି ବାହାରକୁ ଆସିବା ପରେ ତାଙ୍କ ଶରୀରରେ ଏକ ପ୍ରକାରର କମ୍ପନ ହେଉଥିଲା ଏବଂ ସେ ପୁଣି କହିଲେ କି ମୋ ଶରୀର କମ୍ପି ଉଠୁଛି । ପାକିସ୍ତାନ୍‌ରୁ ଆସିଥିବା ତାଙ୍କ ସ୍ତ୍ରୀ କହିବାକୁ ଲାଗିଲେ ଯେ ଖଲିଫାଙ୍କ ସହିତ ସାକ୍ଷାତ୍‌କାର୍ ଅଧିକାଂଶ ପାକିସ୍ତାନୀମାନଙ୍କ ନିମନ୍ତେ ଏକ ସ୍ୱପ୍ନ ଅଟେ କିନ୍ତୁ ଆଜି ମୋ ପାଇଁ ଏହି ସ୍ୱପ୍ନ ବାସ୍ତବତାରେ ପରିବର୍ତନ ହୋଇଯାଇଛି । ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ମିଶି ମୋତେ ଅନୁଭବ ହେଉଛି ଯେପରି ମୋର ଜୀବନ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି ।

ନିଦା ଆକିଲ୍ ସାହିବା ଯିଏ ପାଂଚବର୍ଷ ପୂର୍ବେ ବିବାହ କରି ପାକିସ୍ତାନ୍‌ରୁ ଆସିଥିଲେ ସେ କହୁଛନ୍ତି କି ଆଜି ଆମର ଏହା ପ୍ରଥମ ସାକ୍ଷାତ୍‌କାର୍ ଥିଲା । ହଜୁର୍ ଅନୁଓ୍ୱର୍‌ଙ୍କ ଜ୍ୟୋତିର୍ମୟ ମୁଖମଣ୍ଡଳକୁ ଦେଖିବା ପରେ ମନ ଭିତରେ ଏପରି ଅବସ୍ଥା ସୃଷ୍ଟି ହେଲା କି ଯାହା କହିବାକୁ ଚାହୁଁଥିଲି ସବୁ ଭୁଲିଗଲି । କେବଳ ହଜୁର୍ ଅନୁଓ୍ୱର୍‌ଙ୍କ ଚେହେରାକୁ ହିଁ ଦେଖିବାରେ ଲାଗି ରହିଲି । ହଜୁର୍ ଅନୁଓ୍ୱର୍ ମୋ ନାନାଜାନ୍ (ଅଜା) ମାଷ୍ଟର୍ ଓ୍ୱଲିଉଲ୍ଲାଃ ଖାନ୍ ସାହେବ୍‌ଙ୍କୁ ଚିହ୍ନିଥିଲେ । ସାକ୍ଷାତ୍‌କାର୍ ସମୟରେ ମୋ ଝିଅଆଡକୁ ଦେଖି ହଜୁର୍ ଅନୁଓ୍ୱର୍ କହିଲେ- କଣ ଇଏ ଦୁଇବର୍ଷର କି ? ସାଧାରଣତଃ ଲୋକମାନେ ମୋ ଝିଅକୁ ଦେଖି ବୟସ କମ୍ ବୋଲି କହୁଛନ୍ତି କିନ୍ତୁ ଆମେ ହଜୁର୍ ଅନୁଓ୍ୱର୍‌ଙ୍କ ସେ କଥାରେ ଆଶ୍ଚର୍ଯ୍ୟ ହୋଇଗଲୁ କାରଣର ଆଜି ହିଁ ଆମ ଝିଅକୁ ଦୁଇବର୍ଷ ପୂରଣ ହୋଇଛି । ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ମୋ ଝିଅକୁ ଦୁଇବର୍ଷ ପୂରା ହେବାରେ ଦୁଇଟି ଚକୋଲେଟ୍ ପ୍ରଦାନ କଲେ ।

ଜଣେ ଆଫ୍ରିକୀୟ ଆମେରିକୀୟ ବନ୍ଧୁ ଅବ୍‌ଦୁଲ୍ ଓ୍ୱଦୁଦ୍ ହାଟର୍ ସାହେବ୍ ବର୍ଣ୍ଣନା କରୁଛନ୍ତି କି, ସେ ତିନିବର୍ଷ ପୂର୍ବେ ଲଣ୍ଡନ୍‌ଠାରେ ଖଲିଫାଙ୍କ ହାତରେ ବୟତ୍ କରିଥିଲେ । ଆଜି ନିଜ ଫ୍ୟାମିଲି ସହିତ ତାଙ୍କର ଏହା ପ୍ରଥମଥର ସାକ୍ଷାତ୍‌କାର୍ ଥିଲା । ସାକ୍ଷାତ୍‌କାର୍ ସମୟରେ ହଜୁର୍ ଅନୁଓ୍ୱର୍‌ଙ୍କୁ କହିଲେ କି ଯଦି ବିବାହ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କିଛି ଭୁଲ୍ ବୁଝାମଣା ହୋଇଯାଏ ତେବେ ତାହା କିପରି ଦୂର କରାଯିବ । ଏଥିରେ ହଜୁର୍ ଅନୁଓ୍ୱର୍ ଉପଦେଶ ଦେଇ କହିଲେ ଯେ ସ୍ୱାମୀ ସ୍ତ୍ରୀ ଜଣେ ଅନ୍ୟଜଣକ ଭଲ କାର୍ଯ୍ୟ ଉପରେ ଦୃଷ୍ଟିଦେଉ ଓ ଭୁଲ୍ ଗୁଡିକୁ ଅଣଦେଖା କରୁ ତାହାଲେ ଭୁଲ୍ ବୁଝାମଣା ସୃଷ୍ଟି ହେବନାହିଁ ।

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ୯ଟା ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ''ମସ୍‌ଜିଦ୍ ବଇତୁଲ୍ ଆଫିୟତ୍''ରେ ପଦାର୍ପଣ କରି ମଗ୍‌ରିବ୍ ଏବଂ ଇଶା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

------------------------

## ୧୯ ଅକ୍ଟୋବର୍ ୨୦୧୮ (ଶୁକ୍ରବାର)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୬:୧୫ ''ମସ୍‌ଜିଦ୍ ବଇତୁଲ୍ ଆଫିୟତ୍'' (ଫ୍ଲାଡେଲ୍‌ଫିୟା) ଠାରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳ ଓଳି ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ଆଜି ଜୁମାତୁଲ୍ ମୁବାରକ୍ (ପବିତ୍ର ଜୁମା) ଦିନ ଥିଲା । ଆଜିର ଏହି ଦିନଟି ଏ ଦୃଷ୍ଟିକୋଣରୁ ମଧ୍ୟ ଗୋଟିଏ ଐତିହାସିକ ଦିନ ଅଟେ କି ଆମେରିକାର ଫ୍ଲାଡଲ୍‌ଫିୟା ଇଲାକାର ଭୂମିରୁ ଖଲିଫତୁଲ୍ ମସିହ୍‌ଙ୍କ ଦୃଷ୍ଟିରୁ ଏହା ପ୍ରଥମ ଖୁତ୍‌ବାଜୁମା ଯାହା ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ ଜରିଆରେ ସାରା ପୃଥିବୀରେ ସିଧା ପ୍ରସାରଣ କରାଗଲା । ଏହା ପୂର୍ବରୁ ଆମେରିକାର ପୂର୍ବଭାଗରେ ଥିବା ଓ୍ୱାଶିଂଟନ୍ ଡିସି, ହାରିସ୍‌ବର୍ଗ୍ ଏବଂ ପଶ୍ଚିମ ଇଲାକାରେ ଥିବା ଲସ୍ ଏଞ୍ଜେଲ୍‌ସ୍‌ରୁ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଖୁତ୍‌ବାଜୁମା ଗୁଡିକ ଏମ୍.ଟି.ଏ ଦ୍ୱାରା ସିଧା ପ୍ରସାରଣ ହୋଇସାରିଛି ।

### ମସ୍‌ଜିଦ୍ ''ବଇତୁଲ୍ ଆଫିୟତ୍''ର ଉଦ୍‌ଘାଟନ

ନମାଜ ଜୁମାରେ ଫ୍ଲାଡେଲ୍‌ଫିୟା ଜମାତ୍ ବ୍ୟତୀତ ଆମେରିକାର ଅନ୍ୟାନ୍ୟ ବିଭିନ୍ନ ଜମାତ୍ ଗୁଡିକରୁ ଜମାତ୍‌ର ସଦସ୍ୟମାନେ ବହୁତ ଲମ୍ବା ଯାତ୍ରା ଅତିକ୍ରମ କରି ଏଠାରେ ଆସି ସାମିଲ୍ ହେଲେ । ସାମିଲ୍ ହୋଇଥିବା ଲୋକମାନଙ୍କ ମଧ୍ୟରେ ଏପରି ଗୋଟିଏ ସଂଖ୍ୟା ଥିଲା ଯେଉଁମାନେ ତିନିରୁ ସାଢ଼େ ତିନିହଜାର ମାଇଲ ଯାତ୍ରା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । ନମାଜ ଜୁମାରେ ସାମିଲ୍ ହୋଇଥିବା ଲୋକମାନଙ୍କର ସଂଖ୍ୟା ୪୭୦୦ରୁ ଅଧିକ ଥିଲା । ଆଜିର ଦିନଟି ଜମାତ୍ ଅହେମଦୀୟା ଆମେରିକାର ଇତିହାସରେ ଏ ଦୃଷ୍ଟିକୋଣରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ ଥିଲା କି ଫ୍ଲାଡେଲ୍‌ଫିୟାର ସେହି ଭୂମିରୁ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଖୁତ୍‌ବାଜୁମା ସାରା ପୃଥିବୀରେ ସିଧା ପ୍ରସାରଣ ହୋଇଥିଲା ଏବଂ ଏଠିକାର ପ୍ରଥମ ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ଉଦ୍‌ଘାଟନ ହେଉଥିଲା ଯେଉଁଠାରୁ ଆମେରିକାରେ ଫେବୃୟାରୀ ୧୯୨୦ ମସିହାରେ ଅହେମଦୀୟତ୍‌ର ଶୁଭାରମ୍ଭ ହୋଇଥିଲା । ଯେତେବେଳେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ନିର୍ଦ୍ଦେଶରେ ହଜରତ୍ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ୍ ଆମେରିକାର ପ୍ରଥମ ମୁବଲିଗ୍ ରୂପେ ୧୫ଫେବୃୟାରୀ ୧୯୨୦ ମସିହା ଦିନ ଫ୍ଲାଡେଲ୍‌ଫିୟାର କୂଳରେ ଓହ୍ଲାଇଥିଲେ । ସେତେବେଳେ ସେ ସମୟର ସରକାର ତାଙ୍କୁ ବନ୍ଦୀ କରିଦେଇଥିଲା । ସେ ସମୟରେ ଯେବେ ତାଙ୍କୁ ବନ୍ଦୀ କରାଗଲା ସେତେବେଳେ ହଜରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଏକଥା କହିଥିଲେ:- ଆମେରିକା ଆମକୁ କଦାପି ହରାଇ ପାରିବ ନାହିଁ । କାରଣ ଇଶ୍ୱର ଆମ ସହିତ ଅଛନ୍ତି । ଆମେରିକାରେ ଦିନେ ଲା ଇଲାହା ଇଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାଃର ଧ୍ୱନି ଗୁଞ୍ଜରଣ କରିବ ଏବଂ ନିଶ୍ଚିତ ରୂପେ ଗୁଞ୍ଜରଣ କରିବ ।

*ଅବଶିଷ୍ଟାଂଶ ପୃଷ୍ଠା- ୯ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**